

ସନ୍ତୋଷୀ-ସନ୍ନୀ ସାଥିସାଥ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-60 ♦MONDAY ♦24 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୦ ♦ସୋମବାର ♦୨୪ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବାଂଲାଦେଶରେ ହିନ୍ଦୁ ଶିକ୍ଷକଙ୍କ ପରିବାରର ୪ଜଣଙ୍କୁ ହତ୍ୟା

■ ରଙ୍ଗପୁର, ୨୩।୮ (ଏଜେନ୍ସି): ବାଂଲାଦେଶର ରଙ୍ଗପୁର ସହରରୁ ଏକ ଅତ୍ୟନ୍ତ ରହସ୍ୟଜନକ ଏବଂ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି । ସେଠାକାର ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ହିନ୍ଦୁ ଶିକ୍ଷକ, ତାଙ୍କ ପତ୍ନୀ ଏବଂ ଦୁଇ ଜଣ ନାବାଳକ ସନ୍ତାନଙ୍କର ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ଏହି ଘଟଣାରେ ଏକ ବଡ଼ଧରଣର ତଦନ୍ତ ଆରମ୍ଭ କରିଛି । ପୁଣି ଥରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ମୃତକମାନେ ହେଲେ ୬୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ୫୦ ବର୍ଷୀୟା ପତ୍ନୀ ପ୍ରୀତିଲତା ଚକ୍ରବର୍ତ୍ତୀ, ୨୩ ବର୍ଷୀୟା ଝିଅ ଆଗାମୀ ଚକ୍ରବର୍ତ୍ତୀ ଏବଂ ୧୨ ବର୍ଷୀୟ ପୁଅ ପ୍ରିୟମ୍ ଚକ୍ରବର୍ତ୍ତୀ । ଗତ ଗୁରୁବାର ରାତିରୁ ପରିବାରର ସମସ୍ତ ସଦସ୍ୟଙ୍କ ଫୋନ୍ ବନ୍ଦ ରହିବାରୁ ସମ୍ପର୍କୀୟମାନେ ସନ୍ଦେହ କରିଥିଲେ । ଶନିବାର ବିଳମ୍ବିତ ▶ପୃଷ୍ଠା-୭



## ଭ୍ରମାତ୍ମକ ବିଜ୍ଞାପନ; ୧୫୦ କମ୍ପାନୀଙ୍କୁ ଏଫ୍ଏସ୍ଏସ୍ଏଆଇର ନୋଟିସ୍




■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ନିୟମ ଅନୁପାଳନରେ ଖିଲାପକୁ ନେଇ କେନ୍ଦ୍ର ସରକାର ଗତ କିଛି ମାସ ମଧ୍ୟରେ ଅନେକ ପ୍ରମୁଖ ଖାଦ୍ୟ ବ୍ରାଣ୍ଡ ଏବଂ ଖୁଚୁରା ଚେନ୍ ବିକ୍ରେତାଙ୍କୁ ପ୍ରାୟ ୧୫୦ ନୋଟିସ୍ ଜାରି କରିଛନ୍ତି । ଭାରତର ଖାଦ୍ୟ ସୁରକ୍ଷା ନିୟାମକ ସଂସ୍ଥା (ଏଫ୍ଏସ୍ଏସ୍ଏଆଇ) ଭ୍ରମାତ୍ମକ ବିଜ୍ଞାପନ, ମିଥ୍ୟା ଦାବି ଏବଂ ଲେବଲିଂ ନିୟମ ପାଳନ ନକରିବା ପାଇଁ ଏହି ନୋଟିସ୍ ଜାରି କରିଛି । ନୋଟିସ୍ ଜାରି ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ନେସ୍‌ଲେ ଇଣ୍ଡିଆ, ପେପ୍‌ସିକୋ ଏବଂ କୋକା-କୋଲା ଇଣ୍ଡିଆ ଭଳି ପ୍ରମୁଖ କମ୍ପାନୀ ରହିଛନ୍ତି । ଆମାଜନ ଏବଂ ଫ୍ଲିପକାର୍ଟ ସମେତ ଇ-କମର୍ସ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନୋଟିସ୍ ଜାରି କରାଯାଇଛି । କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ▶ପୃଷ୍ଠା-୭

# ଦରବୃଦ୍ଧିରେ ଓଡ଼ିଶା ଏକ ନମ୍ବର

**ଡବଲ ଇଞ୍ଜିନ; ଡବଲ ଯନ୍ତ୍ରଣା**

## ଜାନୁଆରୀଠାରୁ ମୁଦ୍ରାସ୍ଫୀତି ବଢ଼ିଛି ୨.୯୫ ପ୍ରତିଶତ

■ ଭୁବନେଶ୍ୱର, ୨୩।୮ (ସମିସ): ଡବଲ ଇଞ୍ଜିନ୍ ସରକାର ଆସିଲେ ରାଜ୍ୟ ଘିଅ ମହୁରେ ଭାସିବ । ଲୋକମାନଙ୍କର ସବୁ ଦୁଃଖ ଦୂର ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ମାତ୍ର ଦୁଇଟା ବର୍ଷ ଯାଇ ନାହିଁ, ଦୁଃଖ ଦୂର ହେବା ତ ଦୂରର କଥା; ଲୋକଙ୍କ କଷଣ ଦୁଇଗୁଣ ହୋଇଛି । ଦରଦାମ ବୃଦ୍ଧି ହାରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ପହଞ୍ଚିଛି । ସାରା ଦେଶରେ ବିଭିନ୍ନ ରାଜ୍ୟରେ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣରୁ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି । ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶା ଦର ବୃଦ୍ଧି ହାରରେ ଦେଶର ସବୁ ବଡ଼ବଡ଼ ରାଜ୍ୟକୁ ଅତିକ୍ରମ କରି ଶୀର୍ଷସ୍ଥାନରେ ପହଞ୍ଚିଛି । ଯଦିଓ ଜୁଲାଇରେ ରାଜ୍ୟଗୁଡିକ ମଧ୍ୟରେ ତେଲେଙ୍ଗାନାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଦେଶରେ ରହିଛି, ମାତ୍ର ମୂଲ୍ୟବୃଦ୍ଧି ହାରରେ ଓଡ଼ିଶା ସବୁଠାରୁ ଶୀର୍ଷରେ ଅଛି । ଏହି ରିପୋର୍ଟ ପ୍ରକାଶ କରିଛି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମଓଏସପିଆଇ) । ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ଅସ୍ଥାୟୀ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଅନୁସାରେ ଜୁଲାଇରେ ଓଡ଼ିଶାର ଉପଭୋକ୍ତା ମୂଲ୍ୟସୂଚୀ ସିପିଆଇ ୧୦୭.୦୬ ଓ ରାଜ୍ୟର ମୁଦ୍ରାସ୍ଫୀତି ଜାତୀୟ ହାର ଠାରୁ ଅଧିକ ୪.୪୫ ରହିଛି । ଚଳିତବର୍ଷ ଆରମ୍ଭରୁ ଓଡ଼ିଶାରେ ଖାଉଟି ସାମଗ୍ରୀରେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଯାହାଫଳରେ ଦେଶର ରାଜ୍ୟଗୁଡିକ ମଧ୍ୟରେ ଚଳିତବର୍ଷ ଜାନୁଆରୀଠାରୁ ଓଡ଼ିଶାର ମୁଦ୍ରାସ୍ଫୀତି ସର୍ବାଧିକ ୨.୯୫% ବୃଦ୍ଧି ଘଟିଛି । ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଥିଲା ୧.୮୮ % । ମାତ୍ର ଜୁଲାଇରେ ଏହା ୨.୯୫% ବୃଦ୍ଧି ପାଇ ୪.୮୩ ପ୍ରତିଶତରେ ପହଞ୍ଚିଛି ।

**ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ**

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶରେ ମୁଦ୍ରାସ୍ଫୀତିରେ ୨.୯ ପ୍ରତିଶତ, ତେଲଙ୍ଗାନାର ମୁଦ୍ରାସ୍ଫୀତି ୧.୪ ପ୍ରତିଶତ ବୃଦ୍ଧି ହୋଇଛି ।

ଏନଏସଓ ତଥ୍ୟାନୁଯାୟୀ ଜୁଲାଇ ମାସରେ ଦେଶର ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୁଦ୍ରାସ୍ଫୀତି ଜାତୀୟ ହାରାହାରି ସ୍ତରକୁ ଅତିକ୍ରମ କରିଛି । ଦେଶର ୧୯ଟି ରାଜ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ମୁଦ୍ରାସ୍ଫୀତି ରେକର୍ଡ ହୋଇଥିବା ଜଣାଯାଇଛି । ଜୁଲାଇରେ ପ୍ରାୟ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଦ୍ରାସ୍ଫୀତି ୪ ପ୍ରତିଶତ ଅତିକ୍ରମ କରିଥିଲା ଓ ୧୧ ରାଜ୍ୟ ଜାତୀୟ ମୁଦ୍ରାସ୍ଫୀତି ହାର ୪.୪୫ ପ୍ରତିଶତ ଠାରୁ ଅଧିକ ରହିଥିଲା । ମଧ୍ୟ ପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ସିକିମରେ ମଧ୍ୟ ମୁଦ୍ରାସ୍ଫୀତି ଜାତୀୟ ହାର ୪.୪୫ ପ୍ରତିଶତଠାରୁ ଅଧିକ ରହିଛି ବର୍ଷ ଆରମ୍ଭରେ ତୁଳନାତ୍ମକ ଭାବରେ ସହଜ ମୁଦ୍ରାସ୍ଫୀତି ସହିତ ଅନେକ ରାଜ୍ୟରେ ଏହି ବୃଦ୍ଧି ବିଶେଷ ଭାବରେ ବୃଦ୍ଧି ଘଟିଛି ।

ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ମାତ୍ର ୧.୮୮ ପ୍ରତିଶତ ଥିଲା ଏବଂ ମେ' ମାସରେ ଏହା ୪ ପ୍ରତିଶତ ଉପରେ ବୃଦ୍ଧି ପାଇ ଜୁନ୍ ମାସରେ ୫.୧୫ ପ୍ରତିଶତରେ ପହଞ୍ଚିଥିଲା । ଶେଷରେ ଜୁଲାଇରେ ଏହା ୪.୮୩ ପ୍ରତିଶତକୁ ସାମାନ୍ୟ ହ୍ରାସ ପାଇଛି । ରାଜ୍ୟସ୍ତରୀୟ ମୂଲ୍ୟ ଚାପ ବୃଦ୍ଧି ପାଇବା ଫଳରେ ଜୁଲାଇରେ ଲଗାତାର ଭାବେ ୪ର୍ଥ ମାସ ପାଇଁ ଭାରତର ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଉପଭୋକ୍ତା ମୂଲ୍ୟ ସୂଚୀ ଗତ ବର୍ଷ ତୁଳନାରେ ୪.୪୫ ପ୍ରତିଶତ ବୃଦ୍ଧି ▶ପୃଷ୍ଠା-୭

'ମୁଲତବୀ' ପରେ ହୋଇନାହିଁ ସଂସଦର 'ପ୍ରୋରୋଗ'

## ଡକାଯିବ ଜରୁରୀ ଅଧିବେଶନ !

■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଲୋକସଭା ଓ ରାଜ୍ୟସଭାକୁ ମୁଲତବୀ ପରେ ଔପଚାରିକ ଭାବେ ଶେଷ ଘୋଷଣା ହୋଇନାହିଁ । ଉଭୟ ଗୃହକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାର ୧୦ ଦିନ ବିତିଥିଲେ ମଧ୍ୟ ଅଧିବେଶନ ପ୍ରୋରୋଗ୍ ହୋଇନଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି । ସରକାର ନୂଆ ଅଧିବେଶନ ନ ଡାକି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇବାକୁ ଚାହୁଁଛି କି ବୋଲି ସାମ୍ବିଧାନିକ ବିଶେଷଜ୍ଞ ଓ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକଟ କରିଛନ୍ତି ।



ସାଧାରଣତଃ ଗୃହକୁ 'ସାଇନ୍ ଡାଇ' କରାଯିବାର ୩ରୁ ୪ ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରୋରୋଗେସନ୍ ସମ୍ପର୍କିତ ଘୋଷଣା ହୋଇଥାଏ । ମାତ୍ର ରବିବାର ସୁଦ୍ଧା ମୌସୁମୀ ଅଧିବେଶନର ପ୍ରୋରୋଗେସନ୍ ନେଇ କୌଣସି ବିଜ୍ଞପ୍ତି ଜାରି ହୋଇ ନାହିଁ । ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସଂସଦର ଅଧିବେଶନ ଡାକିବା ଓ ଶେଷ କରିବାର ଔପଚାରିକ ପ୍ରକ୍ରିୟା ସମ୍ପନ୍ନ କରନ୍ତି । ମାତ୍ର ଅଧିବେଶନ ସମାପ୍ତିର ଔପଚାରିକ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ପୁନର୍ବାର ଡିଲିମିଟେସନ ବିଲ୍ ନିମନ୍ତେ ସରକାର ଅଧିବେଶନ ଡାକିପାରନ୍ତି ବୋଲି ଅନେକ ଆଶଙ୍କା କରିଛନ୍ତି ।

୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସମୟରେ ସରକାର ସଂସଦୀୟ ଓ ବିଧାନସଭା କ୍ଷେତ୍ର ସୀମା ନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ପୁନର୍ବାର ଆଣିପାରନ୍ତି ବୋଲି ମଧ୍ୟ କଂଗ୍ରେସ ସନ୍ଦେହ କରିଛି । ବଜେଟ୍ ଅଧିବେଶନ ସମୟରେ ଏଭଳି ଏକ ପ୍ରୟାସ ହୋଇଥିଲେ ▶ପୃଷ୍ଠା-୭

## ଲଦାଖରେ ପ୍ରତିଷ୍ଠା ହେବ ହାଇକୋର୍ଟ ବେଞ୍ଚ



**ପଶ୍ଚିମ ଓଡ଼ିଶାରେ କେବେ ବୋଲି ପ୍ରଶ୍ନ କଲା ବିଜେଡି**

**ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ଯବାବ ମାଗିଲେ ରୋହୀତ**

■ ଭୁବନେଶ୍ୱର, ୨୩।୮ (ସମିସ): ଲଦାଖରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ନେଇ ଦୁଇ ଦିନ ତଳେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ପୂର୍ବରୁ କୋଲାପୁରରେ ମଧ୍ୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଘୋଷଣା ହୋଇଛି । ଏହି ଦୁଇଟି ସ୍ଥାନର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ସମ୍ବଲପୁରି ବିଜେଡି ଜିଲ୍ଲା ସଭାପତି ରୋହୀତ ପୂଜାରୀ ସ୍ୱାଗତ କରିଥିଲେ ମଧ୍ୟ ଓଡ଼ିଶା ପ୍ରତି ଏ କ୍ଷେତ୍ରରେ କାହିଁକି ବୈମାତୃକ ମନୋଭାବ ପୋଷଣ କରାଯାଉଛି, ତାକୁ ନେଇ ପ୍ରଶ୍ନ କରିଛନ୍ତି । ରବିବାର ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ପୂରିସାରିଛି । ହେଲେ ଗତ ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବିଜେପି ନେତାମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ▶ପୃଷ୍ଠା-୭

ଉଠା ଜଳସେଚନ ନିଗମରେ ଅଜବ ନୀତି

## ୧୧ ପଦରେ ୩ ଅଧିକାରୀ

■ ଭୁବନେଶ୍ୱର, ୨୩।୮ (ସମିସ): ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଯୋଗୁଁ ସାରା ରାଜ୍ୟରେ ଚାଷୀଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ ଓଡ଼ିଶା ଉଠା ଜଳସେଚନ ନିଗମର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ହେଁ ଅଜବ ନୀତି ଓ ଅପରିପକ୍ୱ ନିଷ୍ପତ୍ତି ନିଗମର ବର୍ତ୍ତମାନକୁ ପ୍ରଶ୍ନଘେରରେ ଠିଆ କରିଛି; ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ବିଡ଼ମ୍ବନା ହେଉଛି, ବର୍ଷକୁ ପ୍ରାୟ ୮୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଉଠା ଜଳସେଚନ ନିଗମ ବର୍ଷାଧିକ କାଳ ହେଲା କାମଚଳା ପରିଚାଳନା ନିର୍ଦ୍ଦେଶକଙ୍କ ଅଧୀନରେ କାମ କରୁଛି । ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଲା ମୁଖ୍ୟାଳୟରେ ୧୧ଟି ଉଚ୍ଚ ପଦରେ ମାତ୍ର ୩ ଜଣ ଅଧିକାରୀ କାମ କରୁଛନ୍ତି ।

ସାରା ରାଜ୍ୟରେ ଏମିତି କୌଣସି ଡିଭିଜନ ନାହିଁ, ଯେଉଁଠାରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆସିନାହିଁ । ବିନିଯୋଗପତ୍ର ପ୍ରଦାନରେ ବିଭ୍ରାଟ ଓ ବିନା ଖର୍ଚ୍ଚରେ ବିନିଯୋଗପତ୍ର ପ୍ରଦାନରେ

**୨ ନିର୍ବାହୀ ଯନ୍ତ୍ରୀ ଓ ୨ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି ସହକାରୀ ଯନ୍ତ୍ରୀ**

**ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଲାଉଛନ୍ତି ନିର୍ବାହୀ ଯନ୍ତ୍ରୀ ଓ ଉପନିର୍ଦ୍ଦେଶକ ଦାୟିତ୍ୱ**

**ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ହୋଇନାହିଁ**

**ଇଡି ଓ ଏମ୍‌ଡି ପଦ ସମ୍ଭାଳୁଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ**

ଉଠାଜଳସେଚନ ନିଗମ ସବୁଠାରୁ ଆଗରେ ଥିବା କୁହାଯାଉଛି । ତେବେ ଏଠାରେ ବିଭ୍ରାଟ ଓ ଅନିୟମିତତାକୁ ନୀତିରେ ▶ପୃଷ୍ଠା-୭

**ବଙ୍ଗୋପସାଗରରେ ପୁଣି ଲଘୁଚାପ**

## ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା

■ ଭୁବନେଶ୍ୱର, ୨୩।୮ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି । ଗତକାଲିର ଘୂର୍ଣ୍ଣବଳୟ ପ୍ରଭାବରେ ରବିବାର ସକାଳ ୫ଟା ୩୦ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ପ୍ରଭାବରେ ଶନିବାରଠାରୁ ରାଜ୍ୟରେ ପୁଣି ଏକ ନୂତନ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି । ଏହି ଲଘୁଚାପର ପ୍ରଭାବ ଆହୁରି ୨-୩ ଦିନ ପର୍ଯ୍ୟନ୍ତ ରହିବାକୁ ଥିବା ବେଳେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି । ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ବିଶେଷ କରି ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରିଛି । ସେହିପରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ନୟାଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ବାଲାଙ୍ଗୀର ଓ ▶ପୃଷ୍ଠା-୭

**ମାସ ଶେଷକୁ ପୁଣି ଏକ ଲଘୁଚାପ**

## ଘାଇ ଏବେ ବି ମୁକୁଳା



■ ଆନନ୍ଦପୁର, ୨୩।୮ (ସମିସ): ଭାରତୀୟ ପାଣିପାଗ ବିଭାଗର ଘନଘନ ସୂଚନା ଅନୁଯାୟୀ, ଚଳିତ ସପ୍ତାହରେ ବଡ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ବନ୍ୟା ପ୍ରଭାବିତମାନେ ଭୟଭୀତ ହୋଇପଡିଛନ୍ତି । ବିଶେଷକରି ଆନନ୍ଦପୁର ରିଙ୍ଗ ରୋଡରେ ହୋଇଥିବା ଘାଇ ମୁକୁଳା ଥିବାରୁ କ୍ଷତିଗ୍ରସ୍ତଙ୍କ ମନରେ ଛନକା ପଶିଯାଇଛି । ଉତ୍ତର ଉପକୂଳ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗତ ଜୁଲାଇ ମାସ ବନ୍ୟାରେ ଆନନ୍ଦପୁର ରିଙ୍ଗ ରୋଡରେ ଘାଇ ଯୋଗୁଁ ବନ୍ୟାଜଳ ଆନନ୍ଦପୁର ସହରତଳି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏହି ଘାଇ ମରାମତିକୁ ନେଇ ରାଜନୈତିକ ଛକାପଞ୍ଝା ଲାଗିଥିବାରୁ ପ୍ରପୀଡ଼ିତଙ୍କୁ କ୍ଷତି ସହିବାକୁ ପଡିଛି । ୭ ▶ପୃଷ୍ଠା-୭

୮ ମିନିଟରେ ବୁଡ଼ି ଯାଇଥିଲା 'ଓସେନ୍ ୱିନର'

## ୨ ଉଦ୍ଧାର, ଏବେ ବି ୨୨ ନିଖୋଜ

■ ଭୁବନେଶ୍ୱର/ପାରାଦୀପ, ୨୩।୮ (ସମିସ): ପାରାଦୀପ ବନ୍ଦରଠାରୁ ପ୍ରାୟ ୪୪୫ କିଲୋମିଟର ଦୂର ବଙ୍ଗୋପସାଗରରେ ପାନାମା ପତାକାଧାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର'ର ମାତ୍ର ୨ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି ଓ ଅବଶିଷ୍ଟ ୨୨ ନାବିକ ଓ କର୍ମଚାରୀ ଏବେ ବି ନିଖୋଜ । ସେମାନଙ୍କୁ ଉଦ୍ଧାର ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଅନମୋଲ, ବିଜୟ ଓ ବରାଡ଼ ନାମକ ତିନଟି ଜାହାଜକୁ ମୁତୟନ କରାଯାଇଥିଲେ ହେଁ ଏଯାଏ ଜାହାଜର କର୍ମଚାରୀମାନଙ୍କୁ ଠାବ କରାଯାଇନାହିଁ ।

ଓସେନ ୱିନରରେ ୨୪ ଜଣ କର୍ମଚାରୀ ଥିଲେ । ଏମାନଙ୍କ ମଧ୍ୟରୁ ୨୦ ଜଣ ଚୀନ ଦେଶର, ୩ ଜଣ ମିଆଁମାରର ଓ ଜଣେ ବାଂଲାଦେଶୀ ନାଗରିକ ଥିଲେ । ଜାହାଜ ବୁଡ଼ିଯିବା ସମୟରେ ସମସ୍ତେ ଲାଇଫ୍ ବୋଟ୍‌ରେ ସମୁଦ୍ରକୁ ଓହ୍ଲାଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଚୀନ୍ ନାଗରିକଙ୍କୁ ନିକଟରେ ଥିବା




ଅନ୍ୟଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍ ଉଦ୍ଧାର କରିଥିଲା । ମାତ୍ର ଅନ୍ୟମାନଙ୍କର ପତ୍ତା ଏଯାଏ ମିଳିନାହିଁ । ନିଖୋଜ ଅନ୍ୟ ୨୨ ଜଣଙ୍କ ସନ୍ଧାନରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା ଓ ଅନ୍ୟ ଜାହାଜଗୁଡ଼ିକ ପକ୍ଷରୁ ବ୍ୟାପକ ଅଭିଯାନ ଜାରି ରହିଛି । ସେହିପରି ନୌସେନାର ଜାହାଜ ଓ ବିମାନ ମଧ୍ୟ ସନ୍ଧାନ ଅଭିଯାନରେ ସାମିଲ ହୋଇଛି । ସମୁଦ୍ରରେ ଥିବା ଅନ୍ୟ ଜାହାଜଗୁଡ଼ିକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ସୂଚନା ଦିଆଯାଇଛି । ▶ପୃଷ୍ଠା-୭

**ଉଦ୍ଧାରରେ ତଟରକ୍ଷୀ ବାହିନୀର ୩ ଜାହାଜ ମୁତୟନ**

ଏମ୍‌ଏମଡିଆର ଆଇନ ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି

# ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ

■ ଭୁବନେଶ୍ୱର, ୨୩।୮ (ସମିସ): ସଂଶୋଧିତ ଏମଏମଡିଆର ଆଇନ୍ ସଂସଦରେ ପାରିତ ହେବା ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି ହେବ । ଏହି ବିଲ୍‌କୁ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରିଲା । ଏହି ଆଇନ୍ ଲାଗି ହେବା ଫଳରେ ରାଜ୍ୟର ସମସ୍ତ ଖଣି ଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧିନକୁ ଚାଲିଯିବ । ଖଣିଜ ସମ୍ପଦରେ ଭରା ଓଡ଼ଶାର ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଟେକି ଦିଆଯାଇଛି । କିନ୍ତୁ ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବିଜେପି ସାଂସଦ ମାନେ ସଂସଦରେ ମୁଁହ ନ ଖୋଲିବାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି । ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସଙ୍ଗରେ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି ।

ଶ୍ରୀ ଘଡ଼େଇ କହିଛନ୍ତି ଯେ ଏହି ଓଡ଼ିଶା ବିରୋଧୀ ବିଲ୍ ପାସ ହେବା ସମୟରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବିଜେପି ସାଂସଦମାନେ ସଂସଦରେ ଚୁପ ରହିଲେ ।



ରାଜ୍ୟ ସ୍ୱାର୍ଥ ବିରୋଧରେ ଭୋଟ ଦେଇ ବିଜେପି ସାଂସଦମାନେ ରାଜ୍ୟର ବ୍ୟାପକ କ୍ଷତି ହେବାକୁ ସମର୍ଥନ କଲେ । ଏହାକୁ ଓଡ଼ିଶା ବାସୀ କେବେ ଭୁଲି ପାରିବେ ନାହିଁ । ବିଜେପି ହେଉଛି ବ୍ୟବସାୟୀ ମାନଙ୍କ ପାର୍ଟି । ବ୍ୟବସାୟୀ ମାନଙ୍କ ହିତକୁ ପ୍ରାଧାନ୍ୟ ଦେବାକୁ ବିଜେପି ଦଳ ଓଡ଼ିଶାକୁ ଲୁଣ୍ଠନ କରିବା ଯୋଜନା କରିଛି । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା ପାଇଁ ଏମଏମଡିଆର ଆଇନକୁ ସଂଶୋଧନ କରାଯାଇଛି । ଖଣି ଖାଦାନ ଉପରେ

**ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ ରହିଲେ**

**ବିଜେପି ବ୍ୟବସାୟୀମାନଙ୍କ ପାର୍ଟି: ବିଜେଡି**

ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି । ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟ ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ । ଏହି ବିଚାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକ ମାନଙ୍କ ଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ କହିଥିଲେ । ସେହି ଅନୁସାରେ, ଓଡିଶା କେବଳ ବକେୟା ଆକାରରେ ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବ ବୋଲି ଆକଳନ ହୋଇଥିଲା । ଏହାଛଡା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା । କିନ୍ତୁ ଏମଏମଡିଆର ଆଇନ୍‌କୁ ବଦଳାଇ କେନ୍ଦ୍ର ସରକାର ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ହଡ଼ପ କରିଦେଲେ । ଦୁଃଖ ଓ ପରିତାପର ବିଷୟ ଯେ, ଓଡ଼ଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ, ଓଡିଶା ବିରୋଧୀ ଆଇନକୁ ହାତ ଟେକି ସମର୍ଥନ କରିଥିଲେ । ବିଜେପି ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଭଳି କଥା ନକହି ଯଦି ସତ୍ସାହସ ଅଛି ତେବେ ଖୋଲା ▶ପୃଷ୍ଠା-୭

## ଫ୍ରାନ୍ସରେ ନିର୍ମାଣ ହେଲା ପ୍ରଥମ ହିନ୍ଦୁ ମନ୍ଦିର

ପ୍ୟାରିସ୍,୨୩।୮ (ଏଜେନ୍ସି): ଫ୍ରାନ୍ସରେ ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତି ପାଇଁ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ପ୍ୟାରିସ୍ ନିକଟସ୍ଥ ବୁସି-ସାଁ-ଜର୍ଜ ଅଞ୍ଚଳରେ ନିର୍ମିତ ବୋଚାସନବାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହେବ। ଏହାକୁ ଫ୍ରାନ୍ସର ପ୍ରଥମ ବଡ଼ ହିନ୍ଦୁ ମନ୍ଦିର ଭାବେ ବର୍ଣ୍ଣନା କରାଯାଉଛି। ମନ୍ଦିର ଉଦ୍‌ଘାଟନ ଅବସରରେ ସେପ୍ଟେମ୍ବର ୨ରୁ ୧୪ ପର୍ଯ୍ୟନ୍ତ ୧୩ ଦିନିଆ 'ସଂସ୍କୃତି ମହୋତ୍ସବ' ଆୟୋଜିତ ହେବ। ଏଥିରେ ହିନ୍ଦୁ ପରମ୍ପରା, ଭାରତୀୟ କଳା, ସଙ୍ଗୀତ ଓ ସଂସ୍କୃତିର ବିଭିନ୍ନ ଦିଗ ପ୍ରଦର୍ଶିତ ହେବ। ଏହି ମନ୍ଦିର କେବଳ ପୂଜାପାଠ ପାଇଁ ସୀମିତ ରହିବ ନାହିଁ। ଏଠାରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଫ୍ରାନ୍ସରେ ରହୁଥିବା ଭାରତୀୟ ବଂଶୋଦ୍ଭବ, ହିନ୍ଦୁ ସମୁଦାୟ ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହୀ ଲୋକମାନେ ଉଦ୍‌ଘାଟନ ଓ ସଂସ୍କୃତି ମହୋତ୍ସବରେ ଯୋଗଦେବେ ବୋଲି ଆଶା କରାଯାଉଛି। ମନ୍ଦିରର ସବୁଠାରୁ ବିଶେଷ ଆକର୍ଷଣ ହେଉଛି ଏହାର ସ୍ଥାପତ୍ୟ। ଭାରତରୁ ସ୍ୱତନ୍ତ୍ର ଭାବେ ଖୋଦିତ ପଥର ଫ୍ରାନ୍ସକୁ ନେଇ ମନ୍ଦିର ନିର୍ମାଣରେ ବ୍ୟବହାର କରାଯାଇଛି। ପ୍ରାୟ ୧,୦୦୦ ବର୍ଷ ପୁରୁଣା ଭାରତୀୟ ପଥର ଖୋଦେଇ ପରମ୍ପରା ଅନୁସରଣ କରି କାରିଗରମାନେ ଅନେକ ପଥରକୁ ହାତରେ ସୂକ୍ଷ୍ମ ଭାବେ ଖୋଦେଇଛନ୍ତି। ଭାରତରେ ପଥରଗୁଡ଼ିକ ପ୍ରସ୍ତୁତ ହେବା ପରେ ଫ୍ରାନ୍ସକୁ ନିଆଯାଇ ସେଠାରେ ମନ୍ଦିରରେ ସଂଯୋଜନ କରାଯାଇଛି। ଏହି ନିର୍ମାଣରେ ଭାରତୀୟ କାରିଗରଙ୍କ ସହ ଫ୍ରାନ୍ସର ବିଶେଷଜ୍ଞମାନେ ମଧ୍ୟ କାମ କରିଛନ୍ତି। ଏପରିକି ନୋତ୍ର-ଦାମ୍ କ୍ୟାଥେଡ୍ରାଲର ପୁନରୁଦ୍ଧାର କାମରେ ଜଡ଼ିତ ବିଶେଷଜ୍ଞମାନେ ମଧ୍ୟ ନିର୍ମାଣରେ ସହଯୋଗ କରିଛନ୍ତି।



● ସେପ୍ଟେମ୍ବରରେ ୧୩ ଦିନିଆ ଉଦ୍‌ଘାଟନୀ ମହୋତ୍ସବ

## ହିନ୍ଦୁ ପର୍ବକୁ ଅପମାନ: ବାଲିରେ ସ୍ୱିଜରଲାଣ୍ଡ ପର୍ଯ୍ୟଟକଙ୍କୁ ବର୍ଷେ ଜେଲ୍

ବାଲି,୨୩।୮ (ଏଜେନ୍ସି): ଇଣ୍ଡୋନେସିଆର ବାଲିରେ ହିନ୍ଦୁମାନଙ୍କ ପବିତ୍ର 'ନ୍ୟେପି' ପର୍ବର ନିୟମ ଉଲ୍ଲଂଘନ କରିବା ସହ ଏହାକୁ ସାମାଜିକ ଗଣମାଧ୍ୟମରେ ଅପମାନ କରିବା ଅଭିଯୋଗରେ ୨୬ ବର୍ଷୀୟ ସ୍ୱିଜରଲାଣ୍ଡ ପର୍ଯ୍ୟଟକ ଲୁଜିଆନ ଆନ୍ଦ୍ରିନ ଜଗ୍ରାଗେନଙ୍କୁ ଏକ ବର୍ଷ ଜେଲ ଦଣ୍ଡ ଦିଆଯାଇଛି। ଜଗ୍ରାଗେନ ନ୍ୟେପି ଦିନ ବାଲିର ଖାଲି ସମୁଦ୍ରତଟକୁ ଯାଇ ଏକ ଭିଡିଓ ରେକର୍ଡ କରିଥିଲେ। ପରେ ସେ ଏହାକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରି ପର୍ବର ନିୟମ ଓ ନିରବତାକୁ ନେଇ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ନ୍ୟେପି ବାଲିର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ପର୍ବ। ଏହାକୁ 'ନିରବତାର ଦିବସ' ମଧ୍ୟ କୁହାଯାଏ। ଏହି ଦିନ ବାଲି ଦ୍ୱୀପ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଶାନ୍ତ ହୋଇଯାଏ। ଲୋକମାନେ ଘରେ ରହି ନିରବତା ପାଳନ, ଉପବାସ ଓ ଧ୍ୟାନ କରନ୍ତି। ଏହି ସମୟରେ ବିମାନବନ୍ଦର ବନ୍ଦ ରହିବା ସହ ଯାତାୟାତ, ବିଦ୍ୟୁତ ବ୍ୟବହାର ଓ ସାର୍ବଜନୀନ କାର୍ଯ୍ୟକଳାପ ଉପରେ କଡ଼ା କଟକଣା ରହେ। ଧର୍ମ ନିର୍ବିଶେଷରେ ବାଲିରେ ଥିବା ସମସ୍ତଙ୍କୁ ଏହି ନିୟମ ପାଳନ କରିବାକୁ ପଡ଼େ। ଜଗ୍ରାଗେନ ନ୍ୟେପିର ନିୟମ ଉଲ୍ଲଂଘନ କରି ସମୁଦ୍ରତଟକୁ ଯାଇଥିଲେ। ସେଠାରୁ ସେ ଏକ ଭିଡିଓ ପ୍ରକାଶ କରିଥିଲେ। ଭିଡିଓଟି ସାମାଜିକ ଗଣମାଧ୍ୟମରେ ଛଡ଼ାଇବା ପରେ ବାଲିର ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଦାଲତରେ ଜଗ୍ରାଗେନ କହିଥିଲେ ଯେ, ନ୍ୟେପିର ନିୟମ କେତେ ଗମ୍ଭୀର ତାହା ସେ ବୁଝିପାରିନଥିଲେ। ବାଲିର ପରମ୍ପରା କିମ୍ବା ସ୍ଥାନୀୟ ଲୋକଙ୍କୁ ଅପମାନ କରିବା ତାଙ୍କ ଉଦ୍ଦେଶ୍ୟ ନଥିଲା ବୋଲି ସେ କହିଥିଲେ। ସେ ନିଜ କାର୍ଯ୍ୟ ପାଇଁ ଗଭୀର ଅନୁତାପ ପ୍ରକାଶ କରି ବାଲିର ଲୋକଙ୍କୁ କ୍ଷମା ମାଗିଥିଲେ।



## ଦିଲ୍ଲୀରେ ମଧ୍ୟ ଆଇଫୋନ୍ ଇଏମ୍ଆଇ ଚିନ୍ତା

## ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ମହାରାଷ୍ଟ୍ରରେ ଫୋନ୍ ପାଇଁ ପରିବାର ନିଶ୍ଚିହ୍ନ ହେବା ଭଳି ଦୁଃଖଦ ଘଟଣା ପରେ ଦିଲ୍ଲୀରୁ ମଧ୍ୟ ସମାନ ପ୍ରକାରର ଘଟଣା ସାମ୍ନାକୁ ଆସିଛି। ଆଇଫୋନ୍ କିସ୍ତି ବା ଇଏମ୍ଆଇ ଟଙ୍କା ପୈଠ କରିନପାରି ଜଣେ ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତେବେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀଙ୍କ ସତର୍କତା ଯୋଗୁଁ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଜଣକ ହେଲେ ଦିଲ୍ଲୀର ଓଖ୍ଲା ଅଞ୍ଚଳରେ ରହୁଥିବା ୩୦ ବର୍ଷୀୟ ନୃତ୍ୟ ଶିକ୍ଷକ ଦୀପକ କୁମାର। ସେ ପରିବାର ପ୍ରତିପୋଷଣ ପାଇଁ ନୃତ୍ୟ ଶିକ୍ଷାଦାନ ସହିତ ବଗିଚା କାମ ମଧ୍ୟ କରନ୍ତି। ଗତ କିଛି ମାସ ହେବ ତାଙ୍କର ଆୟ କମିଯାଇଥିଲା, ଯେଉଁଥିପାଇଁ ସେ କିଣିଥିବା ଆଇଫୋନର ମାସିକ କିସ୍ତି ପୈଠ କରିପାରି ନଥିଲେ। ଏହି ଆର୍ଥିକ ଚାପ ଏବଂ ମାନସିକ ଅବସାଦ କାରଣରୁ ସେ ଗତ ଶୁକ୍ରବାର କାଳୀନ୍ଦୀ କୁଞ୍ଜ୍‌ର ଏକ ଘାଟରୁ ଯମୁନା ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀମାନେ ତାଙ୍କୁ ପାଣିରେ ବୁଡ଼ୁଥିବାର ଦେଖି ତୁରନ୍ତ ଉଦ୍ଧାରକାରୀ ବୋଟ୍ ପଠାଇ ତାଙ୍କୁ ସୁରକ୍ଷିତ ଭାବେ ବାହାର କରିଆଣିଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଆଶ୍ୱାସନା ଏବଂ ପରାମର୍ଶ ଦିଆଯିବା ପରେ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ ଥାନାକୁ ଡକାଇ ସୁରକ୍ଷିତ ଭାବେ ଘରକୁ ପଠାଇ ଦିଆଯାଇଛି। ମୋବାଇଲ ଫୋନକୁ ନେଇ କେବଳ ଛୋଟ ପିଲାଙ୍କ ମଧ୍ୟରେ ନୁହେଁ, ବୟସ୍କ ଲୋକମାନେ ମଧ୍ୟ ମୋହରେ ପଡ଼ୁଛନ୍ତି ବୋଲି ଏହି ଘଟଣାରୁ ପ୍ରମାଣିତ ହେଉଛି। ମୋବାଇଲ ଫୋନକୁ ନେଇ ବୃଦ୍ଧିପାଉଥିବା ଏହି ଭାବ ପ୍ରବଣତା ଏକ ନୂଆ ସାମାଜିକ ସମସ୍ୟା ରୂପେ ଉଭା ହୋଇଛି।



## ତୁର୍କୀରୁ ପହଞ୍ଚିଲା ଡ୍ରୋନ୍ ସହ ସାମରିକ ସାମଗ୍ରୀ

# ପ୍ରତିରକ୍ଷା ଚୁକ୍ତି ଆଳରେ ପାକିସ୍ତାନର ଅସ୍ତ୍ର ସଂଗ୍ରହ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ସାଉଦି ଆରବ ଓ ତୁର୍କୀ ସହ ପ୍ରତିରକ୍ଷା ସହଯୋଗକୁ ଆଧାର କରି ପାକିସ୍ତାନ ନିଜର ସାମରିକ ଅସ୍ତ୍ରଭଣ୍ଡାର ବଢ଼ାଉଥିବା ଦାବି କରାଯାଇଛି। ଅଗଷ୍ଟ ୧୯ରୁ ୨୧ ମଧ୍ୟରେ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ତୁର୍କୀର ଅନେକ ସାମରିକ ବିମାନ ପାକିସ୍ତାନର ବିଭିନ୍ନ ବାୟୁସେନା ଘାଟିରେ ଯାତାୟାତ କରିଥିବା ସୂଚନା ମିଳିଛି। ଏଥିରେ ସି-୧୩୦ ସାମରିକ ପରିବହନ ବିମାନ ଓ ଏ-୪୦୦ଏମ୍ ବିମାନ ସାମିଲ ଥିବା ଦାବି କରାଯାଇଛି। ତୁର୍କୀ ପକ୍ଷରୁ ପାକିସ୍ତାନକୁ ବିଭିନ୍ନ ପ୍ରକାରର ଡ୍ରୋନ ଓ ପ୍ରତିରକ୍ଷା ସାମଗ୍ରୀ ପଠାଯାଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, ପାକିସ୍ତାନ ତୁର୍କୀଠାରୁ ବାୟରାକ୍ତାର ଟିବି-୨, ଆକିନ୍ସି ଡ୍ରୋନ୍ ଏବଂ କେମାଙ୍କଶ୍ କ୍ରୁଜ୍ କ୍ଷେପଣାସ୍ତ୍ର ଭଳି ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ପାଇଥିବା ଦାବି ହୋଇଛି। ପାକିସ୍ତାନର ଏଫ୍-୧୬ ଯୁଦ୍ଧବିମାନର ଉନ୍ନତିକରଣରେ ମଧ୍ୟ ତୁର୍କୀ ସହଯୋଗ କରିଥିବା କୁହାଯାଇଛି। ଅଗଷ୍ଟ ୭ରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ହୋଇଥିବା ମକ୍କା ଯୁକ୍ତ ପ୍ରତିରକ୍ଷା ଚୁକ୍ତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଏହି ଚୁକ୍ତିର ମୁଖ୍ୟ ଧାରଣା ହେଉଛି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟ ଦେଶଗୁଡ଼ିକ ସହାୟତା କରିବେ।

ଏହି କାରଣରୁ ଏହାକୁ ନାଟୋ ଭଳି ସାମରିକ ସହଯୋଗ ବ୍ୟବସ୍ଥା ସହ ତୁଳନା କରାଯାଉଛି। ଅନ୍ୟପକ୍ଷରେ, ବେଲୁଚିସ୍ତାନରେ ବଢ଼ୁଥିବା ସଶସ୍ତ୍ର ବିଦ୍ରୋହ ପାକିସ୍ତାନ ସରକାର ପାଇଁ ବଡ଼ ଚାଲେଞ୍ଜ ହୋଇଛି। ବେଲୁଚିସ୍ତାନ ଲିବରେସନ୍ ଆର୍ମି ସମେତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ସକ୍ରିୟ ଥିବା ରିପୋର୍ଟରେ ଦାବି କରାଯାଇଛି। ପାକିସ୍ତାନ ସେନା ବେଲୁଚିସ୍ତାନରେ ନିଜର ନିୟନ୍ତ୍ରଣ ମଜବୁତ କରିବା ପାଇଁ ନୂଆ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ପ୍ରତିରକ୍ଷା ସହଯୋଗ ଦକ୍ଷିଣ ଏସିଆ ଓ ପଶ୍ଚିମ ଏସିଆର ଭୂ-ରାଜନୈତିକ ସମୀକରଣକୁ ନୂଆ ଦିଗ ଦେଇପାରେ। ତେବେ ତୁର୍କୀରୁ ନିର୍ଦ୍ଦିଷ୍ଟ ଅସ୍ତ୍ର ଓ ଡ୍ରୋନ ଯୋଗାଣ ସମ୍ପର୍କିତ ଏହି ଦାବିଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ କରାଯାଇଛି କି ନାହିଁ, ସେଥିପାଇଁ ସତର୍କ ରହିବା ଆବଶ୍ୟକ।



## ମାନ୍‌ଙ୍କ ପତ୍ନୀଙ୍କ ବିରୋଧରେ ୫ କୋଟିର ଲାଞ୍ଚ ଅଭିଯୋଗ

ଚଣ୍ଡୀଗଡ଼,୨୩।୮ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ପତ୍ନୀ ଗୁରପ୍ରୀତ କୌରଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲାକୁ ଲୁଚାଇବା ପାଇଁ ୫ କୋଟି ଟଙ୍କା ମାଗିଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ପଞ୍ଜାବ ରାଜନୀତିରେ ତୁମ୍ବିତୋଫାନ ଦେଖାଦେଇଥିବାବେଳେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଜାତୀୟ ମାନବାଧିକାର ଆୟୋଗ ଏହି ମାମଲାରେ ନୋଟିସ୍ ଜାରି କରିବା ପରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣାତ୍ମକ ହୋଇଛନ୍ତି। ପଞ୍ଜାବର ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଅଭିଯୋଗ ହୋଇଛି ଯେ ଜଣେ ଅବସରପ୍ରାପ୍ତ ବିଚାରପତି ସର୍ବସାଧାରଣରେ ଏହି ଟଙ୍କା ଲେଣଦେଣ କଥା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ଆମ୍ ଆଦମୀ ପାର୍ଟି ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଏବଂ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଦଳର ମହିଳା ମୋର୍ଚ୍ଚା ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏହି ମାମଲାରେ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ମିଥ୍ୟା ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ପଠାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଏହି ପ୍ରସଙ୍ଗ ପଞ୍ଜାବ ରାଜନୀତିକୁ ପୂରା ସରଗରମ କରିଛି।



## ପ୍ରତିରକ୍ଷା ମନ୍ତ୍ରଣାଳୟର ଗର୍ଭବତୀ ମହିଳା ଅଧିକାରୀ ମୃତ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ସହକାରୀ ସେକ୍ସନ ଅଧିକାରୀ ତଥା ୩୦ ବର୍ଷୀୟା ଗର୍ଭବତୀ ମହିଳା ନାଜିଆ ଖାନମ୍‌ଙ୍କୁ ରହସ୍ୟଜନକ ଅବସ୍ଥାରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ସ୍ୱାମୀ ଏବଂ ଶାଶୂଘର ଲୋକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଅଣାଯାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୧ରେ ନାଜିଆଙ୍କର ଆଜମ ଅଲି ଖାନଙ୍କ ସହିତ ବିବାହ ହୋଇଥିଲା। ବିବାହର ମାତ୍ର ୪ ମାସ ପରେ ଏଭଳି ଦୁଃଖଦ ଘଟଣା ଘଟିଛି। ସେ ତିନି ମାସର ଗର୍ଭବତୀ ମଧ୍ୟ ଥିଲେ। ବିବାହ ପରଠାରୁ ସ୍ୱାମୀ, ଶାଶୂ ସମିନ ନିଶା ଏବଂ ଶ୍ୱଶୁର ବାବର ଅଲି ଖାନ ତାଙ୍କୁ କ୍ରମାଗତ ଭାବେ ଗାଳିଗୁଲଜ, ମାଡ଼ପିଟ୍ ଏବଂ ଘରୁ ବାହାର କରିଦେବାକୁ ଧମକ ଦେଉଥିବା ନେଇ ସେ ପରିବାରକୁ ଜଣାଇଥିଲେ। ଗତ ଅଗଷ୍ଟ ୨୧ ତାରିଖ ଭୋର ପ୍ରାୟ ୪ଟା ସମୟରେ ନାଜିଆ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ଖବର ମିଳିଥିଲା। କିନ୍ତୁ ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ହତ୍ୟା ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି। ନାଜିଆଙ୍କ ପିତା ତାଙ୍କ ସ୍ୱାମୀଙ୍କୁ ଏହି ମୃତ୍ୟୁ ପାଇଁ ଦାୟୀ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



ଶାଶୂଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

## ■ ଅପରେସନ୍ ସିନ୍ଦୂର ୧୫ ମାସ ପରେ

# ପୁଣି ନିର୍ମାଣ ହେଲା ଜୈଶ୍‌ର ବାହାବଲପୁର ଘାଟି

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର' ଆକ୍ରମଣରେ ପାକିସ୍ତାନର ବାହାବଲପୁରସ୍ଥିତ ଜୈଶ-ଏ-ମହମ୍ମଦର ପ୍ରମୁଖ ଘାଟି 'ମର୍କଜ ସୁଭାନ ଆଲ୍ଲାହ' ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧୫ ମାସ ପରେ ଏହି ପରିସରର ପୁନଃନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦାବି କରାଯାଇଛି। ଏହାର ପୁନଃନିର୍ମାଣର ଭିଡିଓ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ପଞ୍ଜାବ ପ୍ରଦେଶରେ ଥିବା ଏହି ବିଶାଳ ପରିସରରେ ନୂଆ ମାର୍ବଲ ଲଗାଯାଇଛି, ନୂଆ ରଙ୍ଗ ଓ ପ୍ଲାଷ୍ଟର କରାଯାଇଛି। ଆକ୍ରମଣରେ କ୍ଷତିଗ୍ରସ୍ତ ଗୁମ୍ବଜଗୁଡ଼ିକୁ ମଧ୍ୟ ପୁଣି ନିର୍ମାଣ କରାଯାଇଛି। ମୁଖ୍ୟ ହଲ୍‌ରେ ହୋଇଥିବା କ୍ଷତିର ଚିହ୍ନ ଓ ଗର୍ତ୍ତଗୁଡ଼ିକୁ ପୂରଣ କରି ଭବନକୁ ପୁଣି ସଜାଯାଇଛି। ଇଣ୍ଡିଆ ଟୁଡେର ଗୁପ୍ତଚର ସୂଚନା ଅନୁସାରେ, ଜୈଶ-ଏ-ମହମ୍ମଦର ଏହି ଘାଟିର ପୁନଃନିର୍ମାଣ ପାଇଁ ପ୍ରାୟ ୨୫ କୋଟି ପାକିସ୍ତାନୀ ଟଙ୍କା କିସ୍ତିରେ ଦିଆଯାଇଥିବା ଦାବି ହୋଇଛି। ଏଥିରୁ ପ୍ରାୟ ୧୧ କୋଟି ପାକିସ୍ତାନୀ ଟଙ୍କା କେବଳ ମୁଖ୍ୟ ହଲ୍‌ର ପୁନଃନିର୍ମାଣରେ ଖର୍ଚ୍ଚ ହୋଇଥିବା କୁହାଯାଇଛି। ମୁଖ୍ୟ ପରିସର ନିକଟରେ ଥିବା ମଦ୍ରାସା ଅଲ୍-ସାବିର ଓ ଜୈଶ ନେତାଙ୍କ ଆବାସିକ ଅଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଅଞ୍ଚଳରେ ମଧ୍ୟ ପୁଣି ନିର୍ମାଣ କାମ ଆରମ୍ଭ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୫ ମେ ୭ରେ ଭାରତ 'ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ଏହାର ପୃଷ୍ଠଭୂମିରେ ଥିଲା ୨୦୨୫ ଏପ୍ରିଲ ୨୨ର ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯାନରେ ବାହାବଲପୁରର 'ମର୍କଜ ସୁଭାନ ଆଲ୍ଲାହ' ମଧ୍ୟ ଭାରତୀୟ ଆକ୍ରମଣର ଲକ୍ଷ୍ୟ ହୋଇଥିଲା। ଆକ୍ରମଣ ପରେ ଏହି ପରିସରର ଅନେକ ଅଂଶ ବହୁ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା। 'ମର୍କଜ ସୁଭାନ ଆଲ୍ଲାହ' ପ୍ରାୟ ୧୮ ଏକର ଅଞ୍ଚଳରେ ଅବସ୍ଥିତ। ଏହାକୁ 'ଉସମାନ-ଓ-ଅଲି କ୍ୟାମ୍ପସ' ନାମରେ ମଧ୍ୟ ଜଣାଯାଏ। ଏଠାରେ ମସଜିଦ ସହିତ ଅନ୍ୟାନ୍ୟ ଭବନ ଓ ସୁବିଧା ଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଏହି କେନ୍ଦ୍ର ଜୈଶ-ଏ-ମହମ୍ମଦର କ୍ୟାଡର ନିଯୁକ୍ତି, ପ୍ରଶିକ୍ଷଣ ଓ ଚିନ୍ତାଧାରାଗତ ପ୍ରସ୍ତୁତି ସହ ଜଡ଼ିତ ଥିଲା। ଏହି ସଂଗଠନକୁ ପାକିସ୍ତାନ ୨୦୦୨ରେ ନିଷିଦ୍ଧ କରିଥିଲେ ମଧ୍ୟ, ଏହାର ନେତାମାନେ ପାକିସ୍ତାନରେ ରହି କାର୍ଯ୍ୟକଳାପ ଜାରି ରଖିଥିବା ଭାରତୀୟ ରିପୋର୍ଟରେ ଦାବି କରାଯାଇଛି। ଜୈଶ-ଏ-ମହମ୍ମଦ ସହ ୨୦୦୧ର ସଂସଦ ଆକ୍ରମଣ, ୨୦୧୬ର ପଠାନକୋଟ ବାୟୁସେନା ଘାଟି ଆକ୍ରମଣ ଏବଂ ୨୦୧୯ର ପୁଲୱାମା ଆତ୍ମଘାତୀ ଆକ୍ରମଣ ଭଳି ଅନେକ ବଡ଼ ଆତଙ୍କବାଦୀ ଘଟଣାର ସମ୍ପର୍କ ଥିବା ଅଭିଯୋଗ ରହିଛି। ୨୦୨୫ ମେ ୭ର ଭାରତୀୟ ଆକ୍ରମଣରେ ଜୈଶ ମୁଖ୍ୟ ମସୁଦ ଅଜହରଙ୍କ କିଛି ସମ୍ପର୍କୀୟ ମଧ୍ୟ ନିହତ ହୋଇଥିବା ଜୈଶ ପକ୍ଷରୁ ଦାବି କରାଯାଇଥିଲା।



## ମିରଟରେ ଅକଥନୀୟ ହାଜତ ନିର୍ଯାତନା ମାମଲା

## ୯ ପୁଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ମିରଟ,୨୩।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟରେ ଜଣେ କୃଷକ ନେତା ଏବଂ ତାଙ୍କ ସହଯୋଗୀଙ୍କୁ ପୁଲିସ ହାଜତରେ ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାପରେ ଏସଏସପି ଅବିନାଶ ପାଣ୍ଡେଙ୍କୁ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏହା ସହିତ ସିଭିଲ୍ ଲାଇନ୍ସ ଥାନାର ଏସଏଚଓ ଏବଂ ୨ ଜଣ ସବ୍-ଇନ୍ସପେକ୍ଟର ଓ ୫ ଜଣ କନଷ୍ଟେବଲଙ୍କୁ ପୁଲିସ ଲାଇନ୍ କରାଯାଇଛି। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିୟନର ନେତା ଦିଗ୍‌ବିଜୟ ଭାଟି ଏବଂ ତାଙ୍କ ସହଯୋଗୀ ମୋହିତ ଜାଟଭ୍ ଅଭିଯୋଗ କରିଛନ୍ତି ଯେ ଏସଏସପିଙ୍କ କାର୍ଯ୍ୟାଳୟକୁ ଯାଇଥିବା ସମୟରେ ବରିଷ୍ଠ ଅଧିକାରୀ ଏବଂ ଏସଓଜି ଟିମ୍ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ନିର୍ମମ ଭାବେ ମାଡ଼ ମାରିଥିଲେ। କୃଷକ ନେତା ଜଣଙ୍କ ଜାତିଆଣ ଆକ୍ଷେପ ଏବଂ ମାଡ଼ପିଟ୍ କାରଣରୁ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମିରଟ ଜୋନ୍‌ର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଏଡିଜି) ଭାନୁ ଭାସ୍କର ସାହାରନପୁର ପରିସରର ଡିଆଇଜି ଅଭିଷେକ ସିଂହଙ୍କୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଲିସ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଲିସର ଏପରି ଅମାନୁଷିକ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## କାଶ୍ମୀରର ୧୦ଟି ସ୍ଥାନରେ ଏନ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୩।୮ (ଏଜେନ୍ସି): ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜାତୀୟ ତଦନ୍ତ ସଂସ୍ଥା ଏନ୍‌ଆଇଏ କାଶ୍ମୀରର ୧୦ଟି ସ୍ଥାନରେ ଚଢ଼ଉ କରିଛି। ଶ୍ରୀନଗର, କୁପୱାରା, ଅନନ୍ତନାଗ, ପୁଲୱାମା ଓ ବଡଗାମରେ ଏହି ତଲାସି ହୋଇଛି। ପାକିସ୍ତାନରୁ ପରିଚାଳିତ ଆତଙ୍କବାଦୀ ନେଟୱର୍କ ଓ ସ୍ଥାନୀୟ ଓଭରଗ୍ରାଉଣ୍ଡ ୱର୍କର୍ (ଓଜିଡବ୍ଲ୍ୟୁ)ଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଚାଲିଛି। ଏହି ସ୍ଥାନୀୟ ସହଯୋଗୀମାନେ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କୁ ଆଶ୍ରୟ, ଯାତାୟାତ, ଲୁଚାଇବା ଓ ଅନ୍ୟାନ୍ୟ ସହାୟତା ଯୋଗାଇଥିବା ଅଭିଯୋଗ ରହିଛି। ମାର୍ଚ୍ଚ ୩୧ରେ ଲସ୍କର-ଏ-ତୋଏବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ଓଜିଡବ୍ଲ୍ୟୁଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କଠାରୁ ହ୍ୟାଣ୍ଡଗ୍ରେନେଡ୍ ଓ ଗୁଳି ଜବତ ହୋଇଥିଲା। ଏନ୍‌ଆଇଏ ଏବେ ଦଲିଲ, ଡିଜିଟାଲ ତଥ୍ୟ, ଅସ୍ତ୍ରଶସ୍ତ୍ର, ଆର୍ଥିକ କାରବାର ଓ ଯୋଗାଯୋଗ ମାଧ୍ୟମ ସମ୍ପର୍କରେ ପ୍ରମାଣ ସଂଗ୍ରହ କରୁଛି। ଏହି ନେଟୱର୍କର ସମ୍ପୂର୍ଣ୍ଣ ଗଠନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଚିହ୍ନଟ କରିବା ତଦନ୍ତର ମୁଖ୍ୟ ଉଦ୍ଦେଶ୍ୟ।

## ଜାପାନ୍‌ରେ ୫.୯ ତୀବ୍ରତାର ଭୂମିକମ୍ପ

ଟୋକିଓ,୨୩।୮ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓ ସମେତ କାଣ୍ଟୋ ଅଞ୍ଚଳରେ ରବିବାର ୫.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପରେ ୩୭ ଜଣ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣ ଇବାରାକି ପ୍ରିଫେକ୍‌ଚରରେ ଭୂପୃଷ୍ଠଠାରୁ ପ୍ରାୟ ୬୮ କିଲୋମିଟର ଗଭୀରରେ ଥିଲା। ପ୍ରାୟ ଏକ ମିନିଟ୍ ଧରି ଏହାର କମ୍ପନ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ ଜାପାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୁନାମି ସତର୍କତା ଜାରି କରାଯାଇନାହିଁ। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ସମାନ ତୀବ୍ରତାର ଆଫ୍ଟରଶକ୍ ହୋଇପାରେ ବୋଲି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଭୂମିକମ୍ପ ଯୋଗୁଁ କାଣ୍ଟୋ ଅଞ୍ଚଳରେ ରେଳ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଅନେକ ଟ୍ରେନ୍ ଲାଇନ୍‌ରେ ବିଳମ୍ବ ଦେଖାଦେଇଥିଲା।

## ଇରାନର ସ୍ୱୀକାରୋକ୍ତି, ଆମେ ଅନେକ ସମସ୍ୟାରେ

# ଆମେରିକା ସହ ବୁଝାମଣା ହିଁ ସଂଘର୍ଷରୁ ବାହାରିବାର ରାସ୍ତା

ତେହରାନ,୨୩।୮ (ଏଜେନ୍ସି): ଆମେରିକାର କଠୋର ଆର୍ଥିକ କଟକଣା ମଧ୍ୟରେ ଇରାନ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ୱୀକାର କରିଛନ୍ତି ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍। ରବିବାର ରାଜ୍ୟ ଟେଲିଭିଜନରେ ଦେଇଥିବା ଭାଷଣରେ ସେ ମୁଦ୍ରାସ୍ଫୀତି, ଜୀବିକା ସମସ୍ୟା ଓ ବେକାରି ଭଳି ସମସ୍ୟାର ମୁକାବିଲା ପାଇଁ ସରକାର ପ୍ରୟାସ କରୁଥିବା କହିଛନ୍ତି। ପେଜେସ୍କିଆନ୍ କହିଛନ୍ତି, ଆମେରିକା ସହ ହୋଇଥିବା ବୁଝାମଣା ସ୍ମାରକପତ୍ର ହିଁ ବର୍ତ୍ତମାନର ସଂଘର୍ଷରୁ ବାହାରିବାର ସବୁଠାରୁ ଭଲ ରାସ୍ତା। ଇରାନର ସୁପ୍ରିମ୍ ନ୍ୟାସନାଲ୍ ସିକ୍ୟୁରିଟି କାଉନସିଲର ସଦସ୍ୟମାନେ ମଧ୍ୟ ଏହାକୁ ସମ୍ଭାବ୍ୟ ଶ୍ରେଷ୍ଠ ବୁଝାମଣା ବୋଲି ବିଚାର କରୁଥିବା ସେ କହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସହାୟତା କରୁଥିବା ଦେଶଗୁଡ଼ିକ ବିରୋଧରେ ଅତ୍ୟନ୍ତ କଠୋର ଆର୍ଥିକ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ଇରାନକୁ ଅଲଗା କରିବା ପାଇଁ ମିତ୍ର ଦେଶଗୁଡ଼ିକ ଆମେରିକା ସହ ରହିବା ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି।

### ତେହରାନ୍ ଯିବେ ପାକିସ୍ତାନ ସେନାମୁଖ୍ୟ

ଏହାର ଜବାବରେ ଇରାନର କଠୋରପନ୍ଥୀ ନେତା ମୋହସେନ୍ ରେଜାଇ ଚେତାବନୀ ଦେଇଛନ୍ତି ଯେ ଇରାନ ବିରୋଧରେ ଆର୍ଥିକ କଟକଣା ଲାଗୁ କରାଗଲେ ଏହାର ଜବାବରେ 'ଭୂମିକମ୍ପ ସଦୃଶ' ପଦକ୍ଷେପ ନିଆଯାଇପାରେ। ଏହି ତିକ୍ତ ପରିସ୍ଥିତି ମଧ୍ୟରେ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ୍ ଆସିମ୍ ମୁନିର୍ ସୋମବାର ତେହରାନ ଗସ୍ତ କରିବେ। ଇରାନ-ଆମେରିକା ସଂଘର୍ଷରେ ମଧ୍ୟସ୍ଥତା କରିବାକୁ ପାକିସ୍ତାନର ଉଦ୍ୟମର ଏହା ଏକ ଅଂଶ ବୋଲି ଦେଖାଯାଉଛି। ମୁନିରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଇରାନ ଯିବ। ଇରାନ-ପାକିସ୍ତାନ ଦ୍ୱିପାକ୍ଷିକ ସହଯୋଗ ସହିତ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ନେଇ ଆଲୋଚନା ହେବ। ଇରାନ ଏବେ ଦୁଇଟି ଚାପରେ ରହିଛି। ଏକପଟେ ଆମେରିକାର କଠୋର ଆର୍ଥିକ କଟକଣା, ଅନ୍ୟପଟେ ସାମରିକ ସଂଘର୍ଷ। ଏଭଳି ସ୍ଥିତିରେ ତେହରାନ ପୁଣି ଆଲୋଚନା ଓ ବୁଝାମଣାର ରାସ୍ତା ଖୋଜୁଥିବା ସଙ୍କେତ ଦେଇଛି।

## ଛାତ୍ର ଆନ୍ଦୋଳନ: ୩ଟି ମାମଲା ରୁଜୁ

ରାଞ୍ଚି,୨୩।୮ (ଏଜେନ୍ସି): ଝାଡ଼ଖଣ୍ଡ ହାଇକୋର୍ଟ ନିଯୁକ୍ତି ପରୀକ୍ଷା ବାତିଲ୍ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାକୁ ବିରୋଧ କରି ରାଞ୍ଚିରେ ହୋଇଥିବା ପ୍ରତିବାଦ ବେଳେ ଗଣ୍ଡଗୋଳ ଘଟିଛି। ଘଟଣାକୁ ନେଇ ୩ଟି ଏଫ୍ଆଇଆର୍ ରୁଜୁ ହୋଇଥିବାବେଳେ ୧୫ ଜଣଙ୍କ ନାମ ରହିଛି ଏବଂ ଅନେକ ଅଜଣା ବ୍ୟକ୍ତିଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ଅଗଷ୍ଟ ୨୧ରେ ଜେପିଏସ୍‌ସି-ଜେଏସ୍‌ଏସ୍‌ସି ସୁଧାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ପାଇଁ ପ୍ରତିବାଦ ଆୟୋଜିତ ହୋଇଥିଲା। ପୁଲିସ ଏଫ୍ଆଇଆର୍ ଅନୁସାରେ, ପ୍ରତିବାଦକାରୀଙ୍କ ସହ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସହ ସମ୍ପର୍କ ଥିବା ଅଭିଯୋଗ ହୋଇଥିବା କିଛି ବ୍ୟକ୍ତିଙ୍କର ମୁହାଁମୁହିଁ ହୋଇଥିଲା। ରାଜ୍ୟରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଛାତ୍ରମାନେ ପ୍ରାୟ ଏକ ମାସ ଧରି ଆନ୍ଦୋଳନ କରିଥିଲେ।

# ପୁଅର ମୃତ୍ୟୁ ପରେ ହୃଦ୍‌ଘାତରେ ଚାଲିଗଲା ମାଆଙ୍କ ଜୀବନ

## ଗାଁ ଶ୍ମଶାନରେ ଏକାଠି ହେଲା ଶେଷକୃତ୍ୟ

ତୁରୁମୁଙ୍ଗା, ୨୩।୮(ସମିସ): ପୁଅର ମୃତ୍ୟୁ ମାଆ ଶୁଣିପାରିଲେନି କି ଦେଖିପାରିଲେନି। ଦୁଃଖ ଆସିବା କ୍ଷଣିକ ମଧ୍ୟରେ ନିଜେ ଆଖି ବୁଜିଦେଲେ। ଆଗପଛ ହୋଇ ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଚାଲିଗଲେ ମାଆ ଓ ପୁଅ। ଗୋଟିଏ ଦିନରେ ପରିବାରର ଦୁଇ ଜଣଙ୍କୁ ହରାଇ ଭାଙ୍ଗି ପଡ଼ିଛି ପରିବାର। ଏକମାତ୍ର ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଥିବା ମାଆର ବି କିଛି ଘଣ୍ଟା ପରେ ମୃତ୍ୟୁ ହୋଇଥିଲା। ଏଭଳି ହୃଦୟବିଦାରକ ଘଟଣା





ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗାଁରେ। ମୃତକ ହେଲେ ଗ୍ରାମର ହରେକୃଷ୍ଣ ମହାକୁଡ଼ଙ୍କ ୭୦ ବର୍ଷୀୟା ପତ୍ନୀ ମରୁଆ ମହାକୁଡ଼ ଏବଂ ତାଙ୍କ ୪୨ ବର୍ଷୀୟ ପୁଅ ଦାମୋଦର ମହାକୁଡ଼। ଦାମୋଦର ଅସୁସ୍ଥ ଥିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଦାମୋଦରଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ହେଲେ ପୁଅର ଶବ ସତ୍କାର ସରିବା ପୂର୍ବରୁ ପରିବାରକୁ ମିଳିଲା ଆଉ ଏକ ଦାରୁଣ ଖବର। ପୁଅର ଅନ୍ତିମ ସଂସ୍କାର ସାରି ପରିବାର ଲୋକେ ଘରକୁ ଫେରୁଥିବା ସମୟରେ ହଠାତ୍ ମାଆ ମରୁଆ ମହାକୁଡ଼ଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ମାଆଙ୍କ ମୃତ୍ୟୁ ପରେ ପୁଣି ଥରେ ଶୋକାକୁଳ ପରିବାରକୁ ଗାଁ ଶ୍ମଶାନକୁ ଯିବାକୁ ପଡ଼ିଥିଲା। ଯେଉଁ ଶ୍ମଶାନରେ କିଛି ସମୟ ପୂର୍ବରୁ ପୁଅର ସତ୍କାର କରାଯାଇଥିଲା, ସେହିଠାରେ ପୁଣି ମାଆଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣାଟି କଣ୍ଟିଆପଡା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ମାଆ ପୁଅଙ୍କ ଏଭଳି ଆଗପଛ ମୃତ୍ୟୁର ଖବର ଶୁଣି ଗ୍ରାମବାସୀ ସ୍ତବ୍ଧ ହୋଇ ପଡିଥିବା ବେଳେ ଏହି ଦୁଃଖଦ ଘଟଣା ସାରା ଗାଁକୁ ନିରବ କରିଦେଇଛି।

# ରାତିଅଧିଆ ରିଲିଫ୍ ଲୁଟ୍ ଉଦ୍ୟମ

## ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ଆକ୍ରମଣ

ଯାଜପୁର,୨୩।୮(ସମିସ): ବନ୍ୟା ରିଲିଫ୍ ଲୁଟ୍ ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କୁ ୨ଜଣ ଯୁବକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ 'ସକାଳ' ପ୍ରତିନିଧି କୌଶିକ ଦାସ ଗତକାଲି ରାତି ପ୍ରାୟ ସାଢ଼େ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦଶରଥପୁର ଅଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ଟ୍ରକ୍ ଯୋଗେ ଆସିଥିବା ରିଲିଫ ସାମଗ୍ରୀକୁ କିଛି ଦୁର୍ବୃତ୍ତ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ରାସ୍ତା ପାଶ୍ୱର୍ ଥିବା ଏକ ଫଳ ଗୋଦାମ ନିକଟରେ ଅଟକାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଓରଫ ବିନ ଏବଂ ତାଙ୍କର ଆଉ ଜଣେ ସହଯୋଗୀ ବିରଜା ପ୍ରସାଦ ଦାସ ସାମ୍ବାଦିକ କୌଶିକ ଦାସଙ୍କ ଠାରୁ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିରୋଧ କରିବାରୁ ଉଭୟ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ତଳେ ପକାଇଦେବା ସହିତ ତାଙ୍କ ପକେଟରୁ ଟଙ୍କା ଛଡ଼ାଇ ନେଇଥିଲେ। ଆକ୍ରମଣରେ ଶ୍ରୀ ଦାସଙ୍କ ହାତ, ବେକ, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିଲା। 'ଏଠାରୁ ଚୁପଚାପ ପଳା, ନଗଲେ ଜୀବନରୁ ମାରିଦେବା ସହିତ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା'କୁ ଦୁଇ ଦୁର୍ବୃତ୍ତ ତାଙ୍କୁ ଧମକ ଦେଇଥିଲେ। ଭୟରେ ସାମ୍ବାଦିକ ଶ୍ରୀ ଦାସ କିଛି ସହଯୋଗୀ ସାମ୍ବାଦିକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସହଯୋଗୀ ସାମ୍ବାଦିକମାନେ ତାଙ୍କୁ ଉଦ୍ଧାର କରି ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ଦାସ ଦଶରଥପୁର ଥାନାରେ ପହଞ୍ଚି ଥାନାଧିକାରୀଙ୍କୁ ଘଟଣା ବିଷୟରେ ଜଣାଇବା ସହ ଆକ୍ରମଣରେ ସମ୍ପୃକ୍ତ ପୂର୍ବତନ ଦଶରଥପୁର ପଞ୍ଚାୟତର ସରପଞ୍ଚ ଇନ୍ଦ୍ରଜିତ ଦାସ ଓ ବିରଜା ପ୍ରସାଦ ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ କେଶ ନଂ ୧୮୮/୨୬ ଓ ଭାରତୀୟ ନ୍ୟାୟ ସଂହିତା ୨୯୬, ୧୧୫(୨), ୩୦୩(୨), ୩୫୧(୨),୩(୫) ଧାରାରେ ଏକ ମାମଲା ରୁଜୁ କରି ଘଟଣାର



■ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ଗିରଫ ଦାବି କଲା ସାମ୍ବାଦିକ ସଙ୍ଘ
■ ଥାନା ସମ୍ମୁଖରେ ଧାରଣା ଚେତାବନୀ

ତଦନ୍ତ ଆରମ୍ଭ କରିଛି। ସେହିପରି ଆଜି ପୂର୍ବାହ୍ନରେ ଆକ୍ରମଣରେ ସମ୍ପୃକ୍ତ ଇନ୍ଦ୍ରଜିତ ଦାସ ସାମ୍ବାଦିକ କୌଶିକ ଦାସଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମ୍ବାଦିକ ଶ୍ରୀ ଦାସଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ଜଣାପଡିବା ପରେ ଦଶରଥପୁର ବ୍ଲକ ସାମ୍ବାଦିକଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଦଶରଥପୁର ପ୍ରେସ୍ କ୍ଲବ ତରଫରୁ ଚନ୍ଦ୍ରଶେଖର ସାହୁ, ମନୋଜ ଦାସ, ମାନସ କୁମାର ଜେନା, ବିଶ୍ୱଭୂଷଣ ବିଶ୍ୱାଳ, ବିଶ୍ୱଜିତ ଦାସ, ଚିତ୍ତରଞ୍ଜନ ଦାସ, ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମେତ ଯାଜପୁର ପ୍ରେସ୍ କ୍ଲବର ସଂଜୀବ ନାୟକ, ତପନ ମହାନ୍ତି, ସୌମ୍ୟରଞ୍ଜନ ଦାସ, ବିଜୟ ସାହୁ, ସମର ବିଜୟ ଶରଣ ପ୍ରମୁଖ ଦଶରଥପୁର ଥାନାକୁ ଯାଇ ଥାନାଧିକାରୀ ସୁବ୍ରତ ସାହୁଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଥାନାଧିକାରୀ ଶ୍ରୀ ସାହୁ ମାମଲାରେ ଉଭୟ ପକ୍ଷରୁ ପୃଥକ ପୃଥକ ଅଭିଯୋଗ ହୋଇଛି। ଥାନାର ୨ଜଣ ଅଧିକାରୀ ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ଆବଶ୍ୟକ ହେଲେ ସେ ନିଜେ ମଧ୍ୟ ତଦନ୍ତ କରିବେ ଏବଂ ଦୋଷୀ ଉପରେ ନିଶ୍ଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଦଶରଥପୁର ପ୍ରେସ କ୍ଲବ ପକ୍ଷରୁ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ପ୍ରେସ୍ କ୍ଲବ ତରଫରୁ ଦଶରଥପୁର ଥାନା ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଦୋକାନରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

କେନ୍ଦୁଝର, ୨୩।୮(ସମିସ): କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଘୁଟୁରୁରେ ଥିବା ଅର୍ଚ୍ଚନା ଟ୍ରେଡର୍ସ ଶୋ'ରୁମ୍ ଭିତରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଛି। ରବିବାର ସକାଳେ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଖବର ଦେଇଥିଲେ ଯେ ଦୋକାନ ଭିତରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁସାରେ, ୨୦୧୪ରେ ହାଣ୍ଡିଭଙ୍ଗା ଅଞ୍ଚଳର



ଅଭିମନ୍ୟୁ ପରିଡ଼ାଙ୍କୁ ବିବାହ କରିଥିଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳର ଅର୍ଚ୍ଚନା। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ଘୁଟୁରୁରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭମ ମୋଟର୍ସ ନାମରେ ସେମାନଙ୍କର ବ୍ୟବସାୟ ରହିଛି। ତେବେ ଅର୍ଚ୍ଚନାଙ୍କ ପରିବାର ପକ୍ଷରୁ ଆସିଛି ଗୁରୁତର ଅଭିଯୋଗ। ପରିବାର ଲୋକଙ୍କ କହିବାନୁସାରେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ। ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ଅର୍ଚ୍ଚନାଙ୍କୁ ସେଠାରେ ହତ୍ୟା କରି ତାଙ୍କ ମୃତଦେହ ଅର୍ଚ୍ଚନା ଟ୍ରେଡର୍ସ ଭିତରେ ଆଣି ରଖାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ନେଇ ମଧ୍ୟ ସୂଚନା ରହିଛି। ଏହି ନୋଟ୍‌ରେ ସ୍ୱାମୀଙ୍କୁ ଦାୟୀ ନ କରିବାକୁ ଲେଖାଯାଇଥିବା ନେଇ ପରିବାର ପକ୍ଷରୁ ଆପତ୍ତି ଉଠାଯାଇଛି। ନୋଟ୍‌ଟି ଅର୍ଚ୍ଚନା ନିଜେ ଲେଖିନାହାନ୍ତି ବରଂ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ସ୍ୱାମୀ ଏହା ଲେଖିଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ମୃତା ଅର୍ଚ୍ଚନାଙ୍କ ଭାଇ ଏତଲା ଦେବା ପରେ ପୁଲିସ କେସ୍ ନମ୍ବର ୮୩୫/୨୦୨୬ ଭାରତୀୟ ନ୍ୟାୟ ସଂହିତାର ୧୦୩ (୧), ୮୫, ୨୩୮ ରେ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଯାଇଛି ବୋଲି ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

# ଶବ ସତ୍କାର କରିବାକୁ ଯାଇ ନିଜେ ଶବ ହୋଇଗଲେ

ବେଗୁନିଆପଡ଼ା,୨୩।୮(ସମିସ): ଜଣଙ୍କ ଶବ ଦାହ କରିବାକୁ ଯାଇ ଶ୍ମଶାନରେ ହୃଦ୍‌ଘାତରେ ଟଳି ପଡ଼ିଲେ ସମ୍ପର୍କୀୟ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗ୍ରାମରେ। ଭାଲିଆଝର ଗ୍ରାମର ବଳିଆ ପାଣ୍ଡିଙ୍କ ପୁଅ ମନାସ ପାଣ୍ଡି (୪୫) ଙ୍କର ଆଜି ସକାଳୁ ମୃତ୍ୟୁ ହେବା ପରେ ତାଙ୍କୁ ପରିବାର, ବନ୍ଧୁବାନ୍ଧବ ଏବଂ ସାଙ୍ଗ ସମ୍ପର୍କୀୟ ଦ୍ୱାରା ଗ୍ରାମ ଶ୍ମଶାନକୁ ସଂସ୍କାର କରିବାକୁ



ନିଆଯାଇଥିଲା। ଶବ ସତ୍କାର କରିବା ଲାଗି ଏହି ବ୍ଲକ ଅନ୍ତର୍ଗତ ବୁରୁଝରୀ ପଞ୍ଚାୟତ କନିଆରୀ ବାଡ଼ି ଗ୍ରାମର ମନାସଙ୍କ ସମ୍ପର୍କୀୟ ସଙ୍ଗାତ ଭବାନୀ ସାହୁଙ୍କ ପୁଅ କରୁଣାକର ସାହୁ ଯାଇଥିଲେ। ମନାସଙ୍କ ଶବ ଦାହ ସମୟରେ ହଠାତ କରୁଣାକରଙ୍କ(୪୨) ହୃଦ୍‌ଘାତ ହେବା ଯୋଗୁଁ ସେ ସେଠାରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ସୁମଣ୍ଡଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଘରେ ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ମୃତ ମନାସ ମଧ୍ୟ ସୁମଣ୍ଡଳସ୍ଥିତ ଏକ ଗ୍ୟାସ ଏଜେନ୍‌ସିରେ ସପ୍ଲାୟାର ଭାବେ କାର୍ଯ୍ୟ କରୁଥିଲେ। ଦୁଇ ଦୁଇଟି ମୃତ୍ୟୁ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଢାବାରୁ ଯୁବକଙ୍କ ମୃତଦେହ ଉଦ୍ଧାର; ତାତିଲେ ଗ୍ରାମବାସୀ

## ଘଟଣାସ୍ଥଳରେ ତହସିଲଦାର, ପୁଲିସ ଟିମ୍

ହୁମ୍ମା,୨୩।୮(ସମିସ): ରମ୍ଭା ଥାନା ଅଞ୍ଚଳ ଜାତୀୟ ୧୬ ନମ୍ବର ରାଜପଥ କଡ଼ରେ ଥିବା ରାଜୁ ଢାବାର ବାହାର ପାଶ୍ୱର୍ ଶୌଚାଳୟ ଗୃହରୁ କାର୍ଯ୍ୟରତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରମ୍ଭା ପୁଲିସ। ମୃତ ଯୁବକ ହେଲେ ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ବି.ଶିବରାମ ପାତ୍ର (୨୭)। ମୃତକ ଶିବରାମ ପାତ୍ର ରାଜୁ ଢାବାରେ ଅସ୍ଥାୟୀ ଶ୍ରମିକ



ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ମୃତକଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ନ ପାଇବାରୁ ରାଜୁ ଢାବା ପରିଚାଳକଙ୍କୁ ପଚାରାଉଚାରା କରିଥିଲେ। ଢାବା ପରିଚାଳକ କହିଥିଲେ ଯେ ସେ ଏଠି କାମ କରୁଥିଲେ, କିନ୍ତୁ ଦୁଇ ଦିନ ହେବ ଆସିନାହାନ୍ତି। ମାତ୍ର ଶନିବାର ସନ୍ଧ୍ୟା ସମୟରେ ବାହାର ପାଶ୍ୱର୍ରେ ଥିବା ଶୌଚାଳୟରୁ ଦୁର୍ଗନ୍ଧ ବାହାରିବା ପରେ ସୁଇପର ଢାବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ରମ୍ଭା ଥାନା ପୁଲିସ ଓ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଆଇଆଇସି କୁମର ମୁଦୁଲି, ଏଏସ୍‌ଆଇ ଛବିରାଣୀ ନାୟକ, ପୁଲିସ ଟିମ୍ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ତଥା ରାଜୁ ଢାବାରେ କାର୍ଯ୍ୟରତ ଶ୍ରମିକ ଶିବରାମଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତ ଶିବରାମଙ୍କ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣି ଘଟଣାର ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି। ଯାହାଫଳରେ ଢାବା ନିକଟରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଢାବା କର୍ତ୍ତୃପକ୍ଷ କହିଛନ୍ତି ଉକ୍ତ ଶୌଚାଳୟଟି ବ୍ୟବହାର ହୋଇ ନଥିବାରୁ ସେଥିପ୍ରତି ଦୃଷ୍ଟି ଦିଆ ଯାଇନଥିଲା। ସୂଚନା ଥାଉକି ଶିବରାମ ତାଙ୍କ ଘରର ରୋଜଗାରିଆ ପୁଅ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସୁକାନ୍ତି ପାତ୍ର, ଦୁଇ ପିଲାଙ୍କ ସମେତ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଢାବା ନିକଟରେ ଗ୍ରାମବାସୀଙ୍କ ଉତ୍ତେଜନା ଦେଖା ଦେଇଥିଲା।

# ଦୁବାଇ ଦାଦନ ଖଟିବାକୁ ଯାଇ ଯୁବକ ମୃତ

ଆସିକା,୨୩।୮(ସମିସ): ଗଞ୍ଜାମରେ ସରୁନି ଦାଦନ ଦୁଃଖ। ଦାଦନ ଖଟିବାକୁ ବିଦେଶ ଯାଇ ପୁଣି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଆସିକା ବ୍ଲକ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର ୨୫ ବର୍ଷୀୟ କିରଣ ନାହାକ ଆବୁଧାବିରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୁଅର ମୃତଦେହ ଆଣିବାକୁ ପରିବାର ଆକୁଳ ନିବେଦନ କରିଛନ୍ତି। ଆସିକା ବ୍ଲକ୍ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର କୈଳାସ ନାହାକଙ୍କ ସାନପୁଅ କିରଣ



ନାହାକ ଯାଇଥିଲେ ଦୁବାଇର ଆବୁଧାବି। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ କାରଖାନାରେ ଦୁର୍ଘଟଣା ଘଟି କିରଣଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି। ମାତ୍ର ୨୫ ବର୍ଷ ବୟସରେ ପରିବାରର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ।"ରୋଜଗାରିଆ ପୁଅକୁ ହରାଇ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼।ଭଉଣୀ ହାତରେ ରହିଯାଇଛି ରାଖୀ। ଆଉ ଦୁଇ ଦିନ ପରେ ଭଉଣୀ ପଠାଇଥିବା ରାକ୍ଷୀ ବାନ୍ଧି ଥାନ୍ତା କିରଣ। ସେ ନେଇ ଭଉଣୀ ସହ ଗତ କାଲି କଥା ହୋଇଥିଲା କିରଣ। ଏବେ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ସରକାରଙ୍କୁ ନେହୁରା ହୋଇଛନ୍ତି ପରିବାର ଓ ଗ୍ରାମବାସୀ। କିରଣ ଗତ ୧୯ ମାସ ପୂର୍ବେ ବିଶାଖାପାଟଣାର ଜଣେ ଦଲାଲ ମାଧ୍ୟମରେ ଆବୁଧାବି ଯାଇଥିଲେ। ସେ ଦୁଇ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲେ। ଆଉ ମାତ୍ର ୩ ମାସ ପରେ ସେ ଗା କୁ ଆସିଥାନ୍ତେ। ହେଲେ ଗତକାଲି ତାଙ୍କର ମୃତ ହୋଇଛି। ଏବେ ମୃତ ଦେହ ସେଠାରେ ଥିବା ବେଳେ ତାଙ୍କ ନେଇଥିବା ଲୋକ ବି ଫୋନ ଉଠାଉ ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୨୩।୮ (ସମିସ): ଦୀର୍ଘ ୨୪ ଘଣ୍ଟା ପରେ ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମିତ୍ରପୁର ନିକଟରେ ଥିବା ବ୍ଲୁ ଲେକ୍ ରେ ଗତ ଶନିବାର ପ୍ରାୟ ୧୦ଟା ସମୟରେ ୩ ଜଣ ସାଙ୍ଗ ଗାଧୋଇବା ପାଇଁ ଆସିଥିଲେ। ଦୁଇ ଜଣ ସାଙ୍ଗ ଭିତରକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ୟ ଜଣେ ସାଙ୍ଗ ଆଡ଼ିରେ ଥିଲା, କାରଣ ସେ ପହଁରା ଜାଣି ନ ଥିଲା। ଦୁଇ ସାଙ୍ଗ ଗାଧୋଇବାକୁ ଯାଇଥିବା ବେଳେ ୨ଜଣ ଅତାଳ ପାଣିରେ ନିଖୋଜ ହୋଇ ଯାଇଥିଲେ। ଏହି ବ୍ଲୁ ଲେକ୍‌କୁ ରେମୁଣା କଲେଜ ଛାତ୍ର ତଥା କେନ୍ଦୁଝର ଜିଲ୍ଲା ଅଧୀନ ଆନ୍ତୁକଣା ଅଞ୍ଚଳର ରୋଶନ ନାୟକ(୧୮) ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ର ତଥା ବାରିପଦାର ଭବିଷ୍ୟ ପାତ୍ର(୧୭) ଏବଂ ଉକ୍ତ କଲେଜର ତାଙ୍କ ସହପାଠୀ ତଥା ଭଦ୍ରକ ଜିଲା ଅପର୍ତ୍ତିବିନ୍ଧା ଅଞ୍ଚଳର ଅଂଶୁମାନ ପାତ୍ର(୧୮) ବୁଲିବାକୁ ଆସିଥିଲେ। ଏହି ୩ ସାଙ୍ଗ ରିଲ୍ସ ଭିଡ଼ିଓ ସୁଟ୍ କରିବା ପରେ ଭବିଷ୍ୟ ଓ ଅଂଶୁମାନ ଗାଧୋଇବା ପାଇଁ ପାଣିକୁ ପଶି ଯାଇ ଗୋଡ଼ ଖସି ଯିବାରୁ ସେମାନେ ଜଳରାଶି ଭିତରକୁ ପଶି ଯାଇଥିଲେ। ବାଲେଶ୍ୱରରୁ ଓଡ୍ରାଫ୍ଟ ଟିମ୍ ଓ ଅଗ୍ନିଶମ ବାହିନୀ ନିଖୋଜ ଦୁଇ ଛାତ୍ରଙ୍କୁ ଖୋଜିବାରେ ବ୍ୟସ୍ତ ରହିଥିଲେ। ରବିବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ଛାତ୍ର ଭବିଷ୍ୟ ଓ ଅଂଶୁମାନଙ୍କ ମୃତଦେହ ପାଣିରୁ ଉଦ୍ଧାର କରାଯାଇଛି। ପରେ ନୀଳଗିରି ଥାନା ପକ୍ଷରୁ ଏକ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଜାଇ ବାଲେଶ୍ୱର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ଦୁଇ ପରିବାରକୁ ଶବ ହସ୍ତାନ୍ତର କରାଜାଇଛି। ଖବରଲେଖିବା ବେଳକୁ ନୀଳଗିରି ପ୍ରଶାସନ ପକ୍ଷରୁ ବ୍ଲୁ ଲେକରେ ୧୬୩ ବିଏନ୍‌. ଏସ. ଧାରା ଜାରି ହୋଇଥିବାର ସୂଚନା ମିଳିଛି।

■ ବିଜୁ ଶ୍ରମିକ ସାମୁଖ୍ୟର ପୁନର୍ଗଠନ

# ସୁବାସ ସିଂହ ସଭାପତି, ପ୍ରଫୁଲ୍ଲ ସାମଲ ଉପଦେଷ୍ଟା

ଭୁବନେଶ୍ୱର,୨୩।୮(ସମିସ): ବିଜୁ ଜନତା ଦଳର ବିଜୁ ଶ୍ରମିକ ସାମୁଖ୍ୟକୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଏହି ଛାମୁଆଁ ସଂଗଠନକୁ ପୁନର୍ଗଠନ କରିବା ସହ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ବାତିଲ କରିଛନ୍ତି। ନୂତନ କମିଟିରେ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଉପଦେଷ୍ଟା ଏବଂ ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ନବ କିଶୋର ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି (ମୁଖ୍ୟାଳୟ) ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରୀତିରଞ୍ଜନ ଘଡ଼ାଇ, ବ୍ରଜକିଶୋର ପ୍ରଧାନ, ଯୋଗେଶ ସିଂହ, ଅନନ୍ତ ନାରାୟଣ ଜେନା, ସ୍ୱରୂପ ଦାସ, ରଞ୍ଜିତା ସାହୁ ଓ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଉପସଭାପତି ଦାୟିତ୍ୱ ମିଳିଛି। ଅରିନ୍ଦମ ସର୍ଖେଲଙ୍କୁ ମହାସଚିବ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶନାମା ତୁରନ୍ତ ଲାଗୁ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ

# ମହେଶ ସାହୁ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୩।୮(ସମିସ): ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୂତନ ଭାବେ ଏହି କମିଟି ଗଠନ ହୋଇଛି। ନୂଆ କମିଟିରେ ବିଭିନ୍ନ ପଦବୀରେ ଦଳୀୟ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମହେଶ ସାହୁଙ୍କୁ ଏସ୍‌ସି ସେଲ୍‌ର ସଭାପତି ନିଯୁକ୍ତ କରାଯାଇଥିବା ବେଳେ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଗଣେଶ୍ୱର ବେହେରା, ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି।

ଏହାସହିତ ଚନ୍ଦ୍ର ସାରଥୀ ବେହେରା, ରାଜେନ୍ଦ୍ର କୁମାର ଦାସ ଓ ତୁଷାରକାନ୍ତି ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ସେହିପରି ଡା. ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଡା. ପ୍ରମୋଦ କୁମାର ମଲ୍ଲିକ, ସର୍ମିଷ୍ଠା ସେଠୀ ଓ ରଘୁରାମ ପାଡଲଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ସେଠୀ, ମାଧବ ଧଡ଼ା, ସୁଦର୍ଶନ ହରିପାଲ, ନିହାର ରଞ୍ଜନ ବେହେରା, ଡା. ସଞ୍ଜୟ ଦାସ, ଅନୁସୂୟା ପାତ୍ର ଓ ଲଳିତା ନାୟକଙ୍କୁ ଦାୟିତ୍ୱ ମିଳିଛି। ଏହି ପୁନର୍ଗଠିତ କମିଟି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

## ପୁଲିସକୁ ଆକ୍ରମଣ କରି ବିଜେପି ଯୁବମୋର୍ଚ୍ଚା ସଭାପତି ଗିରଫ ପ୍ରସଙ୍ଗ

# ମନ୍ତ୍ରୀ ବିଭୂତି ଜେନାଙ୍କ ଛତ୍ରଛାୟାରେ ଗଞ୍ଜାମରେ ବଢୁଛି ଗୁଣ୍ଡାରାଜ: ବିଜେଡି

ଭୁବନେଶ୍ୱର,୨୩।୮(ସମିସ): ଶିଶୁ ଶ୍ରମିକ ଉଦ୍ଧାର ଘଟଣାରେ ପୁଲିସ ଉପରେ ଆକ୍ରମଣ କରି ବିଜେପି ଯୁବମୋର୍ଚ୍ଚା ସଭାପତି ବି.ସୋମନାଥ ପାତ୍ର ଗିରଫ ହୋଇଛନ୍ତି। ମନ୍ତ୍ରୀ ବିଭୂତି ଜେନାଙ୍କ ଛତ୍ରଛାୟାରେ ଗୁଣ୍ଡାଗର୍ଦ୍ଦି ଓ ଅସାମାଜିକ କାର୍ଯ୍ୟ ଜିଲ୍ଲାରେ ବୃଦ୍ଧି ପାଉଥିଲା ବେଳେ କାହିଁକି ଶାସକ ଦଳର ଚାପରେ ବ୍ରହ୍ମପୁର ପୁଲିସ ଚେପା ହୋଇଛି ବୋଲି ପ୍ରଶ୍ନ କରିଛି ବିଜେଡି। ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି କହିଛନ୍ତି ଯେ, ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପର୍କୀୟ ଓ ପ୍ରତିନିଧିମାନେ ଲଗାତାର ଭାବେ ଆଇନ ଉଲ୍ଲଂଘନ କରୁଛନ୍ତି ଏବଂ ବ୍ରହ୍ମପୁର ପୁଲିସ ମନ୍ତ୍ରୀଙ୍କ ଇଙ୍ଗିତରେ ଆଇନକୁ ତା'ବାଟରେ ଯିବାକୁ ଦେଉନାହାନ୍ତି।




ପରିସ୍ଥିତି ଏପରି ହେଉଛି ଯେ, ଜଣେ କର୍ତ୍ତବ୍ୟରତ ପୁଲିସ ଇନିସ୍ପେକ୍ଟରଙ୍କୁ ମନ୍ତ୍ରୀଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଆକ୍ରମଣ କଲେ ମଧ୍ୟ ପୁଲିସ କୋହଳ ଦଫା ଲଗାଇ ଗିରଫ କରିଛି। ଏହା ପୂର୍ବରୁ ମନ୍ତ୍ରୀଙ୍କ ପୁତୁରା ଦୀପକ ଜେନା, ଦିନ ଦ୍ୱିପ୍ରହରରେ ଜଣେ ଆଡଭୋକେଟ ଏବଂ ତାଙ୍କ ପରିବାରକୁ ଅମାନୁସିକ ଭାବେ ଆକ୍ରମଣ କରିବା ଘଟଣାରେ ପୁଲିସ ଚାର୍ଜସିଟରୁ ତାଙ୍କ ନାଁ କାଟି ଦେଇଥିଲା। ମନ୍ତ୍ରୀଙ୍କ ଆଉ ଜଣେ ପୁତୁରା ବିଶ୍ୱଜିତ ଜେନା, ବହୁ ଚର୍ଚ୍ଚିତ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଗିରଫ ହୋଇଥିଲେ ମଧ୍ୟ, ପୁଲିସ

■ ମନ୍ତ୍ରୀଙ୍କ ପ୍ରତିନିଧି ଓ ସମ୍ପର୍କୀୟ ବାରମ୍ବାର ଆଇନ ଉଲ୍ଲଂଘନ କରୁଛନ୍ତି କାହିଁକି?
■ ମନ୍ତ୍ରୀଙ୍କ ଚାପ ଅପେକ୍ଷା ପୁଲିସର ମନୋବଳ ବୃଦ୍ଧି ପାଇଁ କାର୍ଯ୍ୟ କରନ୍ତୁ ବ୍ରହ୍ମପୁର ଏସ୍‌ପି

ଅଭିଯୁକ୍ତଙ୍କ ଫଟୋ ସାର୍ବଜନୀନ କରିନଥିଲା ଏବଂ ଅଦାଲତରେ କେସ୍ ଡାଏରୀ ଦାଖଲ ନକରି ତାଙ୍କୁ ଜାମିନ ମିଳିବାରେ ସହାୟତା କରିଥିଲା।

ମନ୍ତ୍ରୀ ଜେନାଙ୍କ ଆଉ ଜଣେ ପ୍ରତିନିଧି ସୁନିଲ ପାତ୍ରଙ୍କ ଘରେ ଇଡି ଚଢାଉ ହୋଇଥିଲେ ମଧ୍ୟ ମନ୍ତ୍ରୀଙ୍କ ଚାପରେ ମାମଲାକୁ ଚପାଇ ଦିଆଯାଇଛି। ସେହିପରି ଡଃ ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ତଥା ଜିଲ୍ଲାରେ ବ୍ୟାପକ ମୋରମ, ବାଲି ଓ ଗୋଡିର ଚୋରା ଉତ୍ତୋଳନ ଏବଂ ଚାଲାଣ ଫଳରେ ସରକାରୀ ରାଜସ୍ୱ କ୍ଷତି ସହ ଜିଲ୍ଲାରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ପରିସ୍ଥିତି ଏଭଳି ହେଲାଣି ଯେ, ବିଜେପି ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସର୍ବସମ୍ମୁଖରେ ହାତ ଉଠାଇ ଆକ୍ରମଣ କରିବାରେ ପଛାଉନାହାନ୍ତି। ରକ୍ଷକ ଯଦି ଭକ୍ଷକ ସାଜେ ଲୋକେ ଗୁହାରି କରିବେ କାହାକୁ ବୋଲି ବିଜେଡି ପ୍ରଶ୍ନ କରିଛି। ଜିଲ୍ଲାର ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେଇ ପୁଲିସ ଯଦି ଚାପ ମୁକ୍ତ ହୋଇ କାର୍ଯ୍ୟ ନକରିବ ତାହା ହେଲେ ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଡଃ ମହାନ୍ତି କହିଛନ୍ତି।

# ଗୁପ୍‌ଚୁପ୍ ଖାଇ ବାକ୍ସ ଉପରେ ଶୋଇଲା ହନୁ

ତୁରୁମୁଙ୍ଗା,୨୩।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ଅଞ୍ଚଳ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ରବିବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ବଜାର ଅଞ୍ଚଳର ବିଭିନ୍ନ ଦୋକାନରୁ ଖାଦ୍ୟ ମାଗି ଖାଉଥିବା ଏକ ବୁଲା ହନୁ ମାଙ୍କଡ଼ ଆଜି ଅପରାହ୍ନ ୪ଟା ସମୟରେ ଷ୍ଟେଟବ୍ୟାଙ୍କ ସାମ୍ନାରେ ଥିବା ଗୁପଚୁପ ଦୋକାନକୁ ଆସି ଖାଇବା ପାଇଁ ବସିଥିଲା। ବେପାରୀ ଜଣକ କିଛି ଗୁପଚୁପ ତାକୁ ଖାଇବାକୁ ଦେବା ପରେ ଖାଇସାରି ସିଧା ଗୁପଚୁପ ବାକ୍ସ ଉପରକୁ ଚଢି ଯାଇ ଆରାମରେ ଶୋଇ ପଡିଥିଲା। ଯେତେ ଡାକିଲେ ମଧ୍ୟ ଆଉ ଉଠି ନଥିଲା। ଫଳରେ ଦୋକାନୀ ଜଣକ ଆଉ ଗୁପଚୁପ ବିକ୍ରି କରି ପାରିଥିଲେ। ଗୁପଚୁପ୍ ଷ୍ଟଲ୍ ଉପରେ ହନୁ ମାଙ୍କଡ଼ର ଆରାମଦାୟକ ନିଦ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ



କୌତୁହଳ ସୃଷ୍ଟି ହୋଇଥିଲା। ଲୋକଙ୍କ ଚଳପ୍ରଚଳ ଓ ଗହଳି ସତ୍ତ୍ୱେ ମାଙ୍କଡ଼ଟି କୌଣସି ଭୟ ନ ରଖି ଗୁପଚୁପ୍ ଷ୍ଟଲ୍ ଉପରେ ଆରାମରେ ଶୋଇ ରହିଥିଲା। ପାଖାପାଖି ଦେଢ଼ ଘଣ୍ଟା ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିବାରୁ ମାଙ୍କଡ଼ଟି ଗୁପଚୁପ ପେଟି ଉପରୁ ଡେଇଁ ଚାଲି ଯାଇଥିଲା।

### ବନ୍ୟାରୁ ରକ୍ଷା ପାଇଁ ଚାଳ ଉପରେ ଚାରିଦିନ

# ଶୁଖିଲା ଚାଉଳ ଓ ବନ୍ୟା ପାଣି ସାଜିଥିଲା ସାହାରା

ଯାଜପୁର,୨୩।୮ (ସମିସ):



କଥାରେ ଅଛି ରଖେ ହରି ତ ମାରେ କିଏ। ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଅନ୍ତର୍ଗତ ସିମିରିଆ ପଞ୍ଚାୟତରେ। ନିକଟରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରୁ ରକ୍ଷାପାଇବା ପାଇଁ ଚାଳ ଘର ଉପରେ ଆଶ୍ରୟ ନେବା ସହିତ ଚାଉଳ ଚୋବାଇ ବନ୍ୟା ପାଣି ପିଇ ନିଜ ଜୀବନ ବଞ୍ଚାଇଛନ୍ତି ୩ଟି ପରିବାର। ପ୍ରକାଶ ଯେ ସିମିରିଆ ପଞ୍ଚାୟତ ୧୩ ନମ୍ବର ୱାର୍ଡର ଏକ ନିର୍ଜନ ସ୍ଥାନରେ ପାଖାପାଖି ୯ ବର୍ଷ ହେବ ତିନୋଟି ଆଦିବାସୀ ସଂପ୍ରଦାୟ ପରିବାରର ୧୩ ଜଣ ସଦସ୍ୟ ଘର କରି ରହି ଏ ଅଞ୍ଚଳରେ ଦିନ ମଜୁରିଆ ଭାବେ କାମଦାମ କରି ଜୀବନଯାପନ କରନ୍ତି। ଚଳିତ ବର୍ଷର ତୃତୀୟ ବନ୍ୟାରେ ହଠାତ୍ ସେମାନଙ୍କ ଘରେ ପାଣି ପଶି ଯାଇ ଘରର କାନ୍ଥ ସବୁ ଭାଙ୍ଗି ପଡ଼ିଥିଲା। ଏହି ତିନି ପରିବାରର ଜେମାମଣି ବାଲମୁଟ୍ ସ୍ୱାମୀ ଜଟିଆ ବାଲମୁଟ୍, ସୀତା ବାଲମୁଟ୍, ସ୍ୱାମୀ ସୋନୁ ବାଲମୁଟ୍ ଲକ୍ଷ୍ମୀ ପିଙ୍ଗୁଆ ସ୍ୱାମୀ, ଲକି ପିଙ୍ଗୁଆ ନିରୁପାୟ ହୋଇ ପିଲାମାନଙ୍କୁ ନେଇ ଗୋଟିଏ ଘରର ଚାଳ ଉପରେ ଗତ ୧୬ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଚାରିଦିନ କାଳ ଚାଳ ଉପରେ କେବଳ କିଛି ଚାଉଳ ଚୋବାଇ ନଇ ପାଣି ପିଇ ଜୀବନଯାପନ କରିଥିଲେ। ସ୍ଥାନୀୟ ୱାର୍ଡମେମ୍ବର ଠାରୁ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନ କେହି ଜଣେ ହେଲେ ଅଦ୍ୟାବଧି ଏମାନଙ୍କ ପାଖରେ ପହଞ୍ଚିଥିବା ଦେଖାଯାଇ ନାହିଁ। ସେମାନଙ୍କ କହିବାନୁସାରେ ପାଣି ଛାଡିଲା ପରେ ଏ ଅଞ୍ଚଳର ସମାଜସେବୀ ନିରଞ୍ଜନ ପଣ୍ଡା କେବଳ କିଛି ଶୁଖିଲା ଖାଦ୍ୟ ଦେଇଥିବା ବେଳେ ଗତକାଲି ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ ଓ ପାଲ ପ୍ରଦାନ କରିଛନ୍ତି। ପଞ୍ଚାୟତର ସବୁଆଡେ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଥିଲେ ମଧ୍ୟ ଏମାନଙ୍କ ଉପରେ ସତେ ଯେମିତି କାହାରି ନଜର ପଡିନାହିଁ। ଏ ଖବର ଜଣାପଡିବା ପରେ ସାଧାରଣରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ନେତୃତ୍ୱକୁ ସାଧାରଣରେ ନିନ୍ଦା କରାଯାଇଛି।

# ବନ୍ୟାରେ ଉଜୁଡ଼ିଗଲା ଫସଲ, ଚିନ୍ତାରେ ଚାଷୀ

କବାଟବନ୍ଧ,୨୩।୮ (ସମିସ): ଚଳିତ ବର୍ଷ ବ୍ରାହ୍ମଣୀ ନଦୀରେ ଦୁଇ ଥର ବନ୍ୟା ଧର୍ମଶାଳା ଅଞ୍ଚଳରେ ଚାଷୀମାନଙ୍କୁ ବହୁ ମାତ୍ରାରେ ପ୍ରଭାବିତ କରିଛି। ବ୍ଲକର ନଦୀକୂଳିଆ ଗାଁ



ଭାବେ ଜେନାପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର, ଏରଖଣ୍ଡା, କୁସୁନପୁର, ଘାସିବର ଆଦି ଅଞ୍ଚଳରେ ଦ୍ୱିତୀୟ ବନ୍ୟା ବ୍ୟାପକ ପରିମାଣର ପନିପରିବା ଫସଲକୁ ନଷ୍ଟ କରିଛି। ଏହି ଅଞ୍ଚଳରେ ଲୋକମାନେ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ନଦୀ କୂଳରେ ଚାଷ ଜମି ହୋଇଥିବାରୁ ବନ୍ୟା ର ଆଶଙ୍କା ଥିଲେ ମଧ୍ୟ ଉକ୍ତ ଅଞ୍ଚଳରେ ଚାଷୀ ମାନେ ପନିପରିବା ଚାଷ କରି କିଛି କିଛି ଅର୍ଥ ଉପାର୍ଜନ କରି ପରିବାର ପ୍ରତିପୋଷଣ କରନ୍ତି। ଚଳିତ ମାସରେ ବ୍ରାହ୍ମଣୀ ନଦୀରେ ଦୁଇଥର ବନ୍ୟା ଯୋଗୁଁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଚାଷୀମାନେ ବର୍ଷାଦିନିଆ ଜହ୍ନି, କାକୁଡ଼ି, ପୋଟଳ, ବାଇଗଣ, ଭେଣ୍ଡି, ସମେତ ଅନ୍ୟାନ୍ୟ ଫସଲ କରିଥିଲେ। କିନ୍ତୁ ବିପତ୍ତି ଚାଷୀଙ୍କ ପାଇଁ କାଳ ସାଜିଛି। ବାରମ୍ବାର ବନ୍ୟା ଫଳରେ ଫସଲ ଉଜୁଡିବା ପରେ ଚାଷୀମାନଙ୍କ ମଧ୍ୟରେ ହତାଶ ଭାବ ଦେଖାଦେଇଛି। ଆର୍ଥିକ ଅବସ୍ଥା ଦୁର୍ବଳ ହେବା ସହିତ ଚାଷୀ ଋଣ ଭାରରେ ବୁଡ଼ିବାରେ ଲାଗିଛନ୍ତି। ଚାଷ ଆରମ୍ଭ ସମୟରୁ ଅମଳ କରିବା ପର୍ଯ୍ୟନ୍ତ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଶେଷରେ ହତାଶ ହୋଇଛନ୍ତି। ଟ୍ରାକ୍ଟର ମାଧ୍ୟମରେ ହଳ କରିବା ଠାରୁ ବିହନ, ସାର, କୀଟନାଶକ ସହିତ ଶ୍ରମ ପାଇଁ ଖର୍ଚ୍ଚ କରିଥିବା ହଜାର ହଜାର ଟଙ୍କା ଏବେ ବୁଡ଼ିଗଲା। ଲାଭ କରିବା ପାଇଁ ଆଶାବାଦୀ ଥିବା ଚାଷୀ ମାନେ ଏବେ ମୂଳ ଟଙ୍କା ବୁଡ଼ାଇ ଚିନ୍ତାଗ୍ରସ୍ତ ହୋଇଛନ୍ତି। ଜମିରେ କେବଳ ମଞ୍ଚା ଛଡ଼ା ଆଉ କିଛି ନାହିଁ। ପାଣି ଜମି ରହିବା ଫଳରେ ମୂଳ ପଚି ଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏବେ କେବଳ ଶୁଖିଲା ମଞ୍ଚା ପଡ଼ି ରହିଛି। ତେବେ ବନ୍ୟା ସ୍ଥିତି ଅନୁଧ୍ୟାନ ପରେ ଫସଲ କ୍ଷୟ କ୍ଷତିର ଆକଳନ କରାଯାଇ ଚାଷୀ ମାନଙ୍କୁ କେବେ କ୍ଷୟ କ୍ଷତି ତାହା ଜଣାପଡିନାହିଁ। ପ୍ରଶାସନ ତୁରନ୍ତ ଏହାର ପଦକ୍ଷେପ ସ୍ୱରୂପ ଚାଷୀ ମାନଙ୍କ ଫସଲ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଧର୍ମପ୍ରାଣାଙ୍କ ପରଲୋକ

ପାଣିକୋଇଲି,୨୩।୮ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ଗ୍ରାମ ପଞ୍ଚାୟତ ଅଧିବାସୀ ଗୀତାରାଣୀ ସିହ୍ନା (୯୪)ଙ୍କର ଦେହାନ୍ତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଧର୍ମପ୍ରାଣା ମହିଳା ଭାବେ ତାଙ୍କ ସୁଖ୍ୟାତି ଥିଲା। ତାଙ୍କ ସ୍ୱାମୀ ଦିବଂଗତ ଅମୂଲ୍ୟକୃଷ୍ଣ ସିହ୍ନା ପୂର୍ବରୁ ବୈତରଣୀରୋଡ ଓ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବ୍ଲକ କଂଗ୍ରେସ ସଭାପତି ହରେକୃଷ୍ଣ ସାହୁ, ସ୍ଥାନୀୟ ସରପଞ୍ଚ କୃଷ୍ଣ ମୋହନ ସାହୁ, ସମିତିସଭ୍ୟ ପ୍ରତିନିଧି ଆତାର ମହମ୍ମଦ, ସାହିତ୍ୟିକ ପ୍ରଭାତ ସିହ୍ନା ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଦେଶୀ ରନ୍ଧା ମଦ ଜବତ, ୫ ଗିରଫ

ପାଣିକୋଇଲି,୨୩।୮ (ସମିସ): ପାଣିକୋଇଲି ଓ କୋରେଇ ଥାନା ଅଞ୍ଚଳରେ ବ୍ୟାପକ ଚୋରା ଦେଶୀ ମଦ କାରବାର ଖବର ପାଇ କଟକ ଅବକାରୀ ବିଭାଗ ଓ ବଳବନ୍ତ କରଣ ସଂସ୍ଥା ଦ୍ୱାରା ଚଢ଼ଉ କରାଯାଇ ୧୧୯ ଲିଟର ଦେଶୀ ମହୁଲି ମଦ ସହ ଗୋଟିଏ ହୋଣ୍ଡା ଆକ୍ଟିଭ ସ୍କୁଟି (ଓଡି୩୪ଟି ୧୦୪୨)କୁ ଜବତ କରାଯାଇଛି। ଏହି ମାମଲାରେ ୫ଜଣଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ଅଭିଯୁକ୍ତ କୋରେଇ ଖାରଜ ବଟିରା ଗ୍ରାମର ପ୍ରଦୀପ ମଲିକ(୩୭) ବ୍ରହ୍ମଣାଦା ଗ୍ରାମର ସୁରେନ୍ଦ୍ର ମଲିକ (୫୩), ଖଜୁରନାଲୁଆ ଗ୍ରାମର କାଳନ୍ଦୀ ଜେନା(୨୮) ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଅରକ୍ଷିତ ସାମଲ (୪୫) ଜହ୍ନା ଗ୍ରାମର ପ୍ରଫୁଲ୍ଲ ମଲିକ (୫୨) ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ସମସ୍ତ ଚୋରା ମଦ ଚାଲଣର ମାଷ୍ଟର ମାଇଣ୍ଡ ବିଶୁଆ, ବାପି, ଦିପୁନା ବୋଲି ଜଣାପଡିଛି। ଚୋରା ମଦ ବିକ୍ରି ଉପରେ ଚଢ଼ଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଶକ୍ତିଶ୍ରୀ ସେଲ ଆନୁକୂଲ୍ୟରେ ଆଲୋଚନାଚକ୍ର

ପାଣିକୋଇଲି,୨୩।୮ (ସମିସ): ପାଣିକୋଇଲି ସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ଆନୁକୂଲ୍ୟରେ ଆଲୋଚନାଚକ୍ର ଓ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୁକ୍ତ୨ ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ସମରେନ୍ଦ୍ର ଦାଶ, ମଦନ ମୋହନ ପାତ୍ର, ଶକ୍ତିଶ୍ରୀ ସଂଯୋଜିକ ଅଧ୍ୟାପିକା ସସ୍ମିତା ଦାସ, ଶକ୍ତିଶ୍ରୀ ସାଥି ଗୌରିପ୍ରିତା ବାରିକ, ଆରରକ୍ଷା ସଂଯୋଜିକା ଶୁଶ୍ରୀ ସଂଗିତା ନନ୍ଦ, ଅଧ୍ୟାପକ ରଶ୍ମିରଂଜନ ମହାପାତ୍ର, ସନ୍ତୋଷ କୁମାର ଦାସ, ସତ୍ୟବ୍ରତ ଦାସ, ଶୁଭକାନ୍ତ ପାତ୍ର, ଯୋଗଗୁରୁ ଅଲେଖ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ ୩ ପ୍ରତମ ବାର୍ଷିକ ବାଳିକା ମାନଙ୍କ ଆନରକ୍ଷାର ଆବଶ୍ୟକତା ଓ ଏହାର ଉପକାରିତା ସମ୍ପର୍କରେ ବାଳିକା ମାନଙ୍କୁ ସଚେତନ କରାଯାଇଥିଲା। ସଭାରେ ସୌମ୍ୟକାନ୍ତ ବିଶ୍ୱାଳ, ରଶ୍ମିତା ଧଳ, ସୁବାସିନୀ ପୃଷ୍ଟି, ସତ୍ୟ ମହାନ୍ତି, ସତ୍ୟ ଦାସ, ସୁଦିପ୍ତ ଦାସ, ଅଭିମନ୍ୟୁ ପଣ୍ଡା, ରମେଶ ମହାକୁଡ, ପ୍ରମୋଦ ମିଶ୍ର, ବିପିନ ବିହାରୀ ଦଦାସ, କାଦମ୍ବିନୀ ରାଉଳ ପ୍ରମୁଖ ସହଯୋଗ କରିଥିଲେ। ଶିବିର ପ୍ରଶିକ୍ଷକ ଭାବେ ସୌଦାମିନୀ ଦାସ ବାଳିକାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ସାଗରିକା ଦାସ ଧନ୍ୟବାଦ ଦେଇଥିଲେ।

## ବନ୍ୟାଞ୍ଚଳରେ ସମାଜସେବୀଙ୍କ ସହାୟତା



କୟାଁଗୋଲା,୨୩।୮ (ସମିସ): ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବନ୍ୟା ପ୍ରପୀଡ଼ିତଙ୍କୁ ସମାଜସେବୀ ସରୋଜ ବିଶ୍ୱାଳ ସହାୟତା ବଣ୍ଟନ କରିଛନ୍ତି। ଏବେ ମଧ୍ୟ ଅନେକ ଗାଁ ପାଣି ଘେରରେ। କିଛି ଗାଁରେ ପାଣି ଛାଡ଼ିଛି। ହେଲେ ଦୁର୍ଦ୍ଦଶା ଛାଡି ନାହିଁ। ସମାଜସେବୀ ସରୋଜ ବିଶ୍ୱାଳଙ୍କ ସହ ନିରଞ୍ଜନ ଦାସ, ମନୋଜ ରାୟ, ଜୟକୃଷ୍ଣ ଦାସ, ପ୍ରଶାନ୍ତ ଦାସ, ଗଣେଶ ଦାସ, ପ୍ରଭାତ ଦାସ, ଦିବାକର ଦାସ, ନୀଳକଣ୍ଠ ଦାସ ପ୍ରମୁଖ ଶୁଖିଲା ଖାଦ୍ୟ ଓ ବୋତଲ ପାଣି ବଣ୍ଟନ କରିଥିଲେ। ବ୍ଲକର ଧନୀପୁର, ବିଦ୍ୟାଧରପୁର, ମହାନ୍ତିପାଟଣା, ଜଗନ୍ନାଥପୁର ଆଦି ଗ୍ରାମର ପହଞ୍ଚି ବିପନ୍ନଙ୍କ ପରିବାରକୁ ବିସ୍କୁଟ, ଚୁଡ଼ା, ମୁଢ଼ି, ଗୁଡ଼ ଓ ପାଣି ବୋତଲ ପ୍ରଦାନ କରିଥିଲେ।

## ପରିବେଶ ପ୍ରେମୀଙ୍କ ତାଳ ମଞ୍ଜି ରୋପଣ

କୁଆଖିଆ,୨୩।୮ (ସମିସ): ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ନିମିତ୍ତ ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆଜି ୧୫ଟି ଗ୍ରାମର ପ୍ରକୃତିପ୍ରେମୀଙ୍କ ଦ୍ୱାରା ଆଜି ୩ ଶହରୁ ଉର୍ଦ୍ଧ୍ୱ ତାଳ ମଞ୍ଜି ରୋପଣ କରାଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ହରିଡ଼ାପାଳ ସ୍ଥିତ ଜଗନ୍ନାଥ ମଠଠାରୁ ବ୍ରାହ୍ମଣୀ ନଦୀ ସଂଲଗ୍ନ ବନ୍ଧ ପର୍ଯ୍ୟନ୍ତ ଦୁଇ ପାଶ୍ୱର୍ରେ ଏହି ମଞ୍ଜିକୁ ରୋପଣ କରାଯାଇ ଥିବାବେଳେ ଉଭୟ ପାଶ୍ୱର୍ର ଆନୁମାନିକ ୨ କିମି ରାସ୍ତାରେ ମଧ୍ୟ ଖଜୁରୀ, ଆତ ମଞ୍ଜି ବୁଣିଥିଲେ। ଲଘୁଚାପ ଜନିତ ପ୍ରତିକୂଳ ପାଗ ସତ୍ତ୍ୱେ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରାଧ୍ୟାପକ ସ୍ୱରୂପାନନ୍ଦ ପଣ୍ଡା, ଅଧ୍ୟକ୍ଷ ସନ୍ତୋଷ ଶରଣ, ଶିକ୍ଷାବିତ ବିଷ୍ଣୁଚରଣ ସାହୁ, ପରିବେଶ ପ୍ରେମୀ କୈଳାସ ଚନ୍ଦ୍ର ମଲିକ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ସମରଜିତ ପ୍ରଧାନ, ସରପଞ୍ଚ ସୁରେନ୍ଦ୍ର କୁମାର ତିଆଡ଼ି, ସାମାଜିକ କର୍ମୀ କଳ୍ପତରୁ ପଣ୍ଡା, ଅନନ୍ତ କୁମାର ସାହୁ, ଭାଗବତ ପରିଡା, ପ୍ରସନ୍ନ କୁମାର ପୃଷ୍ଟି, ଅସିତ ନାୟକ, ବିନୋଦ ବିହାରୀ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ଓ ବିଚାରଶୀଳ ବ୍ୟକ୍ତିମାନେ ଏଥିରେ ସାମିଲ ହୋଇଥିଲେ। ଏହି ନିଆରା କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ଭୁୟସୀ ପ୍ରଶଂସା କରାଯାଇଛି।



## କାର ଦୁର୍ଘଟଣାଗ୍ରସ୍ତ

ପାଣିକୋଇଲ,୨୩।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ରଗଡି ରାସ୍ତାର ଓଟିନ୍ଦା ଛକ ନିକଟରେ ଆଜି ଏକ କାର ଦୁର୍ଘଟଣା ଘଟିଛି। ଚାଳକ ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ କାର (ଓଡି୦୨ବିଏମ ୨୩୩୯) ଏକ ଗଛରେ ପିଟି ହୋଇଥିଲା। କାରଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକ ବର୍ତି ଯାଇଥିବା ଜଣାପଡିଛି।

## ଡିଜିଟାଲ ମିଡିଆ ମହାସଂଘର ପ୍ରଶିକ୍ଷଣ ଶିବିର

ପାଣିକୋଇଲି,୨୩।୮ (ସମିସ): ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ଆନ୍ତଃରାଜ୍ୟ ପ୍ରଶିକ୍ଷଣ ଶିବିର ଆଜି ଷଠିପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଆଦି ୧୨ଟି ଜିଲ୍ଲାର ଡିଜିଟାଲ ମିଡିଆରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ମହାସଂଘର ରାଜ୍ୟ ସଭାପତି ମନୋରଞ୍ଜନ ଶତପଥିଙ୍କ ଅଧ୍ୟକ୍ଷତାରେ ଓ ବ୍ୟଙ୍ଗକବି ବାଇଧର ମାଝୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଟ୍ରେନର ଭାବେ ବରିଷ୍ଠ ସାମ୍ବାଦିକ ଯଯାତି କେଶରୀ ମହାନ୍ତି, ବରିଷ୍ଠ ସମ୍ବାଦିକ ଅରବିନ୍ଦ ଦାସ ଓ ସୁବାସ ଧଳ ପ୍ରମୁଖ ଯୋଗଦେଇ ଡିଜିଟାଲ ସମ୍ବାଦିକଙ୍କ କର୍ତ୍ତବ୍ୟ, ସେମାନଙ୍କ ଅଧିକାର, ସମ୍ବାଦିକତାର ସୀମା, ଗ୍ରାମାଞ୍ଚଳ ସମ୍ବାଦିକମାନଙ୍କ ଭୂମିକା, ଖବର କି ପ୍ରକାର ପ୍ରସାରଣ କରାଯିବ, ଖବର ପ୍ରସାରଣ ଉପରେ କି ଗୁରୁତ୍ୱ ଦିଆଯିବ, ଖବର ସତ୍ୟ ଓ ତଥ୍ୟ ଆଧାରରେ କିପରି କରାଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ଯୁବନେତା ସୌମ୍ୟ ରଂଜନ ଧଳ, ଜିଲ୍ଲା ପରିଷଦ ସଦସ୍ୟ ଉମାକାନ୍ତ ମାଝୀ, ବରିଷ୍ଠ ସମ୍ବାଦିକ ଅରବିନ୍ଦ ଦାସ, ସୁବାସ ଧଳ, ଅଜମତ ଖାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ଜିଲ୍ଲାର ସଭାପତି, ବିଭିନ୍ନ ସାମାଜିକ ଅନୁଷ୍ଠାନ, ପାଣିକୋଇଲି ଅଞ୍ଚଳର କର୍ତ୍ତବ୍ୟରତ ସମ୍ବାଦିକ, ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିଜିଟାଲ ମିଡିଆ ମହାସଙ୍ଘର ସାଂଗଠନିକ ସମ୍ପାଦକ ଗୌରାଙ୍ଗ ଚରଣ ମହୀ (କୁନା), ସମ୍ପାଦକ କବିରାଜ ପାତ୍ର, ଜିତୁ ବେହେରା, ବସନ୍ତ ମଲିକ, ନିରୋଜ ସେଠୀ, ଟୁଲୁ ନାୟକ, ହେମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଯୁବ ବିଜେଡିର ନୂତନ ସଭାପତି



ବଡ଼ଚଣା,୨୩।୮ (ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ରାଧାଦେଇପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ରାଜ୍ୟ ଯୁବ ବିଜେଡି ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀଙ୍କୁ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଫଳରେ ଯାଜପୁର ଜିଲ୍ଲା ଯୁବ ବିଜେଡି କର୍ମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଜଣେ ଦକ୍ଷ ସଂଗଠକ ଭାବରେ ସମଗ୍ର ଜିଲ୍ଲାରେ ପରିଚିତ ଶ୍ରୀ ଚୌଧୁରୀଙ୍କ ନୂତନ ନିଯୁକ୍ତି ପାଇଁ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ୍ ନାରାୟଣ ମହାପାତ୍ର, ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ତାପସ ରାୟ, ଜିଲ୍ଲା ସଂପାଦକ ସଂଜୟ କୁମାର ସ୍ୱାଇଁ, ସଂଖ୍ୟାଲଘୁ ସେଲ୍‌ର ସୁଲତାନ ଶୈଫୁଲା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଛାତ୍ର ବିଜେଡିର ନୂତନ ସଭାପତି



ଧର୍ମଶାଳା,୨୩।୮ (ସମିସ): ଧର୍ମଶାଳା ବ୍ଲକ ଚହଟା ଗ୍ରାମର ଛାତ୍ରନେତା ଜଗଦାନନ୍ଦ ରାଉତ (କ୍ଷିତିଶ)ଙ୍କୁ ଯାଜପୁର ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଶ୍ରୀ ରାଉତଙ୍କ ସହ ଅନ୍ୟ ସାଙ୍ଗଠନିକ ଜିଲ୍ଲା ସଭାପତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। ଶ୍ରୀ ରାଉତ ପୂର୍ବରୁ ଧର୍ମଶାଳା ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଏବଂ ପରେ ବିଜେଡିରେ ଯୋଗଦେଇ ଧର୍ମଶାଳା ବ୍ଲକର ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ।

## ଇନର୍ ହୁଇଲ୍ କ୍ଲବ୍ ପକ୍ଷରୁ ଛତା ବଣ୍ଟନ



ଧର୍ମଶାଳା,୨୩।୮ (ସମିସ): ଜାରକା ଇନରହୁଇଲ୍ କ୍ଲବ ପକ୍ଷରୁ ବଡ଼କାଏମା ଗ୍ରାମ ପଞ୍ଚାୟତ ଅଧୀନସ୍ଥ କାଏମା ଗ୍ରାମରେ ୫୦ ଜଣ ମହିଳାଙ୍କୁ ଛତା ଓ ଖାଦ୍ୟ ବଣ୍ଟନ କରାଯାଇଛି। ଏଥି ନିମନ୍ତେ ଆୟୋଜିତ ଏକ ସଭାରେ କ୍ଲବର ସଭାପତି କଳ୍ପନା ପରିଡା ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ସମାଜସେବୀ ମିନତୀ ସାହୁ ଅତିଥି ଭାବେ ଯୋଗଦେଇ ବନ୍ୟା ବିପନ୍ନ ପରିବାରର ମହିଳାମାନଙ୍କୁ ସଚେତନତା କରିବା ସହ ଛତା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବ ଉପସଭାପତି ରଶ୍ମିତା ନାୟକ, ସମ୍ପାଦକ ଉପାସନା ଶତପଥୀ, ପୂର୍ବତନ ସଭାପତି ଲୋପାମୁଦ୍ରା ଷେଣ୍ଡ, ଆଇଏସଓ କଳ୍ପନା ନାୟକ, କୋଷାଧ୍ୟକ୍ଷ ବିଶ୍ୱାମିତ୍ରା ସାହୁ, ସଦସ୍ୟା ଅର୍ଚ୍ଚନା ସ୍ୱାଇଁ, ପ୍ରଭାତ ନଳିନୀ ସାହୁ, କାଦମ୍ବିନୀ ମିଶ୍ର ଓ ସରୋଜିନୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



ଧର୍ମଶାଳା,୨୩।୮ (ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟି ଗ୍ରାମପଞ୍ଚାୟତ ଝାଟିଆଶାସନ (ଓଡ଼ଙ୍ଗ) ନିବାସୀ ମୁରଲୀଧର ଦାଶଙ୍କ ଧର୍ମପତ୍ନୀ ସେବତୀ ଦାଶ (୮୭) ଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ଗତକାଲି ସନ୍ଧ୍ୟାରେ ନିଜସ୍ୱ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାରର ପୁଅ ଅଜୟ, ଅକ୍ଷୟ, ଅଭୟ, ବୋହୂ, ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ମୃତ୍ୟୁର ଖବର ଶୁଣି ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ଲୋକପ୍ରିୟ, ପରୋପକାରୀ ଓ ଧର୍ମପରାୟଣ ମହିଳା ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନ ପୁଅ ଅଭୟ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜଳବନ୍ଦୀ ପରିବାରଙ୍କୁ ସହାୟତା

ବ୍ରହ୍ମବରଦା,୨୩।୮ (ସମିସ): ବ୍ରହ୍ମବରଦା ପଞ୍ଚାୟତର ଅନେକ ଅଞ୍ଚଳ ଜଳବନ୍ଦୀ ହୋଇରହିଛି। ଗତ ଏକ ମାସ ହେବ ବ୍ରାହ୍ମଣୀ ନଦୀରେ ଆସିଥିବା ବନ୍ୟା ପାଣି ଏଯାଏଁ ନିଷ୍କାସନ ହୋଇପାରୁନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର



ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ଆଜି ବ୍ରହ୍ମବରଦା ଯୁବ ଗୋଷ୍ଠୀ ତରଫରୁ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ କରାଯାଇ ଅସହାୟ ପରିବାର ଲୋକଙ୍କ ସମସ୍ୟା ବୁଝିବା ସହ ସେମାନଙ୍କୁ ଯଥା ସମ୍ଭବ ସହାୟତା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟରେ ଅନିଲି ରାଉତ, ସଂଗ୍ରାମ କେଶରୀ ମହାନ୍ତି, ରୂପେଶ ରାଉତ, ଉଦୟଭାନୁ ଦେଓ, ସ୍ମୃତିରଂଜନ ରାଉତ ରାଜେଶ ଦାସ, ସତ୍ୟସାଗର ରାଉତ, ପିଣ୍ଟୁ ବଟ, ବାବୁନା ବେହେରା, ଅସିତ୍ ରାଉତ, ସୌମ୍ୟରଞ୍ଜନ ରାଉତ ଓ ପାଗା ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପାଣିରୁ ମିଳିଲା ନବଜାତ ଶିଶୁର ମୃତଦେହ

ବିଞ୍ଝାରପୁର,୨୩।୮ (ସମିସ): ବିଞ୍ଝାରପୁର ଥାନା ଅଧୀନସ୍ଥ ରସିକ ଛକରୁ କପିଳା ଯିବା ରାସ୍ତାରେ ଥିବା ଏକ ପୋଲ ନିକଟ ନାଳରୁ ଜଣେ ନବଜାତ ଶିଶୁର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହାପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହ ଉଦ୍ଧାର କରିଛି। ଏହି ଘଟଣା କିପରି ଘଟିଲା ଏବଂ ଶିଶୁଟି କିପରି ନାଳରେ ପହଞ୍ଚିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

# କଳିଙ୍ଗନଗରରେ ଦନ୍ତା ଆତଙ୍କ

ଯଖପୁରା,୨୩।୮ (ସମିସ):



କଳିଙ୍ଗନଗର ଶିଳ୍ପାଞ୍ଚଳରେ ହାତୀ ଆତଙ୍କ। ଗତ ୬୩ ଦିନ ହେଲା ଏକ ଦନ୍ତା ଶିଳ୍ପାଞ୍ଚଳରେ ଘୁରି ବୁଲୁଛି। ଯାହାକୁ ନେଇ ଶିଳ୍ପାଞ୍ଚଳ ଆଦିବାସୀ ବସ୍ତିରେ ଆତଙ୍କ ସୃଷ୍ଟି ହୋଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅନେକ ଗୁଡିଏ ଶିଳ୍ପ ଗଢିଉଠିବା ପରେ ଏବେ କେବଳ ବଡ଼ସୁଳି ପାହାଡ଼ରେ ଥିବା ଜଙ୍ଗଲକୁ ଛାଡିଦେଲେ ଅନ୍ୟ ସ୍ଥାନମାନଙ୍କରେ କେବଳ ଶିଳ୍ପ, ସଡ଼କ ଓ ପରିବହନ ପାଇଁ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟତ କରୁଥିବାର ଦେଖିବାକୁ ମିଳୁଛି। ଦିନକୁ ଦିନ ଜଙ୍ଗଲ ଅବକ୍ଷୟ ଯୋଗୁଁ ବନ୍ୟଜନ୍ତୁମାନେ ଏବେ ସହରାଭିମୁଖି ହେଉଛନ୍ତି। ତେଣୁ ଏହି ଜଙ୍ଗଲ ଛାଡ଼ି ବେଳେ ବେଳେ ଜୀବଜନ୍ତୁ ସହର ଭିତରୁ ପଶିଆସିଥାନ୍ତି। ତେବେ ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଏକ ଦନ୍ତା ହାତୀ ବାରଙ୍ଗ ଜଙ୍ଗଲରୁ ବାହାରି ଟମକା ବନ୍ୟାଞ୍ଚଳ ଦେଇ ବନ୍ଦଥିବା ମେସ୍କୋ କାରଖାନାରେ ପ୍ରବେଶ କରିଥିଲା। ହାତୀ ଆତଙ୍କରେ ଆତଙ୍କିତ ଥିବା ଅଞ୍ଚଳବାସୀ ହାତୀକୁ ଘଉଡ଼ାଇବାରୁ ସେ ମସ୍କୋ କାରଖାନାରୁ ବାହାରି ବଡ଼ସୁଳି ପାହାଡ଼ର ଉତ୍ତର ପାଶ୍ୱର୍ରେ ଥିବା ଗାଡ଼ପୁର ଜଙ୍ଗଲକୁ ପଳାୟନ କରିଥିଲା। ଗାଡପୁର ଜଙ୍ଗଲରେ ଦୀର୍ଘ ୨୩ ଦିନ ରହିବା ପରେ ବଡ଼ସୁଳି ପାହାଡ଼ର ଦକ୍ଷିଣ ଦିଗରେ ଥିବା ଜଙ୍ଗଲକୁ ଚାଲିଆସିଛି। ପରେ ଟାଟା କାରଖାନା ଓ ଭିସା କାରଖାନା ଦେଇ ପୁଣି ବଡସୁଳି ପାହାଡ଼କୁ ଫେରିଆସିଥିଲା। ଗତ ୧୪ ତାରିଖରୁ ଆଜିପର୍ଯ୍ୟନ୍ତ ହାତୀଟି ଜଙ୍ଗଲରେ ରହିଆସୁଛି। ଦିନରେ ଜଙ୍ଗଲ ଭିତରେ ଓ ରାତି ହେଲେ ପାଖରେ ଥିବା ଆଦିବାସୀ ଗ୍ରାମମାନଙ୍କରେ ବୁଲୁଥିବାରୁ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ପାହାଡର ନିକଟରେ ଥିବା ଗ୍ରାମ ଯେପରି ଜଟରାପାଳ, ଭିତରମାଣିକା, ବାଲିଗୋଠ, ଟାଙ୍ଗରସାହି, ମିରିକିଚରା ଆଦି ଗ୍ରାମରେ ଗତ ଦେଢ଼ମାସରୁ ଉର୍ଦ୍ଧ୍ୱ ଦିନ ଧରି ଭୟର ବାତାବରଣ ଖେଳିଯାଇଛି। ପ୍ରତିଦିନ ରାତ୍ରି ହେଲେ ଦନ୍ତାହାତୀ ଜଙ୍ଗଲ ଛାଡ଼ି ଗାଁ ଅଭିମୁଖେ ଆସୁଛି। ଫଳରେ ଭୟରେ ଆଦିବାସୀ ଗ୍ରାମର ବାସିନ୍ଦା ନିଜ ଘର ଛାଡି ଗ୍ରାମରେ ଥିବା କ୍ଲବ ଘର ଓ ସ୍କୁଲରେ ପରିବାର ସହ ରାତି କଟାଉଛନ୍ତି। ପ୍ରତିଦିନ ଜଟରାପାଳ ଗ୍ରାମର ପୁରୁଷମାନେ ରାତ୍ରୀ ହେଲେ ବନବିଭାଗ ଅଧିକାରୀ ସମେତ ପଡୋଶୀ ଆଦିବାସୀ ଗ୍ରାମର କିଛି ଯୁବକଙ୍କୁ ନେଇ ହାତୀ ଘଉଡ଼ାଇବା ପାଇଁ ବାହାରି ପଡୁଛନ୍ତି। ମାତ୍ର ହାତୀ ଆଉ ସାଧାରଣ ଲୋକଙ୍କୁ ଭୟ ନକରି ନିଜ ଇଚ୍ଛାନୁସାରେ ବୁଲୁଛି। ରାତିରେ ବୁଲାବୁଲି କରୁଥିବା ସମୟରେ ଧାନ ତଳି ସମେତ ଧାନ ରୁଆ ଜମିକୁ ନଷ୍ଟ କରିଦେଇଥିବା ଅଭିଯୋଗ ହେଉଛି। ହାତୀ ଆକ୍ରମଣରେ ଜଟରାପାଳ ସମେତ ପଡୋଶୀ ଆଦିବାସୀ ଗ୍ରାମର ଅନେକ ଘର ଭାଙ୍ଗି ଯାଇଛି। ନିୟୋଜିତ ଥିବା ୭ଜଣ ବନକର୍ମଚାରୀ ଓ ହାତୀ ଆତଙ୍କରେ ପ୍ରଭାବିତ ଆଦିବାସୀଙ୍କୁ ନେଇ ହାତୀ ଘଉଡ଼ାଉଥିଲେ ମଧ୍ୟ ହାତୀ ଉପରେ କୌଣସି ପ୍ରଭାବ ପଡୁନାହିଁ। ପ୍ରଶାସନ ପକ୍ଷରୁ ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧନସମ୍ପତିର କୌଣସି ଆକଳନ ଓ ଏହାର କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇନାହିଁ। ୨ ମାସରୁ ଅଧିକ ଦିନ ଧରି କଳିଙ୍ଗନଗର ଶିଳ୍ପାଞ୍ଚଳରେ ରହୁଥିବା ଦନ୍ତା ହାତୀଟି ଖାଦ୍ୟ ଅଭାବରୁ ଦିନକୁ ଦିନ ରୁଗ୍ଣ ହେଉଥିବାରୁ ହାତୀଟି ଆକ୍ରମଣାତ୍ମକ ମନୋଭାବ ପୋଷଣ ଭଳି ଅନୁଭବ ହେଉଛି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ହାତୀକୁ ତାର ପୂର୍ବ ସ୍ଥାନକୁ ନେବା ପାଇଁ ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ଆଦିବାସୀ ଅଞ୍ଚଳର ଲୋକ ଅନୁରୋଧ କରିଛନ୍ତି।

**୬୩ ଦିନ ହେଲା ଛାଡୁନି ଶିଳ୍ପାଞ୍ଚଳ**

## ବନ୍ୟା ପ୍ରଭାବିତ ଅଞ୍ଚଳରେ ସୁଧାର ପାଇଁ ଉଦ୍ୟମ

# ନଳକୂପ ବିଶୋଧନ ଓ ପାନୀୟ ଜଳ ଯାଞ୍ଚ ତ୍ୱରାନ୍ୱିତ





**ଯାଜପୁର,୨୩।୮ (ସମିସ)**

ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କୁ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଯାଜପୁର ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଉତ୍ସ ଓ ନଳକୂପଗୁଡ଼ିକର ବିଶୋଧନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ବନ୍ୟାଜଳ ନଳକୂପ ଓ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସରେ ପ୍ରବେଶ କରିଥିବା ସମ୍ଭାବନା ଥିବାରୁ ବିଭାଗୀୟ ଟିମ୍ ପକ୍ଷରୁ ନଳକୂପଗୁଡ଼ିକର ବିଶୋଧନ ସହିତ ପାନୀୟ ଜଳର ଗୁଣବତ୍ତା ମଧ୍ୟ ଯାଞ୍ଚ କରାଯାଉଛି। ଜଳ ଉତ୍ସଗୁଡ଼ିକର ସ୍ୱଚ୍ଛତା ଓ ନିରାପତ୍ତା ଯାଞ୍ଚ କରାଯିବା ସହ ଆବଶ୍ୟକସ୍ଥଳେ ଉପଯୁକ୍ତ ବିଶୋଧନ ପ୍ରକ୍ରିୟା ଅନୁସରଣ କରାଯାଉଛି। ବନ୍ୟା ପରବର୍ତ୍ତୀ ସମୟରେ ଦୂଷିତ ଜଳ ଯୋଗୁଁ ଜଳବାହିତ ରୋଗର ଆଶଙ୍କା ରହିଥିବାରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଜଳ ଉତ୍ସଗୁଡ଼ିକର ନିରନ୍ତର ନିରୀକ୍ଷଣ, ବିଶୋଧନ ଓ ଜଳର ଗୁଣବତ୍ତା ଯାଞ୍ଚ କାର୍ଯ୍ୟ ଜାରି ରହିବ। ଜନସାଧାରଣଙ୍କୁ ବନ୍ୟା ପରେ କୌଣସି ଅସୁରକ୍ଷିତ କିମ୍ବା ସନ୍ଦେହଜନକ ଜଳ ଉତ୍ସର ପାଣି ବ୍ୟବହାର ନକରି, ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ନୂତନ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୦ ଟି ବ୍ଲକର୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁର ପ୍ରାୟ ୪,୩୪,୬୩୨ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତରାପଦା ପଞ୍ଚାୟତର ପାଟଣା ଗାଁ ନିକଟ କାଣୀ ନଦୀ ଏବଂ ଜରୀ ପଞ୍ଚାୟତର ନଉବାଙ୍କ ନିକଟ ବୈତରଣୀ ନଦୀର ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ବ୍ୟାପକ କରାଯାଇ ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ସେହିପରି ୩୬୩ଟି ମାଗଣା ରୋଷେଇ ଘର ଜରିଆରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ୨ଟି ଏନ୍‌ଡିଆର୍‌ଏଫ୍, ୩ଟି ଓଡ୍ରାଫ୍, ୧୨ଟି ଅଗ୍ନିଶମ ସେବା ଟିମ୍ ଏବଂ ୧୪ଟି ବୋଟ୍ ନିୟୋଜିତ ଅଛନ୍ତି। ଯାହା ମାଧ୍ୟମରେ ୩୭୮ ଜଣଙ୍କୁ ଉଦ୍ଧାର କରାଯିବା ସହ ୧୪୧ଟି ବିଚ୍ଛିନ୍ନ ଗାଁରେ ଜରୁରୀ ସେବା ପହଞ୍ଚାଯାଇଛି।

ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ରିପୋର୍ଟରୁ ପ୍ରକାଶ ଯେ, ଜିଲ୍ଲାରେ ମୋଟ ୨,୬୭୪ଟି ଟ୍ୟୁବୱେଲ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧,୫୨୪ଟି ଟ୍ୟୁବୱେଲକୁ ସମ୍ପୂର୍ଣ୍ଣ ବିଶୋଧିତ କରାଯାଇସାରିଛି। ଏହାସହିତ ବିଚ୍ଛିନ୍ନ ଓ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୱାଟର ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ୧୨ଟି ମେଡିକାଲ ଟିମ୍ ଓ ୧୮ଟି କ୍ୟାମ୍ପ ଜରିଆରେ ୧୩,୪୫୮ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଅଞ୍ଚଳରେ କୌଣସି ନୂଆ ଝାଡ଼ାବାନ୍ତି କିମ୍ବା ଜଳବାହିତ ରୋଗର ବ୍ୟାପକ ସଂକ୍ରମଣ ରେକର୍ଡ ହୋଇନାହିଁ। ଜଳବାହିତ ରୋଗର ମୁକାବିଲା ପାଇଁ ପ୍ରଶାସନ ପାଖରେ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍, ଆଇଭି ଫ୍ଲୁଇଡ୍ ଓ ପ୍ରାଥମିକ ଔଷଧ ମହଜୁଦ ରହିଛି। ଜନସ୍ୱାସ୍ଥ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ସମସ୍ତ ପ୍ରକାର ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ୨୪ ଘଣ୍ଟା ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି।

### ୮ ବ୍ଲକର ୧୬୨ ସ୍କୁଲ ବନ୍ଦ

**ଯାଜପୁର:** ଜିଲ୍ଲାରେ ବନ୍ୟାରେ ସୁଧାର ଆସିଥିଲେ ମଧ୍ୟ ଏବେ ବି ଅନେକ ସ୍ଥାନ ପାଣିଘେରରେ ରହିଛି। ବିଶେଷ କରି ବନ୍ୟାଞ୍ଚଳର ବିଦ୍ୟାଳୟଗୁଡ଼ିକ ଦୟନୀୟ ଅବସ୍ଥାରେ ରହିଛି। ଏହା ସହିତ ପୁନଃ ବର୍ଷା ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସୋମବାର ଜିଲ୍ଲାର ବରୀ, ଦଶରଥପୁର, ବିଞ୍ଝାରପୁର ସମେତ ୮ଟି ବ୍ଲକର ୧୬୨ଟି ବିଦ୍ୟାଳୟକୁ ଜିଲ୍ଲା ପ୍ରଶାସନ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି।

## ବନ୍ୟା ଆଣିଲା ନୂଆ ବିପଦ

# ମଣିଷ ଘରେ ସାପଙ୍କ ଆଶ୍ରୟ

**କୟାଁଗୋଲା,୨୩।୮ (ସମିସ):** ବନ୍ୟାପାଣି ଧୀରେ ଧୀରେ କମିବାରେ ଲାଗିଥିବା ବେଳେ ଦଶରଥପୁର ଅଞ୍ଚଳରେ ଦେଖାଦେଇଛି ନୂଆ ବିପଦ। ବନ୍ୟା ଯୋଗୁଁ ପ୍ରାକୃତିକ ଆଶ୍ରୟସ୍ଥଳ ହରାଇଥିବା ସାପମାନେ ଏବେ ଶୁଖିଲା ସ୍ଥାନ ଓ ନିରାପଦ ଆଶ୍ରୟ ଖୋଜି ମଣିଷଙ୍କ ଘର, ବାଡ଼ି ଓ ଜନବସତି ମୁହାଁ ହେଉଛନ୍ତି। ଫଳରେ ବନ୍ୟା ପ୍ରଭାବିତ ଲୋକଙ୍କ ମଧ୍ୟରେ ସାପକୁ ନେଇ ଭୟ ଓ ଆତଙ୍କ ବଢ଼ିଛି। ଗତ ସପ୍ତାହରେ ବୈତରଣୀ ନଦୀରେ ଆସିଥିବା ବନ୍ୟାରେ ଦଶରଥପୁର ବ୍ଲକର କୟାଁଗୋଲାଠାରୁ ମଙ୍ଗଳପୁର, ଶୁଶୁଆଠାରୁ ଅହିୟାସ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିଲା। ବନ୍ୟା ଜଳ କିଛିଟା ହ୍ରାସ ପାଇବା ପରେ ବିଭିନ୍ନ ଗାଁରେ ଘରେ ଘରେ ସାପ ପଶିବା ଘଟଣା ସାମ୍ନାକୁ ଆସୁଛି। ବିଶେଷକରି ତଳିଆ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଦେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ସ୍ନେକ୍ ହେଲ୍ପଲାଇନ୍‌ର ରାଜ୍ୟ ସଂଯୋଜକ ପ୍ରମୋଦ କୁମାର ସାହୁ ଓ ତାଙ୍କ ସହଯୋଗୀ ଜାହାଙ୍ଗୀର ଖାନ ବନ୍ୟାପାଣି ମଧ୍ୟରେ ଯାଇ ବିଭିନ୍ନ ସ୍ଥାନରୁ ସାପ ଉଦ୍ଧାର କରୁଛନ୍ତି। କାରାଣ୍ଡିପୁର ମୁସଲିମ ସାହି, କାଣୀ ନଦୀ ଘାଇମୁହଁ, ଡୋଭାବିଲ, ପାଟଣା, ଅହିୟାସ, ତରପଡ଼ା, ପତିରି ସମେତ ବିଭିନ୍ନ ଅଞ୍ଚଳରୁ ଅନେକ ବିଷଧର ସାପ ଉଦ୍ଧାର ହୋଇଥିବା କୁହାଯାଇଛି।



ଉଦ୍ଧାର ହୋଇଥିବା ସାପଗୁଡ଼ିକୁ ସୁରକ୍ଷିତ ଭାବେ ଧରି ପରେ ସେମାନଙ୍କ ପ୍ରାକୃତିକ ଆବାସସ୍ଥଳରେ ଛାଡ଼ି ଦିଆଯାଉଛି। ଏଥିସହ ବନ୍ୟା ପ୍ରଭାବିତ ଲୋକଙ୍କୁ ସାପଠାରୁ ସତର୍କ ରହିବା ଏବଂ ଘରେ ସାପ ପଶିଲେ ନିଜେ ଧରିବାକୁ ନଯାଇ ପ୍ରଶିକ୍ଷିତ ସାପ ଉଦ୍ଧାରକାରୀଙ୍କୁ ଖବର ଦେବାକୁ ସଚେତନ କରାଯାଉଛି। ବନ୍ୟା ସମୟରେ ଦଶରଥପୁର ଅଞ୍ଚଳରେ ସାପ କାମୁଡ଼ା ଘଟଣା ଓ ମୃତ୍ୟୁ ଘଟିଥିବା ନେଇ ମଧ୍ୟ ସ୍ଥାନୀୟ ଭାବେ ସୂଚନା ମିଳିଛି। ତେଣୁ ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ରାତିରେ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ସହ ଘରର ଅନ୍ଧାର କୋଣ, ଜିନିଷପତ୍ର ଓ ଆଶ୍ରୟସ୍ଥଳ ଯାଞ୍ଚ କରିବାକୁ ସଚେତନ ନାଗରିକମାନେ ପରାମର୍ଶ ଦେଇଛନ୍ତି। ବନ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କ ଜୀବନ ଧୀରେ ଧୀରେ ସ୍ୱାଭାବିକ ହେଉଥିବା ବେଳେ ସାପ ଆତଙ୍କ ଏବେ ନୂଆ ଚିନ୍ତାର କାରଣ ପାଲଟିଛି।

## ବନ୍ୟା ବିପନ୍ନଙ୍କୁ ସେବା ପାଇଁ ବବିଙ୍କୁ ସମ୍ବର୍ଦ୍ଧନା



**ଯାଜପୁର,୨୩।୮ (ସମିସ):** ଚଳିତ ବନ୍ୟାରେ ବିପନ୍ନମାନଙ୍କୁ ଉନ୍ନତ ସେବା ସହଯୋଗ ଓ ସଦିଚ୍ଛା ପାଇଁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି ଯାଜପୁର ସହରବାସୀ। ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ ଓରଫ ବବି ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ଦଶରଥପୁର ଓ ଯାଜପୁର ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ଘର ଘର ବୁଲି ରିଲିଫ୍ ପ୍ରଦାନ କରୁଛନ୍ତି। ବିପନ୍ନ ପରିବାର ସଦସ୍ୟଙ୍କୁ ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି। ମା'ମାନଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରାଉଛନ୍ତି। ଫଳରେ ସେ ଆଜି ସହରବାସୀଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ବିଭିନ୍ନ ବ୍ୟକ୍ତି ବିଶେଷ ବବିଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ ପାଇଁ ପ୍ରସ୍ତୁତି

**ଯାଜପୁର,୨୩।୮ (ସମିସ):** ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୯ତମ ଜନ୍ମବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ-୨୦୨୬ ଆସନ୍ତା ସେପ୍ଟେମ୍ବର ୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ସାରସ୍ୱତ ସମାବେଶ ମଞ୍ଚ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ସମାରୋହକୁ ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଶୁଭ ଉଦ୍‌ଘାଟନ କରିବେ। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ଫନୀ ମହାନ୍ତି ମୁଖ୍ୟଅତିଥି, ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟବକ୍ତା, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ବିଶିଷ୍ଟ ଅତିଥି, ସମାଜସେବୀ ପ୍ରଶାନ୍ତ କୁମାର ରାୟ ବରେଣ୍ୟ ଅତିଥି, ଜଳସଂପଦ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ଯାମିନୀକାନ୍ତ ଦାସ, ସମାଜସେବୀ ବନୋଜ କୁମାର ଜେନା ଓ ଚଳଚ୍ଚିତ୍ର ପ୍ରଯୋଜକ କେଦାର ଚନ୍ଦ୍ର ରାଉତ ସମ୍ମାନନୀୟ ଅତିଥିଭାବେ ଯୋଗଦେବେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବୀ କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନା ନିମନ୍ତେ ଓଡ଼ିଶାର ୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନାଗରିକ ସଂବର୍ଦ୍ଧନା ଦିଆଯିବ। ଏତଦ୍‌ଭିନ୍ନ ଦକ୍ଷତାର ସହିତ ଶିକ୍ଷାଦାନ ନିମନ୍ତେ 'ଆଦର୍ଶ ଗୁରୁ ସମ୍ମାନ-୨୦୨୬' ଓ ସମାଜସେବା ଏବଂ ଜନହିତକର କାମରେ କାର୍ଯ୍ୟରତ ସାହିତ୍ୟାନୁରାଗୀ ପ୍ରତିଭାବାନ ବ୍ୟକ୍ତିଙ୍କୁ 'ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। 'ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ'ର ସଭାପତି ସାହିତ୍ୟିକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଯାଜପୁର ଟାଉନ ନହରାପୁରସ୍ଥିତ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ ନାରାୟଣ ସାମନ୍ତ, ସନ୍ତୋଷ କୁମାର ନନ୍ଦ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର କୁମାର ରାୟ, ଗାଳ୍ପିକ ରମେଶ ପଣ୍ଡା, ପ୍ରାକ୍ତନ ବିଡିଓ ହିତାଂଶୁ ଶେଖର ସାମଲ, ଆଇନଜୀବୀ ସମରେନ୍ଦ୍ର ଦାସ, ସେଖ ଅବଦୁଲ ସାଜିଦ୍, କାମାକ୍ଷା ପ୍ରସାଦ ନନ୍ଦ, ସିତେଶ କୁମାର ପଣ୍ଡା, ଗୁରୁପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସମାବେଶର ସଫଳ ରୂପାୟନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହେଲା। ଏଥିରେ ସମାଜସେବୀ ବରଦାପ୍ରସାଦ ମହାପାତ୍ର ଅଧ୍ୟକ୍ଷ, ସାହିତ୍ୟିକ ଘନ ପରିଡ଼ା ମହାସଚିବ, ବୀରେନ୍ଦ୍ର ମହାନ୍ତି ମୁଖ୍ୟ ପୃଷ୍ଠପୋଷକ, ହିତାଂଶୁ ସାମଲ, ସିତେଶ କୁମାର ପଣ୍ଡା, ଓ ଉପାଧ୍ୟକ୍ଷ, ନାରାୟଣ ସାମନ୍ତ ମୁଖ୍ୟ ଉପଦେଷ୍ଟା, ଧରଣୀଧର ମହାପାତ୍ର ମୁଖ୍ୟ ପରାମର୍ଶଦାତା, ସେକ୍ ଅବଦୁଲ ସାଜିଦ୍‌ଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହି ସମାରୋହରେ ରାଜ୍ୟର ୨ଶହ ପ୍ରତିନିଧି ଯୋଗଦେବେ ଓ ସେମାନଙ୍କ ରାତ୍ରରହଣି ଓ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା କରାଯିବ ବୋଲି କମିଟିର ମହାସଚିବ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ସଭା

ଯାଜପୁର,୨୩।୮ (ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚୀବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଚିବ ପ୍ରାରମ୍ଭିକ ସୂଚନା ଦେବା ପରେ ବିଦ୍ୟାଳୟରେ ଛାତ୍ର ଆଇନ୍ ସାକ୍ଷରତା କ୍ଲବ୍ ଗଠନ ତାର କାର୍ଯ୍ୟ ପରିସର ବିଷୟ ବର୍ଣ୍ଣନା କରିଥିଲେ। ଏଥିରେ ଅତିଥି ଆଲୋଚକ ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଆଡିସିନାଲ୍ ତହସିଲଦାର୍ ଯାଜପୁର ଅଜୟ କୁମାର ପଣ୍ଡା, ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଓ ସରୋଜିନୀ ଦାସ ସୁରକ୍ଷା ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ଆଇନ୍ ସେବା ପ୍ରାଧିକରଣ ମାଦକ ମୁକ୍ତ ଭାରତ ଯୋଜନା, ନାଲସା ହେଲ୍ପ ଲାଇନ୍ ୧୫୧୦୦ର ଉପଯୋଗ, ବିଶାଖା ଅନ୍ୟମାନେ ବନାମ ରାଜସ୍ଥାନ ସରକାର ମାମଲା, କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ଇତ୍ୟାଦି ସହିତ ଶିଶୁଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।ଏତଦବ୍ୟତୀତ ନାଲସାର ଜାଗୃତି ସ୍କିମ ବିଷୟରେ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ୍ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଜାତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ଆଇନ୍ ସାକ୍ଷରତା କ୍ଲବ୍ ସଂଯୋଜିକା ପ୍ରମିଳା ସିଅଳଙ୍କ ସହ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିପନ୍ନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ସାମଗ୍ରୀ

# ଦଳୀୟ ଭିତ୍ତିରେ ଫଟୋ ମାରି ବଣ୍ଟନ ଅଭିଯୋଗ

**ବିଞ୍ଝାରପୁର,୨୩।୮ (ସମିସ):** ବନ୍ୟା ବିପତ୍ତିରେ ଜଳବନ୍ଦୀ ହୋଇ ଦୁର୍ଦ୍ଦଶା ଭୋଗୁଥିବା ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବନ୍ୟାବିପନ୍ନଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତାରେ ଆସିଥିବା ରିଲିଫ୍ ସାମଗ୍ରୀ ପହଞ୍ଚିଛି। ତେବେ ଏହି ରିଲିଫ୍ ସାମଗ୍ରୀ ସରକାରୀ ବ୍ୟବସ୍ଥାରେ ସମସ୍ତ ବିପନ୍ନଙ୍କୁ ବଣ୍ଟନ ନକରି ଦଳୀୟ ଭିତ୍ତିରେ ବଣ୍ଟନ କରାଯାଇଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଯିବା ସହ ଘଟଣାର ତଦନ୍ତ ଦାବି କରାଯାଇଛି। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ବବିତା ମଲ୍ଲିକଙ୍କ ନେତୃତ୍ୱରେ ବିଞ୍ଝାରପୁର ମଣ୍ଡଳର ବିଭିନ୍ନ ମଣ୍ଡଳ ସଭାପତି, ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ଅଟା, ସୁଜି, ମୁଢ଼ି, ଚୁଡ଼ା, ପାଣି ବୋତଲ ଓ ଗୋଖାଦ୍ୟ ସମେତ ବିଭିନ୍ନ ଆବଶ୍ୟକ ସାମଗ୍ରୀ ବିପନ୍ନ ପରିବାରଙ୍କୁ ପ୍ରଦାନ କରାଯାଇଥିଲା। ସିଂହପୁର, ଜରି, ଓଳେଇ ଚନ୍ଦନପୁର, ବାଙ୍ଗରା, ହଳଦିଡିହ, ଆଉଁରୀ, ଟିଣା, ପ୍ରୀତିପୁର, କପିଳା, ଚନ୍ଦ୍ରମୁଁ, ରଣପୁର ଓ କଲ୍ୟାଣପୁର ଅଞ୍ଚଳର ବିଭିନ୍ନ ବନ୍ୟାବିପନ୍ନଙ୍କ ନିକଟରେ ଏହି ସହାୟତା ପହଞ୍ଚାଯାଇଥିବା ବିଜେପି ପକ୍ଷରୁ କୁହାଯାଇଛି। ଏହି ଅବସରରେ ବିଜେପି ନେତା ନିରଞ୍ଜନ ବେଉରିଆ ଓ ପୁରୁଷୋତ୍ତମ ବେହେରା କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ବନ୍ୟାକ୍ଳିଷ୍ଟଙ୍କୁ ଆଶ୍ୱସ୍ତ କରିଛି। ତେବେ ଏହାକୁ ନେଇ ବିଜେଡି ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ସରକାରଙ୍କ ପକ୍ଷରୁ ବନ୍ୟାବିପନ୍ନଙ୍କ ପାଇଁ ଆସିଥିବା ରିଲିଫ୍ ସାମଗ୍ରୀ ଯଦି ସରକାରୀ ସହାୟତା, ତେବେ ଏହାକୁ ଦଳୀୟ କର୍ମଚାରୀମାନେ କେଉଁ ଅଧିକାରରେ ବଣ୍ଟନ କଲେ ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ରିଲିଫ୍ ବଣ୍ଟନରେ ସରକାରୀ ନିୟମ ଓ ପ୍ରଶାସନିକ ବ୍ୟବସ୍ଥା ପାଳନ କରାଯାଇଥିଲା କି ନାହିଁ, କାହାକୁ କେତେ ପରିମାଣର ସହାୟତା ଦିଆଗଲା ଏବଂ ବଣ୍ଟନ ତାଲିକା କିପରି ପ୍ରସ୍ତୁତ ହୋଇଥିଲା, ତାହା ସାର୍ବଜନୀନ କରିବାକୁ ମଧ୍ୟ ଦାବି ହୋଇଛି। ଅନ୍ୟପକ୍ଷରେ, ବନ୍ୟା ପରି ବିପର୍ଯ୍ୟୟ ସମୟରେ ରିଲିଫ୍ ସାମଗ୍ରୀ ବଣ୍ଟନରେ କୌଣସି ପ୍ରକାର ପକ୍ଷପାତିତା ନକରି ପ୍ରକୃତ ବିପନ୍ନଙ୍କୁ ସମାନ ଭାବେ ସହାୟତା ଦେବା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ

**ଧର୍ମଶାଳା,୨୩।୮ (ସମିସ):** ଧର୍ମଶାଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ "ବିଶ୍ୱ ବରିଷ୍ଠ ନାଗରିକ ଦିବସ' ପାଳିତ ହୋଇଯାଇଛି। ମଞ୍ଚର ସଭାପତି ତଥା ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ମଞ୍ଚର ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଅତିଥିଭାବେ ଅବସରପ୍ରାପ୍ତ ସାମରିକ ଅଧିକାରୀ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ ଓ ସମାଜସେବୀ ବନମାଳୀ ରାଉତ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ସଦସ୍ୟ ବୈକୁଣ୍ଠ ନାଥ ପାଣି ଓ ତ୍ରିଲୋଚନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ରମାକାନ୍ତ ଜେନା, ଅଭୟାନନ୍ଦ ଶାରଦା, ଭିକାରୀ ମଲିକ, ପୀତବାସ ପାତ୍ର ଓ କରୁଣାକର ବରାଳ ପ୍ରମୁଖ ନିଜ ନିଜର ଅଭିଭାଷଣ ରଖିଥିଲେ। ଶେଷରେ ସମ୍ପାଦକ ହୃଷୀକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



## ପାଲ ପାଇଁ ଗୁହାରି କରିବାରୁ ଆକ୍ରମଣ ଘଟଣା

# ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ପଞ୍ଚାୟତବାସୀ

**ବଡ଼ଚଣା,୨୩।୮ (ସମିସ):** ପାଲ ପାଇଁ ଗୁହାରି କରିବାକୁ ବନ୍ୟା ପୀଡ଼ିତ ସହ ସାମ୍ବାଦିକ ଓ ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ଏ ଯାଏଁ ହୋଇନି କାର୍ଯ୍ୟାନୁଷ୍ଠାନ। ଅଭିଯୋଗ ପରେ ମଧ୍ୟ ବଡଚଣା ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପଦକ୍ଷେପ ନେଉନାହିଁ। ଫଳରେ ପଞ୍ଚାୟତବାସୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଗତ ୧୬ ତାରିଖ ରବିବାର ବାଇଶିମୌଜା ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟାଳୟରେ କିଛି ବିଜେପି ଦଳର କର୍ମକର୍ତ୍ତାଙ୍କୁ ଗୁପ୍ତରେ ପାଲ ବଣ୍ଟନ କରିଥିଲେ। ଏ ଖବର ପାଇ ସ୍ଥାନୀୟ ସ୍ଥାନୀୟ ଅଞ୍ଚଳର ଲୋକ ଆସିବାରୁ ସୋମବାର ଆଧାର କାର୍ଡ ନେଇଆସ, ପାଲ ନେବ ବୋଲି ସେମାନଙ୍କୁ ଆର୍‌ଆଇ କହିଥିଲେ। ତେବେ ସୋମବାର ବାଇଶିମୌଜା ସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣକା ପଞ୍ଚାୟତ ସମେତ ଅନେକ ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକେ ଆଧାର କାର୍ଡ ଧରି ପହଞ୍ଚିଥିଲେ। ମାତ୍ର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ପାଇଥିଲେ। ପାଲ ବଣ୍ଟନରେ ଅନିୟମିତତା ଓ ବନ୍ୟା ପ୍ରଭାବିତ ଲୋକଙ୍କୁ ସରକାରୀ ସହାୟତା ତୁରନ୍ତ ପ୍ରଦାନ କରିବା ଦାବି ହୋଇଥିଲା। ତେଣୁ ଖବର ପାଇଁ ପୂର୍ବତନ ସରପଞ୍ଚ ଯତିନ୍ଦ୍ର ଜେନା, ବଡ଼ଚଣା ପୁଲିସ ମଧ୍ୟ ପହଞ୍ଚିଥିଲେ। ତେବେ ସେହି ସମୟରେ ଜିତେନ୍ଦ୍ର ବଳ ଭିଡିଓ କଲିଂ କରି ସମସ୍ତ ଘଟଣା କାହାକୁ ଜଣାଉଥିଲେ। ଦିନ ୧୨.୧୫ରେ ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ ୧୦/୨୦ ଜଣ ଯୁବକଙ୍କୁ ନେଇ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏତିକି ବେଳେ ରବିବାର ପାଲ ବଣ୍ଟନ ସଂପର୍କରେ ସ୍ଥାନୀୟ ଲୋକ ତାଙ୍କୁ ପଚାରୁଥିବା ବେଳେ ଏହାକୁ ସାମ୍ବାଦିକ କୃଷ୍ଣଚନ୍ଦ୍ର ସାହୁ ଭିଡିଓ ଉତ୍ତୋଳନ କରିଥିଲେ। ଏହି ସମୟରେ କୃଷ୍ଣଙ୍କ ମୋବାଇଲକୁ ଜିତେନ୍ଦ୍ର ବଳ, ବିଶ୍ୱଜିତ ସିଂଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଯୁବକ ଛଡ଼ାଇ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ ଜାରି ରଖିଥିଲେ। ଏପରିକି ପୂର୍ବତନ ସରପଞ୍ଚ ଯତିନ୍ଦ୍ର ଜେନା ଓ ସ୍ଥାନୀୟ ବନ୍ୟା ପୀଡ଼ିତଙ୍କୁ ସେମାନେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ୍ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରୁଛି। ଏପରିକି କିଛି ସ୍ଥାନୀୟ ଲୋକଙ୍କୁ ଲଗାଇ ମିଥ୍ୟା ଅଭିଯୋଗ କରୁଛି। ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବାରୁ ପ୍ରଥମେ କିଛି ଗଣମାଧ୍ୟମ ପ୍ରତିନିଧି ବଡ଼ଚଣା ଥାନାରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ତାର କିଛି ପ୍ରଭାବ ନ ପଡ଼ିବାରୁ ଅଣକା ପଞ୍ଚାୟତବାସୀଙ୍କ ଯାଜପୁର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠନ ଦାବି କରିଛନ୍ତି। ନ ହେଲେ ବଡ଼ଚଣା ଥାନା ସମ୍ମୁଖରେ ଗଣଧାରଣା ଦିଆଯିବାକୁ ଚେତାବନୀ ଦେଇଛନ୍ତି। ପୂର୍ବତନ ସରପଞ୍ଚ ରତ୍ନମଞ୍ଜରୀ ନାୟକ, ପୂର୍ବତନ ସରପଞ୍ଚ ଗଣେଶ୍ୱର ସାମଲ, ତପନ ସିଂ, ପ୍ରହଲ୍ଲାଦ ବାରିକ, ସଚ୍ଚିଦାନନ୍ଦ ଲେଙ୍କାଙ୍କ ସମେତ ଶତାଧିକ ପଞ୍ଚାୟତବାସୀଙ୍କ ହସ୍ତାକ୍ଷର କରି ଅଧିକାରୀମାନଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି।

## ସବୁ ଆଇନକୁ ଫୁଁ' କରି ଦେଇଛନ୍ତି ମାଫିଆ

# ନଈରୁ ପାଣି ଶୁଖିନି; ଆରମ୍ଭ ହୋଇଗଲାଣି ବାଲି ଲୁଟ୍

**ଯାଜପୁର,୨୩।୮ (ସମିସ)**

ରାଜ୍ୟର ଲଘୁ ଖଣିଜ ସଂପଦ ଲୁଟ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ୍ ପ୍ରସ୍ତୁତ ହେଉଛି। କିନ୍ତୁ କାର୍ଯକାରୀ ହେଉନି। ଫଳରେ ଦିନରାତି ମାଫିଆଙ୍କ ଲଘୁ ଖଣିଜ ସଂପଦ ଲୁଟ କରି ମାଲେ ମାଲ ହେଉଛନ୍ତି। ସରକାର ରାଜସ୍ୱ ସର୍ବସ୍ୱ ହରାଉଛନ୍ତି। ବର୍ଷା ଦିନେ ନଦୀରୁ ବାଲି ଉତ୍ତୋଳନ ସମ୍ପୂର୍ଣ୍ଣ ବନ୍ଦ। ଏପରିକି ଡଙ୍ଗା ମାଧ୍ୟମରେ ବାଲି ଉତ୍ତୋଳନ ସମ୍ପୂର୍ଣ ବେଆଇନ ହୋଇଥିଲେ ମଧ୍ୟ ଏହି ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି।

ଯାଜପୁର ଜିଲ୍ଲା ଏବେ ବନ୍ୟା ଜଳରେ କଳବଳ ହେଉଥିବା ବେଳେ ବାଲି ମାଫିଆଙ୍କ ସେଥିକୁ ଖାତିର ନାହିଁ। ନଈରୁ ପାଣି ଶୁଖିନଥିବା ବେଳେ ସେମାନଙ୍କ ଲୁଟ୍ ଆରମ୍ଭ ହୋଇଗଲାଣି। ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା ଆଦି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଏହି ଅଞ୍ଚଳ ଗୁଡିକରେ ବସବାସ କରୁଥିବା ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନଦୀର ପ୍ରଖର ସ୍ରୋତରେ ଓ ନଦୀବନ୍ଧର ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହୋଇ ଅନେକ ଧନଜୀବନ ନଷ୍ଟ ହୋଇଯାଇଛି। ନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାମକୁ ବନ୍ୟାଜଳରୁ ରକ୍ଷା କରିବା ପାଇଁ ନଦୀବନ୍ଧକୁ ପ୍ରଶାସନ ତରଫରୁ ମରାମତି ଓ ନିର୍ମାଣ କରାଯାଇଥାଏ। ଯେଉଁଠି ପ୍ରଶାସନ ବର୍ଷାଦିନେ ବନ୍ୟାଜଳ ଜଳର ପ୍ରକୋପରୁ କିପରି ନଦୀବନ୍ଧକୁ ରକ୍ଷା କରାଯାଇପାରିବ ସେ ଦିଗରେ ଯେତେ ତତ୍ପର ଥିଲେ ମଧ୍ୟ ତା' ଠାରୁ ଅଧିକ ତତ୍ପର ନଦୀରୁ ବାଲି ଉଠାଇବା ପାଇଁ ବାଲି ମାଫିଆ।



ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ରସୁଲପୁର ତହସିଲ ଅନ୍ତର୍ଗତ ଟିକରପଡା ପଞ୍ଚାୟତ କୁଜିବର ଗ୍ରାମ ବାଲିଘାଟରେ। ସରକାରୀ ଖାତାରେ କୁଜିବର ବାଲିଘାଟ ବୋଲି କିଛି ଘାଟନାହିଁ। ବଡ଼ ବିଡମ୍ବନା ଉକ୍ତ ବାଲିଘାଟରୁ ବେଧଡ଼କ ବାଲି ଉଠାଯାଉଛି। ଡଙ୍ଗାମେସିନରେ ବାଲି ଉଠାଇଥିବାରୁ କୁଜିବର ଗ୍ରାମ ସମେତ ନଦୀବନ୍ଧ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ବେଆଇନ ଡଙ୍ଗାମେସିନ ସାହାଯ୍ୟରେ ନଦୀ ଗର୍ଭରୁ ବାଲି ଉତ୍ତୋଳନ କରାଯାଇ ନଦୀପଠାରେ ଗଚ୍ଛିତ କରି ବଡ ବଡ ହାଇୱା ଗାଡିରେ ରାଜ୍ୟ ବାହାରକୁ ବାଲି ଚୋରା ଚାଲାଣ କରାଯାଉଛି। ପ୍ରତିଦିନ ମାଟିରେ ନିର୍ମିତ ନଦୀବନ୍ଧ ଉପରେ ଶହ ଶହ ଭାରୀଯାନ ଯିବାଆସିବା କରିବା ଦ୍ୱାରା ନଦୀବନ୍ଧ ଉପରେ ପ୍ରଭାବ ପଡୁଛି। ସାଧାରଣ ଲୋକ ବନ୍ୟା ସମୟରେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଖରସ୍ରୋତା ନଦୀ ପାଶ୍ୱର୍ରେ ଥିବା ଏହି କୁଜିବର ଗ୍ରାମଟି ନଦୀ ଓ ନଦୀବନ୍ଧ ମଧ୍ୟରେ ଅବସ୍ଥାପିତ ହୋଇଥିବାରୁ ବନ୍ୟା ଜଳର ପ୍ରଭାବ ସିଧାସଳଖ ଏହି ଗ୍ରାମ ଉପରେ ପଡିଥାଏ। ବର୍ଷାଦିନ ନଦୀରେ ଜଳସ୍ତର ବୃଦ୍ଧି ସମୟରେ ବିପଜ୍ଜନକ ଅବସ୍ଥାରେ ରହୁଥିବା ବେଳେ ଏହି ବିପଦକୁ ଦ୍ୱିଗୁଣ କରିଛି ବେଆଇନ ବାଲି ଲୁଟ୍। ପୂର୍ବରୁ ଖରାଦିନେ ବଡ଼ ବଡ଼ ଲୋଡର ମେସିନ ଲଗାଇ ପ୍ରତିଦିନ ଶହ ଶହ ହାଇୱା ଗାଡ଼ିରେ ବାଲି ଉଠାଇଥିଲେ ମଧ୍ୟ ପ୍ରଶାସନ ବା ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯେଉଁଠି ପ୍ରଶାସନ ପକ୍ଷରୁ ନଦୀର ଗତିପଥକୁ ନିୟନ୍ତ୍ରଣ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ବୋଲ୍ଡର ପ୍ୟାକିଂ କରିଥାନ୍ତି ସେଠାରେ ବାଲି ମାଫିଆ ନିଜର ସ୍ୱାର୍ଥ ହାସଲ ପାଇଁ ଏହାକୁ ଖାତିର ନକରି ନଦୀବନ୍ଧ ବୋଲ୍ଡର ପ୍ୟାକିଂକୁ ଭାଙ୍ଗି ନଦୀରୁ ବାଲି ଉଠାଉଛନ୍ତି। ଏହା ଉପରେ ରୋକ ଲଗାଇବା ପାଇଁ କୌଣସି ପ୍ରଶାସନିକ ବାବୁଙ୍କ ପାଦ ଏହି ବେଆଇନ ବାଲି ଘାଟରେ ପଡୁନାହିଁ। ନିଜକୁ ସରକାରୀ ଦଳର କର୍ମୀ ବୋଲି ପରିଚୟ ଦେଇ ଜୋର ଜବରଦସ୍ତ ବାଲିଘାଟରୁ ବାଲି ଉଠାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଖରସ୍ରୋତା ନଦୀରେ ଜଳସ୍ତର ସବୁବେଳେ ବିପଜ୍ଜନକ ଅବସ୍ଥାରେ ରହୁଥିବା ବେଳେ କେତେବେଳେ ନଦୀ କେଉଁ ଆଡ଼େ ତାର ଗତିପଥ ବଦଳାଇବ କେହି କହିପାରିବେନି। ମାତ୍ର ଏବେ ନଦୀରେ ପାଣି ଥିବାରୁ ମାଫିଆ ମାନେ ଡଙ୍ଗା ମେସିନ ସାହାଯ୍ୟରେ ବାଲି ଉଠାଇ ନଦୀର ଗତିପଥ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ବେଆଇନ ବାଲି ଘାଟକୁ ବନ୍ଦ କରିବା ସହ ଏଥିରେ ଜଡ଼ିତ ମାଫିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଜଣାଇଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ପ୍ରଶାସନ ଓ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟବାସିନ୍ଦା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

## ଗୋପନୀୟତା ଉଲ୍ଲଙ୍ଘନ

ଗତ ମାସରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସିଜେପି ଆୟୋଜିତ ଜେନ୍ ଜେଡ୍ ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରୀ ଓ ଯୁବତୀମାନଙ୍କ ଫଟୋ, ଭିଡିଓ ସମେତ ସେମାନଙ୍କ ପରିଚୟ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ପ୍ରଘଟ ହେବା ପରେ ଗୋପନୀୟତା ଉଲ୍ଲଙ୍ଘନ ଭଳି ବିବାଦ ଉଠିଛି। ଏପରିକି ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସାଇବର ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏହି ଆନ୍ଦୋଳନକୁ ଅବଶିଷ୍ଟ ଭାରତବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାମାଜିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ଏବେ ସେହି ମଞ୍ଚ ହିଁ କିଛି ଆନ୍ଦୋଳନକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମରେ ବିନାନୁମତିରେ ଫଟୋ ସହିତ ପରିଚୟ ଓ ଠିକଣା ପ୍ରଘଟ କରିବା ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ପୀଡ଼ିତମାନେ ଚାହିଁଲେ ସମ୍ପୃକ୍ତ ପ୍ରଘଟକାରୀ ଏପରିକି ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। 'ଡକ୍ସିଂ' ଭାବରେ ନାମିତ ଏହିଭଳି ସାଇବର ଅପରାଧ ମହିଳା ଗୋପନୀୟତା ଉପରେ ଆକ୍ରମଣ ଭାବେ ଅଭିହିତ କରାଯାଉଥିବାରୁ ଏଥିପାଇଁ 'ଭାରତୀୟ ନ୍ୟାୟ ସଂହିତା'ରେ ଏକାଧିକ ଧାରା ଯଥା ୭୮, ୭୯, ୩୫୧ରହିଛି। ସେହିଭଳି ଏ କ୍ଷେତ୍ରରେ 'ପୋକ୍ସୋ' ଆଇନର ଧାରା ୧୨ ମଧ୍ୟ ପ୍ରଯୁଜ୍ୟ। ଏହାଛଡ଼ା 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା' ଆଇନ ଧାରା ୬୬ଇ, ୭୨ଏ ଏଭଳି ଆଚରଣକୁ ଆପରାଧିକ ସଂଜ୍ଞା ଦେଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ପ୍ରାବଧାନ କରିଛି। କିନ୍ତୁ ଅଡୁଆ ହେଉଛି ଆନ୍ଦୋଳନ ବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଅନେକ ଛାତ୍ରୀ ଓ ଯୁବତୀଙ୍କ ନାମରେ ପୁଲିସ୍ ମାମଲା ରୁଜୁ ପ୍ରକ୍ରିୟା ଆରମ୍ଭ କରିସାରିଥିବାରୁ ଡକ୍ସିଂ ପୀଡ଼ିତମାନେ ପୁଲିସ୍ ସହାୟତା ମାଗିବା ଆଶା କ୍ଷୀଣ।

ଏଆଇର ଉପଯୋଗ ଡକ୍ସିଂ ପୀଡ଼ାକୁ ଆହୁରି ଯନ୍ତ୍ରଣାଦାୟକ କରିଛି। କେତେବେଳେ କାହାର ଫଟୋ ବିକୃତ କିମ୍ବା କଦର୍ଯ୍ୟ ହୋଇ କେଉଁଠି ପ୍ରଘଟ ହେବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ଏଥିଯୋଗୁଁ ସାମାଜିକ ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ସହିତ ପାରିବାରିକ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ପୀଡ଼ିତମାନେ ସାମାଜିକ ଗଣମାଧ୍ୟମ ମଞ୍ଚ ବିରୋଧରେ ଅଭିଯୋଗ କରିପାରିବେ ଏବଂ ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଦାବି କରିପାରିବେ। ସୂଚନା ପ୍ରଯୁକ୍ତି(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ଗଣମାଧ୍ୟମ ନୈତିକ ସଂହିତା) ଅଧିନିୟମ ୨୦୨୧ ଅନୁଯାୟୀ ସମ୍ପୃକ୍ତ ମଞ୍ଚମାନେ 'ଡକ୍ସିଂ' ପାଇଁ ଉତ୍ତରଦାୟୀ ଏବଂ ଆଇନତଃ ଅଭିଯୁକ୍ତ ହୋଇପାରିବେ। ଉକ୍ତ ଅଧିନିୟମ ଅନୁଯାୟୀ ପୀଡ଼ିତମାନେ ଫଟୋ/ଭିଡିଓ ପୋଷ୍ଟ ହେବାର ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ନିକଟରେ ଅଭିଯୋଗ ଦାଖଲ କରିପାରିବେ ଏବଂ ଅଭିଯୋଗ ଦାଖଲର ୭ଦିନ ମଧ୍ୟରେ, କେତେକ ସମ୍ବେଦନଶୀଳ ଘଟଣାରେ ୩ଦିନ ମଧ୍ୟରେ, ଉକ୍ତ ସଂସ୍ଥା ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ହଟାଇବାକୁ ବାଧ୍ୟ। କିନ୍ତୁ ସମ୍ପୃକ୍ତ ସଂସ୍ଥାମାନଙ୍କର ବେଖାତିର ଆଚରଣ ଯୋଗୁଁ ଆଇନ ଦନ୍ତହୀନ ବାଘରେ ରୂପାନ୍ତରିତ ହେଉଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟ ଏତେ ପ୍ରଭାବଶାଳୀ ଯେ କୌଣସି ଦେଶର ଆଇନକାନୁନ୍‌କୁ ସମ୍ମାନ ଦେଉନାହାନ୍ତି କି ସେମାନଙ୍କ ବାସନ୍ଦ କରାଯାଇପାରୁନାହିଁ। ତେଣୁ ଗଣମାଧ୍ୟମ ସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ବାସନ୍ଦ ବ୍ୟତୀତ 'ଡକ୍ସିଂ'ରୁ ମୁକୁଳିବାର ରାସ୍ତା ଖୁବ୍ ସଂକୁଚିତ।

## କୋଟିଆ କାହାର?

ଗୁଗୁଲ୍ ମ୍ୟାପ୍‌ରେ କୋଟିଆ ଗ୍ରାମପୁଞ୍ଜିକୁ ଆନ୍ଧ୍ରପ୍ରଦେଶର ବୋଲି ଦର୍ଶାଯିବା ପରେ ପୁଣି ବିବାଦ ଉଠିଛି। ଗୁଗୁଲ୍ ଏଥିପାଇଁ କ୍ଷମା ମାଗୁ ବୋଲି ଦାବି ହୋଇଛି। କିନ୍ତୁ ଏଥିରେ ଗୁଗୁଲ୍‌ର ତ୍ରୁଟି ତୁଳନାରେ ଆନ୍ଧ୍ରପ୍ରଦେଶର ଭୂମିକା ଅଧିକ ଥିବା ମନେ ହେଉଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପୁଞ୍ଜି ବିବାଦରେ ଆନ୍ଧ୍ରପ୍ରଦେଶ ସରକାର ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛନ୍ତି। ଦୀର୍ଘ ୫୦ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ଆନ୍ଧ୍ରପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ଭାବେ ଜନ୍ମନେବା (୧୯୫୬ ନଭେମ୍ବର ୧)ର ବହୁପୂର୍ବରୁ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ବ୍ରିଟିଶ ଇଣ୍ଡିଆର ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ହେବା କାଳରୁ ତତ୍‌କାଳୀନ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ଯେଉଁ ଦକ୍ଷିଣ ସୀମାନ୍ତ ସୀମା ଧାର୍ଯ୍ୟ ହୋଇଥିଲା ସେଥିରେ ଏହି ଗ୍ରାମପୁଞ୍ଜି ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା। ତେବେ ପରବର୍ତ୍ତୀ କାଳରେ ନୂତନ ଆନ୍ଧ୍ର ଜନ୍ମ ନେବା ପରେ ପ୍ରାୟ ୨୦ ବର୍ଷର ଓଡ଼ିଶାର ଦାବିକୁ ବଦଳାଇ ଏସବୁ ଗ୍ରାମପୁଞ୍ଜି ଉପରେ ନିଜର ଅଧିକାର ଜାହିର କରିଆସୁଛି। ମାମଲାଟି ଏବେ ସୁପ୍ରିମକୋର୍ଟର ବିଚାରାଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି।

ନିଜ ସୀମାର ସୁରକ୍ଷା ପାଇଁ ପରିସ୍ଥିତି ଓ ସମୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡୁଛି। ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଦା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଉଁ ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ନଜରକୁ ଆଣୁଛି, ସଂଘୀୟ ମଞ୍ଚରେ ଉପସ୍ଥାପନ କରୁଛି; କିନ୍ତୁ କିଛି ଫଳ ହେଉ ନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି। ତେଣୁ ଏବେ ସମୟ ଆସିଛି ଗୁଗୁଲ୍‌କୁ ଦୋଷାରୋପ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସମ୍ପୃକ୍ତ ବିଭାଗକୁ ଉତ୍ତରଦାୟୀ କରିବାକୁ ପଡ଼ିବ।

# ନବପିଢ଼ିର ଶାଶ୍ୱତ ଅଗ୍ନିଶିଖା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଆଜି ଜେନ୍-ଜେଡ୍ ଏବଂ ଜେନ୍-ଆଲ୍‌ଫାଙ୍କ ଜାଗରଣ ଅନେକଙ୍କୁ ଯେତିକି ବିସ୍ମିତ କରିଛି, ତା'ଠାରୁ ବହୁଗୁଣ ଉଲ୍ଲସିତ ବି କରିଛି। ବିସ୍ମିତ କରିଛି, କାରଣ ଅନେକେ ବେଶ୍ କିଛି ବର୍ଷ ହେଲାଣି ଭାବିବାରେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ନୀତି, ନୈତିକତା, ଶୃଙ୍ଖଳା ଏବଂ ପ୍ରଶ୍ନହୀନ ଆନୁଗତ୍ୟ ବା ବଶମ୍ବଦତା ପରି ମୂଲ୍ୟବୋଧ ଓ ସଂସ୍କାର ସବୁରୁ ଆଜିର ପିଲାମାନେ କେବେ ବିଚ୍ୟୁତ ହେବେ ନାହିଁ କିମ୍ବା ଯଦି ବା କେବେ କୈଶୋର ବା ତାରୁଣ୍ୟର ଆଦ୍ୟ ଉଦ୍ଦୀପନା ଯୋଗୁଁ ସେଥିରୁ ବିଚ୍ୟୁତ ହେବେ, ଖୁବ୍ ଶୀଘ୍ର ପୁଣି ଠିକଣା ମାର୍ଗକୁ ଫେରିଆସିବେ। ଉଲ୍ଲସିତ ହୋଇଛନ୍ତି, କାରଣ ସେମାନେ ଯେଉଁ କଥା କହିବାକୁ ଚାହୁଁଥିଲେ ବି କହି ପାରୁନଥିଲେ, ଯେଉଁ ସାମାଜିକ ବା ଶାସନଗତ ପରିବର୍ତ୍ତନ ନିହାତି ଜରୁରୀ ବୋଲି ଜଣାଇବାକୁ ଚାହୁଁଥିଲେ ବି ଜଣାଇ ପାରୁନଥିଲେ, ସେଇ ଦାୟିତ୍ୱଟି ଏବେ ପିଲାଏ ତାଙ୍କ କାନ୍ଧକୁ ନେଇ ଯାଇଛନ୍ତି। ତେବେ ଏକଥା ସତ୍ୟ ଯେ ଆଜିର ବୟସ୍କ ସମାଜ ପ୍ରାୟତଃ ଏଇ ନବପିଢ଼ିକୁ ଉଦ୍ଦେଶ୍ୟହୀନ, ମୋବାଇଲ୍ ସ୍କ୍ରିନ୍ ଓ ଡିଜିଟାଲ ଜଗତର ମନୋରଞ୍ଜକ ଆବହାୱାରେ ଉଡ଼ିବୁଲୁଥିବା ହାଲ୍‌କା ଫୁଲ୍‌କା ଏବଂ ତେଣୁ ଦିଗଭ୍ରଷ୍ଟ, ବିପଥଗାମୀ ପିଢ଼ି ବୋଲି ଆକ୍ଷେପ କରିଥାଏ। ଅତି ସହଜରେ ଭୁଲିଯାଇଥାଏ ଯେ ଯେବେ ଯେବେ ସାମାଜିକ ଅନ୍ୟାୟ, ଶାସକୀୟ ସ୍ୱୈରତନ୍ତ୍ର, ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର ପ୍ରସଙ୍ଗକୁ ନେଇ କେଉଁଠି ସ୍ୱର ଉତ୍ତୋଳିତ ହୋଇଥାଏ, ସେଥିରେ ସବୁଠାରୁ ତୀବ୍ରତର ଥାଏ ଏଇ ନବପିଢ଼ିର ସ୍ୱର।

ଏବେ ଏଇ ନବପିଢ଼ିର ଆନ୍ଦୋଳନ ଓ ପ୍ରତିବାଦକୁ ଅନେକ ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ଲୋକମତ-ନିର୍ମାତାମାନେ ଅଲଗା ଅଲଗା ବିଚାର ଓ ମତାଦର୍ଶର ତରାଜୁରେ ତଉଲି ଚାଲିଥିବା ଏବଂ ଏ ଅଭୁତପୂର୍ବ ତଥା ଅଭିନବ ଆନ୍ଦୋଳନର ଔଚିତ୍ୟ ଯଥା ଗୁଣଗ୍ରାମ ବର୍ଣ୍ଣନା କରିଚାଲୁଥିବା ଆମେ ଦେଖିଚାଲିଛେ, ବିଶେଷକରି ଆମ ଛାପା ଗଣମାଧ୍ୟମମାନଙ୍କରେ। ଅନେକ ଅବଶ୍ୟ ପିଲାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା, ସହାନୁଭୂତି ଓ ପୃଷ୍ଠପୋଷକତା-ଭାବରଞ୍ଜିତ ମନୋଭାବ ପ୍ରକାଶ କରିଥିବା କଥା ଆମେ ଜାଣିଛେ। କିନ୍ତୁ ଏମାନଙ୍କ ମଧ୍ୟରେ ଏମିତି କେତେଜଣ ମଧ୍ୟ ଅଛନ୍ତି, ଯେଉଁମାନେ ପିଲାମାନଙ୍କ ବ୍ୟଙ୍ଗ ଓ ବ୍ୟଙ୍ଗାତ୍ମକ ଅଭିନୟ ମାଧ୍ୟମରେ ପ୍ରତିବାଦ ଓ ଚାତୁର୍ଯ୍ୟପୂର୍ଣ୍ଣ ସ୍ଲୋଗାନଗୁଡ଼ିକରେ ଅପସଂସ୍କୃତିର ଆବାସ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆଜିର ନବପିଢ଼ିର ଚେତନାରେ ସ୍ପଷ୍ଟ ପରିସ୍ଫୁଟିତ ହୋଇଛି ଅନେକ ସଚେତନ ଜନସାଧାରଣଙ୍କ ଅବଦମିତ ଇଚ୍ଛା ଓ ଭାବନା।

ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆମେ ନବପିଢ଼ିର ଯେଉଁ ସ୍ୱର ଶୁଣୁଛେ ସେଥିରେ ପ୍ରତିଧ୍ୱନିତ ହୋଇଥାଏ ଭାରତୀୟ ମୁକ୍ତି ସଂଗ୍ରାମର ଦୀର୍ଘ ଅବଧି ମଧ୍ୟରେ କୁହାଯାଇଥିବା ସେତେବେଳର ନବପିଢ଼ିର ସ୍ୱର। ତେଣୁ କୁହାଯାଇପାରେ ଯେ ବର୍ତ୍ତମାନର ଜେନ୍-ଜେଡ୍ ଓ ଜେନ୍-ଆଲ୍‌ଫା ହେଉଛନ୍ତି ଭାରତୀୟ ମୁକ୍ତିସଂଗ୍ରାମ କାଳର ସେହି ନିର୍ଭୀକ, ଦୁଃସାହସୀ, ଦେଶାତ୍ମବୋଧରେ ସ୍ପନ୍ଦିତ ହୋଇଥିବା ପିଢ଼ିର ସାର୍ଥକ ଦାୟାଦ। ଆମେ ଜାଣିଛେ ଆମ ଦେଶର ଯୁବସମାଜର ଏହି ଗୌରବମୟ ଐତିହ୍ୟର ଗାଥା ଓ ବିଶେଷକରି ଆମେ ବି ଜାଣିଛେ ଆମ ରାଜ୍ୟ ଓଡ଼ିଶାରେ ସେଦିନ ଗାନ୍ଧୀଙ୍କ ବାନରସେନାଙ୍କ ଭାବମନ୍ଦ୍ରିତ କଣ୍ଠ ନିଃସୃତ 'ମାର କେତେ ବେତ ମାରିବ / ଜୀବନକୁ ଆମେ ପାଣି ଛଡ଼ାଇଛୁ ତୁମେ କି ଆମକୁ ପାରିବ' ର ସେ ରୋମାଞ୍ଚକର ଗାଥା। ସେଇ ରୋମାଞ୍ଚର ଝଲକ ବି ଆମେ ଏବେ ଦେଖିଚାଲିଛେ ଜେନ-ଜେଡ୍ ଓ ଜେନ୍-ଆଲ୍‌ଫାଙ୍କ ବିଦ୍ରୋହୀ ସ୍ୱରରେ ଏବଂ ସେମାନଙ୍କ ଅହିଂସ, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ।

ଯୁବପିଢ଼ିର ଏ ବିଦ୍ରୋହ, ଏ ପ୍ରତିବାଦ ଆଦୌ ଏକ ଆକସ୍ମିକ ଘଟଣା ନୁହେଁ। ଏହାର ଜ୍ୱଳନ୍ତ ପ୍ରମାଣ ମିଳିଥାଏ ପ୍ରାୟ ଏକ ଶତାବ୍ଦୀ ତଳର ସରକାରୀ ଗୁପ୍ତ ଦସ୍ତାବିଜରୁ। ୧୯୩୦ ମସିହାରେ ବ୍ରିଟିଶ ସରକାରର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପ୍ରତୀକାତ୍ମକ ସ୍ୱର ଉତ୍ତୋଳନ କରିଥିଲେ ଦିଲ୍ଲୀର କିଛି ଛାତ୍ର। ସେହି ୧୯୩୦ ମସିହା ନଭେମ୍ବର ୫ତାରିଖରେ ଲେଖାଯାଇଥିବା ଏକ ଅତି ଗୋପନୀୟ ଚିଠିରୁ ଆମ ଇତିହାସର ଏହି ପ୍ରେରଣାଦାୟୀ ଗାଥାର ସନ୍ଧାନ ମିଳିଛି, ଯାହା ସଂପର୍କରେ ଜାଣିଲେ ଯେକେହି ଭାରତୀୟ ଏବେ ବି ଦେଶପ୍ରେମ ଓ ଦେଶପାଇଁ ବିପଦ ବରଣ କରିବାର ପବିତ୍ର ଭାବୋଚ୍ଛ୍ୱାସରେ ବିହ୍ୱଳିତ ହୋଇଯିବେ। ଦିଲ୍ଲୀର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସି.ଆଇ.ଡି)ର 'ସୁପରିଟେଣ୍ଡେଣ୍ଟ ଅଫ ପୁଲିସ୍' ଏହି ବିଶେଷ ରିପୋର୍ଟ ପ୍ରସ୍ତୁତ କରି ସେତେବେଳର ଦିଲ୍ଲୀର ଡେପୁଟି କମିଶନର ଜେ.ଏନ୍.ଜି ଜନ୍‌ସନଙ୍କ ପାଖକୁ ପଠାଇଥିଲେ। ପରେ ପରେ ବ୍ରିଟିସ୍ ଗୁପ୍ତଚର ବିଭାଗ ନୂଆଦିଲ୍ଲୀର ଏମ୍.ବି. ହାଇସ୍କୁଲର ନବମ ଶ୍ରେଣୀର କିଛି କୋମଳମତି ଛାତ୍ରଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆରମ୍ଭ କରିଦେଲା। ସେହି ଚିଠିରେ ଉଲ୍ଲେଖ ଥିବା ସୂଚନା ଅନୁଯାୟୀ ନବମ ଶ୍ରେଣୀର ପିଲାମାନେ ନିଜ ସ୍କୁଲ ପୋଷାକରେ ଏପରି କିଛି ମେଟାଲ୍ ବଟନ୍ ବା ବ୍ୟାଜ୍ ପିନ୍ଧି ଆସୁଥିଲେ, ଯେଉଁଥିରେ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସଂସଦଗୃହରେ ବୋମା ବିସ୍ଫୋରଣ କରିଥିବା ମହାନ୍ ବିପ୍ଳବୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କ ଚିତ୍ର ରହିଥିଲା। ଆଜିର ଯୁଗର ପରିଭାଷାରେ କହିବାକୁ ଗଲେ ଉଭୟ କ୍ରାନ୍ତିକାରୀ ଥିଲେ ସେତେବେଳର ନବପିଢ଼ିର ଯୁବକ। ସେ ଚିଠିରେ ପୁଣି ଥିଲା ଛାତ୍ରମାନେ ନିଜ ଶ୍ରେଣୀଗୃହର କାନ୍ଥରେ ଜାତୀୟତାବାଦୀ ନେତା ଏବଂ ବିପ୍ଳବୀମାନଙ୍କର ଆଲୋକଚିତ୍ରମାନ ଟାଙ୍ଗି ଦେଇଥିବା ଭଳି ଗୁରୁତର ଅଭିଯୋଗ। ଗୁପ୍ତଚର ବିଭାଗ ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଦ୍ୱିତୀୟ ଶିକ୍ଷକ 'ତୋଲାରାମ'ଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଥିଲା ଯେ ଏହି ଶିକ୍ଷକଦ୍ୱୟ ପିଲାମାନଙ୍କ ବିଦ୍ରୋହୀ ଆଚରଣ ପ୍ରତି କୋମଳ ମନୋଭାବ ପ୍ରଦର୍ଶନ କରି ଆସୁଥିଲେ। ପୁଲିସ ଓ ପ୍ରଶାସନର ଚାପ ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷ ଶ୍ରେଣୀଗୃହରୁ ସେହି ଫଟୋଗୁଡ଼ିକ କାଢ଼ିଦେବାକୁ ବାଧ୍ୟ ହୋଇଥିଲେ। ମାତ୍ର ସେତେବେଳକୁ ସାରା ଭାରତବର୍ଷ ୧୪-୧୫ ବର୍ଷର ଏହି କିଶୋରମାନଙ୍କ ସାହସ ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲା ଏବଂ ବ୍ରିଟିସ୍ ବିରୋଧୀ ଆନ୍ଦୋଳନର ଶିଖା ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ହୋଇଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ଭାରତୀୟ କିଶୋର / କିଶୋରୀମାନଙ୍କ ସକ୍ରିୟ ଯୋଗଦାନ ଏହିପରି ଥିଲା ଏକ ପ୍ରେରଣାଦାୟୀ ଐତିହାସିକ ଅଧ୍ୟାୟ।

କୈଶୋର ଓ ଯୌବନର ଚେତନା କେବେ କୌଣସି ଶାସକୀୟ ଦମନମୂଳକ ପଦକ୍ଷେପ କିମ୍ବା ଭୟ ଆଗରେ ସହଜରେ ମୁଣ୍ଡ ନୁଆଁଇ ନଥାଏ। ଯୁବମାନସ ହେଉଛି ଏକ ପବିତ୍ର ଓ ଅକଳୁଷିତ ଝରଣା, ଯାହା କେବଳ ସତ୍ୟ ଓ ସ୍ୱାଧୀନତାର ଅନ୍ୱେଷଣରେ ପ୍ରବାହିତ ହୋଇଥାଏ। ବୟସ୍କମାନଙ୍କ ଦୁନିଆ ପ୍ରାୟତଃ ସ୍ୱାର୍ଥପରତା, କୂଟନୀତି, ନିର୍ଦ୍ଦିଷ୍ଟ ଚିନ୍ତାଧାରଣା-ପ୍ରେରିତ ସାଲିସ୍ ବା ଆନୁଗତ୍ୟ ଏବଂ ଭୟର ତାମସିକ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଇଥାଏ। ହୁଏତ ଏମିତି ହୁଏ ଯେ ଜୀବନର ଦୌଡ଼ରେ ବୟସ୍କମାନେ ନିଜ ଭିତରର ସ୍ୱପ୍ନ ଓ ନ୍ୟାୟବୋଧକୁ କେଉଁଠି ନା କେଉଁଠି ଜଳାଞ୍ଜଳି ଦେଇଥା'ନ୍ତି। ସାମାଜିକ ଅନ୍ୟାୟ, ମାନବିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସହିତ ବଞ୍ଚିବା ଶିଖିଯାଇଥା'ନ୍ତି ସେମାନେ। ନିଜ ନିଜ ଆତ୍ମାର ଡାକ ନ ଶୁଣିବାରେ ଅଭ୍ୟସ୍ତ ହୋଇଯାଇଥା'ନ୍ତି - କେତେବେଳେ ନିରୂପାୟ ହୋଇ ତ ଆଉ କେତେବେଳେ ତୁଚ୍ଛା ଆତ୍ମ-କୈନ୍ଦ୍ରିକ ମନୋଭାବକୁ ପୋଷଣ କରି। କିନ୍ତୁ ସବୁକାଳେ କୈଶୋର, ତାରୁଣ୍ୟ ଓ ଯୌବନ ହେଉଛି ନିଚ୍ଛକ ସରଳତାର ସମୟ, ପବିତ୍ର ଉଦ୍ଦାମତା ଓ ଉଦ୍ଦୀପନାର ସମୟ। ଅସମାନତା ବା କ୍ରୁରତାର କଳାବାଦଲ ଯେତେବେଳେ ଘୋଟିଆସେ, ସେତେବେଳେ ଯୁବକ / ଯୁବତୀମାନଙ୍କ ବିବେକ ବିଦ୍ରୋହ କରିଉଠେ। ସେ ବିଦ୍ରୋହର ସ୍ୱରରେ ନଥାଏ କୌଣସି ମନ୍ଦ ଉଦ୍ଦେଶ୍ୟ, ବରଂ ଥାଏ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟାକୁଳତା ଓ ଆପଣା ଦେଶମାତୃକାର ସର୍ବବିଧ ଉନ୍ନତି ପାଇଁ ଏକ ଉଚ୍ଛ୍ୱସିତ କାମନା।

ଯୁବପିଢ଼ି ଇତିହାସର ସେହି କବିତା, ଯାହା ରଚିତ ହୋଇଥାଏ ନିବିଡ଼ ପ୍ରେମ, ଶ୍ରଦ୍ଧା, ଆନ୍ତରିକତାର ନାନ୍ଦନିକ ରସରେ ଏବଂ ଯାହା ଛନ୍ଦାୟିତ ହୋଇଥାଏ ଦୀପକ ରାଗିଣୀ କି ମେଘମହ୍ଲାର ରାଗିଣୀରେ। ଯୁବପିଢ଼ି ସବୁକାଳେ ନବୋଦିତ ସୂର୍ଯ୍ୟର ଆବାହନ କରିଥାଏ। ଏହାର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ମାନବ ସଭ୍ୟତା ଇତିହାସର ଏକ ନିରନ୍ତର ସ୍ୱର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ୟୁପିଆଇ: ସୁବିଧା ଓ ସତର୍କତା

ଶଙ୍ଖସିନ୍ଧୁ ପୁରୋହିତ

ପ୍ରଯୁକ୍ତି ଯେତେବେଳେ ଜୀବନକୁ ସହଜ କରେ, ସେତେବେଳେ ସେ ଆଶୀର୍ବାଦ; କିନ୍ତୁ ସେହି ପ୍ରଯୁକ୍ତି ଯେତେବେଳେ ମଣିଷର ଆର୍ଥିକ ଆଚରଣକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରେ, ସେତେବେଳେ ସତର୍କତା ଅପରିହାର୍ଯ୍ୟ। ଭାରତର ଡିଜିଟାଲ ଅର୍ଥନୀତିର ସବୁଠାରୁ ବଡ଼ ସଫଳତା ଭାବେ ଆଜି ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ପରିଚିତ। କିଛି ବର୍ଷ ପୂର୍ବରୁ ଯେଉଁଠାରେ ଛୋଟ ଛୋଟ କାରବାର ପାଇଁ ନଗଦ ଟଙ୍କା ଅପରିହାର୍ଯ୍ୟ ଥିଲା, ଆଜି ସେହି ସ୍ଥାନ ନେଇଛି ମୋବାଇଲ୍ ଫୋନ୍ ଓ କ୍ୟୁଆର୍ କୋଡ୍। ଏକ ଚା' ଦୋକାନ, ପନିପରିବା ବ୍ୟବସାୟୀ, ରିକ୍ସା ଚାଳକ, ମନ୍ଦିରର ଦାନବାକ୍ସ, ହସ୍ପିଟାଲ କିମ୍ବା ବଡ଼ ସପିଂ ମଲ୍ ସବୁଠି ୟୁପିଆଇର ଉପସ୍ଥିତି ଭାରତକୁ ଏକ ପ୍ରକୃତ ନଗଦବିହୀନ ସମାଜ ଆଡ଼କୁ ନେଉଛି। କିନ୍ତୁ ନିକଟରେ ୟୁପିଆଇ ସହ କ୍ଷୁଦ୍ର ଋଣ(ସ୍ମଲ୍-ଟିକେଟ୍ କ୍ରେଡିଟ୍) ସୁବିଧା ଯୋଡ଼ିବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହା ସ୍ୱାଭାବିକ ଭାବରେ ଏକ ପ୍ରଶ୍ନ ଉଠାଏ ଯେ ୟୁପିଆଇ କେବଳ ଦେୟ ପ୍ରଦାନର ମାଧ୍ୟମ ହୋଇ ରହିବ, ନା ଏହା ଭାରତୀୟଙ୍କ ଆର୍ଥିକ ଆଚରଣକୁ ମଧ୍ୟ ନୂଆ ଦିଗ ଦେବ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆଜିର ସମୟର ଆବଶ୍ୟକତା।

ପ୍ରଥମେ ୟୁପିଆଇର ସକାରାତ୍ମକ ପକ୍ଷକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଡିଜିଟାଲ ଦେୟ ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିଛି। କ୍ଷୁଦ୍ର ବ୍ୟବସାୟୀମାନେ ନଗଦ ରଖିବାର ବିପଦରୁ ମୁକ୍ତ ହୋଇଛନ୍ତି। ସରକାରୀ ସହାୟତା ସିଧାସଳଖ ଲାଭାର୍ଥୀଙ୍କ ପାଖକୁ ପହଞ୍ଚୁଛି। ଦେଣନେଣର ସ୍ୱଚ୍ଛତା ବଢ଼ିଛି। କର ଆଦାୟରେ ସୁଧାର ଆସିଛି ଏବଂ ଅର୍ଥନୀତିରେ ଡିଜିଟାଲ ରେକର୍ଡର ଗୁରୁତ୍ୱ ବଢ଼ିଛି। ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଭାରତର ଡିଜିଟାଲ ପେମେଣ୍ଟ ମଡେଲ୍‌କୁ ପ୍ରଶଂସା କରିଛନ୍ତି। ଏହା ସତ୍ୟ ଯେ, ପ୍ରଯୁକ୍ତି କେବଳ କାରବାରକୁ ବଦଳାଏ ନାହିଁ; ଏହା ମଣିଷର ଆଚରଣକୁ ମଧ୍ୟ ବଦଳାଏ। ଆଜିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସେଇଠି।

ଅର୍ଥନୀତି ଓ ବ୍ୟବହାରିକ ଅର୍ଥନୀତିର ଗବେଷଣା କହେ ଯେ, ନଗଦ ଟଙ୍କା ଦେଇ କୌଣସି ବସ୍ତୁ କିଣିବା ଓ ଡିଜିଟାଲ ମାଧ୍ୟମରେ ଦେୟ ପ୍ରଦାନ କରିବା ମଧ୍ୟରେ ମଣିଷର ମାନସିକ ପ୍ରତିକ୍ରିୟା ସମାନ ନୁହେଁ। ପ୍ରସିଦ୍ଧ ଅର୍ଥନୀତିବିତ୍ ରିଚାର୍ଡ ଥାଲର ଏବଂ ପରବର୍ତ୍ତୀ ଅନେକ ଗବେଷକଙ୍କ ଅଧ୍ୟୟନ ଦର୍ଶାଏ ଯେ, ନଗଦ ଦେବା ସମୟରେ ମଣିଷ ଖର୍ଚ୍ଚ କରିବାର ମାନସିକ ଚାପ(ପେନ୍ ଅଫ୍ ପେୟିଙ୍ଗ)କୁ ଅଧିକ ଅନୁଭବ କରେ। କିନ୍ତୁ ଡିଜିଟାଲ ପେମେଣ୍ଟରେ ସେହି ଚାପ କମିଯାଏ। ଫଳରେ ଲୋକ ଅଜାଣତରେ ଅଧିକ ଖର୍ଚ୍ଚ କରିଥା'ନ୍ତି। ଏହି ମନୋବିଜ୍ଞାନ ଆଜିର ୟୁପିଆଇ ସଂସ୍କୃତିରେ ସ୍ପଷ୍ଟ ଦେଖାଯାଉଛି। ପୂର୍ବରୁ ଦୋକାନରେ ୫୦୦ ଟଙ୍କାର ନୋଟ୍ ଦେବା ପୂର୍ବରୁ ମଣିଷ ଭାବୁଥିଲା। ଆଜି କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ 'ପେମେଣ୍ଟ ସକ୍ସେସଫୁଲ୍' ବୋଲି ଶବ୍ଦ ଶୁଣିବାକୁ ମାତ୍ର କିଛିସେକେଣ୍ଡ ଲାଗୁଛି। ଖର୍ଚ୍ଚର ବାସ୍ତବ ଅନୁଭବ କମିଯାଉଥିବାରୁ ଛୋଟ ଛୋଟ ଅନାବଶ୍ୟକ ବ୍ୟୟ ବଢ଼ିବା ସ୍ୱାଭାବିକ। ଅନଲାଇନ୍ ଫୁଡ୍ ଅର୍ଡର୍, କଫି, ଛୋଟ ଅଫର୍, ଅନାବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ସବୁକିଛି 'କେବଳ ଶହେ କି ଦୁଇଶହ ଟଙ୍କା' ଭାବି ହୋଇଯାଏ। ମାସ ଶେଷରେ ସେହି ଛୋଟ ଛୋଟ ଦେୟ ବଡ଼ ଅଙ୍କରେ ପରିଣତ ହୁଏ।

ବିଶ୍ୱର ବିଭିନ୍ନ ଗବେଷଣା ଦର୍ଶାଇଛି ଯେ, କ୍ୟାଶଲେସ୍ ପେମେଣ୍ଟ ବ୍ୟବସ୍ଥା ଆବେଗପ୍ରବଣ କ୍ରୟକୁ ବୃଦ୍ଧି କରିଥାଏ। ମାର୍କେଟିଂ କମ୍ପାନୀମାନେ ମଧ୍ୟ ଏହି ମନୋବିଜ୍ଞାନକୁ ବ୍ୟବହାର କରନ୍ତି। 'ଏବେ କିଣନ୍ତୁ', 'ସୀମିତ ସମୟର ଅଫର୍', 'କ୍ୟାଶବ୍ୟାକ୍', 'ଡିସକାଉଣ୍ଟ' ଭଳି ପ୍ରଲୋଭନ ଡିଜିଟାଲ ଦେୟର ସହଜତା ସହ ମିଶି ଗ୍ରାହକଙ୍କ ଖର୍ଚ୍ଚ ବଢ଼ାଇଥାଏ। ଏବେ ଯଦି ଏହି ବ୍ୟବସ୍ଥା ସହ ୟୁପିଆଇ ଋଣ ଯୋଡ଼ାଯାଏ, ତେବେ ସୁବିଧା ସହ ବିପଦର ପରିମାଣ ମଧ୍ୟ ବଢ଼ିପାରେ। ନିଶ୍ଚିତ ଭାବେ ଏହି ସୁବିଧା ଜରୁରୀ ଚିକିତ୍ସା, କ୍ଷୁଦ୍ର ବ୍ୟବସାୟ କିମ୍ବା ଅସ୍ଥାୟୀ ଆର୍ଥିକ ସଙ୍କଟରେ ଥିବା ପରିବାରଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇପାରେ। କିନ୍ତୁ ଯଦି ଏହା ଦୈନନ୍ଦିନ ଭୋଗବିଳାସର ଅଂଶ ହୋଇଯାଏ, ତେବେ ଋଣ ନେବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେବ। ଆଜିର ସୁବିଧା କାଲିର ଋଣଭାର ହୋଇପାରେ।

ଏଠାରେ ନିୟାମକ ସଂସ୍ଥା, ବ୍ୟାଙ୍କ ଓ ଫିନଟେକ୍ କମ୍ପାନୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ନୂଆ ସେବା ଆଣିଦେବା ଯଥେଷ୍ଟ ନୁହେଁ; ଗ୍ରାହକଙ୍କୁ ଆର୍ଥିକ ସାକ୍ଷରତା ସମ୍ପର୍କରେ ସଚେତନ କରିବା ମଧ୍ୟ ସମାନ ଦାୟିତ୍ୱ। ସଞ୍ଚୟ, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱପୂର୍ଣ୍ଣ ଋଣ ବ୍ୟବହାର ଏବଂ ଡିଜିଟାଲ ସୁରକ୍ଷା ସମ୍ପର୍କରେ ବ୍ୟାପକ ଅଭିଯାନର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସାଇବର ଠକେଇ ଏକ ଗମ୍ଭୀର ଆହ୍ୱାନ। ୟୁପିଆଇର ବ୍ୟାପକ ବ୍ୟବହାର ସହ ନକଲି କ୍ୟୁଆର୍ କୋଡ୍, ଫିସିଂ ଲିଙ୍କ୍, ମିଛ କଷ୍ଟମର୍ କେୟାର୍ କଲ୍ ଓ ଓଟିପି ଜାଲିଆତି ବଢ଼ୁଛି। ଗ୍ରାହକଙ୍କ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ବିନା ଡିଜିଟାଲ ଅର୍ଥନୀତିର ସଫଳତା ଅଧୁରା ହୋଇ ରହିବ।

ଓଡ଼ିଶା ପରି ରାଜ୍ୟରେ ୟୁପିଆଇ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମୀଣ ଯୁବକଙ୍କୁ ନୂଆ ସୁଯୋଗ ଦେଇଛି। କିନ୍ତୁ ସେହି ସୁଯୋଗ ସେତେବେଳେ ହିଁ ସ୍ଥାୟୀ ହେବ, ଯେତେବେଳେ ଡିଜିଟାଲ ଦେୟ ସହ ଡିଜିଟାଲ ଶୃଙ୍ଖଳା ମଧ୍ୟ ଗଢ଼ିଉଠିବ। ପ୍ରଯୁକ୍ତିର ଉଦ୍ଦେଶ୍ୟ ମଣିଷର ବିବେକକୁ ବଦଳାଇବା ନୁହେଁ; ବରଂ ତାହାକୁ ଅଧିକ ସକ୍ଷମ କରିବା। ୟୁପିଆଇ ଭାରତର ଡିଜିଟାଲ ଯାତ୍ରାର ଏକ ଐତିହାସିକ ସଫଳତା। ଏହାକୁ ନେଇ ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ସମାନ ଭାବେ ମନେ ରଖିବା ଆବଶ୍ୟକ ଯେ, ପ୍ରଯୁକ୍ତି ନିରପେକ୍ଷ; ତାହାର ପରିଣାମ ନିର୍ଭର କରେ ଆମ ବ୍ୟବହାର ଉପରେ। ଯଦି ୟୁପିଆଇ ଆମକୁ ସୁବିଧା ସହିତ ସଞ୍ଚୟ, ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱବୋଧ ଶିଖାଏ, ତେବେ ଏହା ଡିଜିଟାଲ ଭାରତର ସବୁଠାରୁ ବଡ଼ ସଫଳତା ହେବ। କିନ୍ତୁ ଯଦି ଏହା ଆମକୁ ଅନିୟନ୍ତ୍ରିତ ବ୍ୟୟ ଓ ସହଜ ଋଣର ଅଭ୍ୟାସ ଆଡ଼କୁ ଠେଲିଦିଏ, ତେବେ ଏହି ସୁବିଧା ହିଁ ଭବିଷ୍ୟତର ଆର୍ଥିକ ଆହ୍ୱାନର କାରଣ ପାଲଟିପାରେ। ତେଣୁ ଭାରତର ଡିଜିଟାଲ ଅର୍ଥନୀତିର ମୂଳମନ୍ତ୍ର କେବଳ 'ଡିଜିଟାଲ ଇଣ୍ଡିଆ' ନୁହେଁ, ବରଂ 'ସଚେତନ ଡିଜିଟାଲ ଭାରତ' ହେବା ଉଚିତ।

କୋଟସମଲା(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଅଣସୋରିଷ
(Stinkweed -Cleome gynandra)

ସୌଭାଗ୍ୟସୁନ୍ଦର

ଅଣସୋରିଷ ଆଫ୍ରିକାର ମୂଳ ଜାତ ଉଦ୍ଭିଦ। କିନ୍ତୁ ଆଫ୍ରିକା ସମେତ ଏସିଆ ଓ ଆମେରିକାର ଉଷ୍ଣମଣ୍ଡଳୀୟ ତଥା ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ଭାବରେ ପରିବ୍ୟାପ୍ତ। ଏହା ସମୁଦ୍ର ପଉନଠାରୁ ୨, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଯାଗାରେ ବଢ଼ିଥାଏ। ଭାରତରେ ଏହା ବ୍ୟାପକ ଭାବରେ ବିତରିତ। ସାଧାରଣତଃ ଜଙ୍ଗଲରେ ଏକ କ୍ଷୁଦ୍ର ଅନାବନା ଉଦ୍ଭିଦ ଭାବରେ ବଢ଼ୁଥିବା ଅଣସୋରିଷ ଏକ ବାର୍ଷିକ ଶାଖାଯୁକ୍ତ ସିଧାକାଣ୍ଡ ବିଶିଷ୍ଟ କ୍ଷୁପ, ଯାହା ସାଧାରଣତଃ ୨୫ ସେମିରୁ ୬୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ପ୍ରଧାନ ମୂଳ ଲୋମଶ ଓ ଗଭୀର। ଏହାର ପତ୍ର ଯୌଗିକ ପାମେଟ ବା ପ୍ରତଳିତ। ପ୍ରତ୍ୟେକ ୩-୭ ଅଣ୍ଡାକାର ଆକାରର ପତ୍ରକକୁ ନେଇ ଗଠିତ। ପତ୍ରଗୁଡ଼ିକ ଲଙ୍କା ଓ ସୋରିଷର ମିଶ୍ରଣ ପରି ଏକ ଦୃଢ଼ ତିକ୍ତସ୍ୱାଦର। ଫୁଲଗୁଡ଼ିକ ଧଳା, ସମୟକ୍ରମେ ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୁଏ। ଏହା ସ୍ୱ-ପରାଗକ। ଫଳଟି ଏକ ସ୍ଫୋଟନଶୀଳ ସାର୍ଷପୀ। ଏକ ପତଳା ଓ ଲମ୍ବା କ୍ୟାପସୁଲ୍ ବା ସ୍ଫୋଟକ। ପାଚିବା ପ୍ରକ୍ରିୟା ସମୟରେ ଏହାର ରଙ୍ଗ ସବୁଜରୁ ହଳଦିଆ ବାଦାମୀ ହୋଇଯାଏ। ଶୁଖିଲା ଫଳ ଫାଟିଯାଏ ଏବଂ ବିହନ ବା ମଞ୍ଜିଗୁଡ଼ିକ ବିକ୍ଷିପ୍ତ ଭାବରେ ମୁକ୍ତ ହୁଏ। ପ୍ରତ୍ୟେକ ଫଳରେ ୧୦୦-୧୫୦ ଟି ବିହନ ରହିଥାଏ। ବିହନଗୁଡ଼ିକ ଗୋଲାକାର, କଳା ଓ ଏହାର ପୃଷ୍ଠ ଖଦଡ଼ା।

ଅଣସୋରିଷରେ ବିଟା-କାରୋଟିନ, ଫୋଲିକ୍ ଏସିଡ୍, ଆସ୍କର୍ବିକ୍ ଏସିଡ୍, ଲୌହ, ଜିଙ୍କ୍ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ, ଅକ୍ସାଲିକ୍ ଏସିଡ୍, ଅଶୋଧିତ ପ୍ରୋଟିନ୍, ଅଶୋଧିତ ଫାଇବର ମଧ୍ୟ ଥାଏ। ବିହନରେ ୧୭-୧୯% ତେଲ, ପାମିଟିକ୍ ଏସିଡ୍, ଷ୍ଟେରିକ୍ ଏସିଡ୍, ଓଲିକ୍ ଏସିଡ୍ ଓ ଲିନୋଲିକ୍ ଏସିଡ୍ ଭଳି ଫ୍ୟାଟି ଏସିଡ୍ ଏବଂ ଗ୍ଲୁଟାମିକ୍ ଏସିଡ୍, ଆର୍ଜିନାଇନ୍, ଲ୍ୟୁସିନ୍, ଭାଲାଇନ୍, ଗ୍ଲାଇସିନ୍ ଓ ପ୍ରୋଲାଇନ୍ ସମେତ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ। ପତ୍ରଗୁଡ଼ିକରେ ଆଣ୍ଟିଅକ୍ସିଡେଟିଭ୍ ବା ବିଶୋଧକ ଗୁଣ ରହିଛି, ଯାହା ପ୍ରଦାହ ରୋଗ ପ୍ରଶମନ କରିବାରେ ସହାୟକ ହୁଏ। ଖାଦ୍ୟ ବିଷାକ୍ତତା, ବାତ, ପ୍ରଦାହ, ଜୀବାଣୁ ସଂକ୍ରମଣ ଏବଂ ବିଶେଷକରି ଯନ୍ତ୍ରଣା ସମ୍ବନ୍ଧୀୟ ଅବସ୍ଥା ଯେପରିକି ମୁଣ୍ଡବିନ୍ଧା, ଦାନ୍ତବିନ୍ଧା, ନ୍ୟୁରାଲଜିଆ, ପେଟ ଯନ୍ତ୍ରଣା, କାନ-ବିନ୍ଧା, ରିଉମାଟଏଡ୍ ଆର୍ଥ୍ରାଇଟିସ୍ ବା ଆଣ୍ଠୁ ଗଣ୍ଠି ବାତ, ହାଡ଼ ଭଙ୍ଗା, ପେଟ ଯନ୍ତ୍ରଣା ଏବଂ ଛାତି ଯନ୍ତ୍ରଣା ଭଳି ଅବସ୍ଥାର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ଏହାର ପତ୍ର ଏବଂ ଫୁଲ ବ୍ୟବହାର କରାଯାଏ। ସାଉଦି ଆରବରେ ବିଛା ଦଂଶନ ଦ୍ୱାରା ହେଉଥିବା ତୀବ୍ର ଯନ୍ତ୍ରଣା ଏବଂ ପ୍ରଦାହ-ବିରୋଧୀ ପ୍ରତିକ୍ରିୟାର ଚିକିତ୍ସା ପାଇଁ ଏହାର ନିଷ୍କାସିତ ରସ ବ୍ୟବହାର କରାଯାଏ।

ପତ୍ର ଓ ଫୁଲ ଉଭୟ ଖାଦ୍ୟଯୋଗ୍ୟ। ସାଧାରଣତଃ, ପତ୍ର ଓ ଡାଳଗୁଡ଼ିକୁ ସିଝା କିମ୍ବା ଷ୍ଟ୍ୟୁରେ ଖିଆଯାଏ। ଏହି ପତ୍ରଗୁଡ଼ିକ ପ୍ରାୟତଃ ଉପ-ସାହାରା ଆଫ୍ରିକାରେ ଖିଆଯାଏ, ଯେଉଁଠାରେ ଏହାକୁ ସଂରକ୍ଷଣ ପାଇଁ ଶୁଖାଯାଏ, ତା'ପରେ ଏହାର ତିକ୍ତ ସ୍ୱାଦ କମ କରିବା ପାଇଁ କ୍ଷୀର କିମ୍ବା ବଟର ସହିତ ରନ୍ଧାଯାଏ। କେନିଆ, ଉଗାଣ୍ଡା ଓ ତାଞ୍ଜାନିଆରେ, ପତ୍ରଗୁଡ଼ିକୁ ଚିନାବାଦାମ ପେଷ୍ଟ ସହିତ ରନ୍ଧାଯାଏ। ଥାଇଲ୍ୟାଣ୍ଡ ଓ ମାଲେସିଆରେ, ପତ୍ରଗୁଡ଼ିକ ଭାତ ପାଣି ସହିତ ଫାକ୍ ସିଆନ୍ ଡଙ୍ଗ ନାମକ ଏକ ଆଚାର ଭାବରେ କିଣ୍ୱନ କରାଯାଇଥିବା ଏକ ଲୋକପ୍ରିୟ ଖାଦ୍ୟ ପଦାର୍ଥ। ମାଲେସିଆରେ ମଧ୍ୟ ଏହାକୁ ଆଚାର କରି ଖିଆଯାଏ। ପତ୍ରଗୁଡ଼ିକୁ ମସଲାଯୁକ୍ତ ନଡ଼ିଆ କ୍ଷୀରରେ ଦୀର୍ଘ ସମୟ ପାଇଁ ଭିଜାଇ ଖିଆଯାଏ।

ଏହି ଉଦ୍ଭିଦଟି ଏହାର କୀଟପତଙ୍ଗ ପ୍ରତିରୋଧକ ଏବଂ ଟିକ୍ ପ୍ରତିରୋଧକ ଗୁଣ ଯୋଗୁଁ ଅନ୍ତଃଫସଲ ପାଇଁ ଉପଯୋଗୀ। ବୁଣାକାର ପକ୍ଷୀମାନେ ଏହାର କଞ୍ଚା ବିହନ ଖାଇଦିଅନ୍ତି। ଆଫ୍ରିକାରେ ଅଣସୋରିଷ ସ୍ଥାନୀୟ କିସମଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଉପଯୁକ୍ତତା ଏବଂ ଅନୁକୂଳନଶୀଳତା ହେତୁ ଆଞ୍ଚଳିକ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅନେକ ଅଞ୍ଚଳରେ ଏହାକୁ ଏକ ଆକ୍ରମଣାତ୍ମକ ଅନାବନା କ୍ଷୁପ ଭାବରେ ବିବେଚନା କରାଯାଏ।

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ତାମିଲନାଡୁ ଏକ୍ସପ୍ରେସ୍‌ରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣା

# ଓଡ଼ିଆ ଦମ୍ପତିଙ୍କୁ ଖୋଜୁଛି ପୁଲିସ

ଭୁବନେଶ୍ୱର,୨୩।୮ (ସମିସ): ଆଗ୍ରା-ଚେନ୍ନାଇ ତାମିଲନାଡୁ ଏକ୍ସପ୍ରେସ୍ ପଡ଼ିଥିବା ଏକ ସୁଟ୍‌କେସ୍‌ରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ତାମିଲଡାଡୁ ପୁଲିସ ପକ୍ଷରୁ ଏକ ଓଡ଼ିଆ ଦମ୍ପତିଙ୍କୁ ଖୋଜା ଚାଲିଛି। ଏହି ଓଡ଼ିଆ

- ଭୁବନେଶ୍ୱର ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍
- ପୁଲିସ ହାତ ଖାଲି, ସ୍ଥଳପଥରେ ଖସି ପଳାଇଥିବା ଅନୁମାନ

ଦମ୍ପତି ତାମିଳନରାଡୁରୁ ଆସି ଓଡ଼ିଶାରେ ଲୁଚି ଥିବା ଅନୁମାନ କରାଯାଉଛି। ଏଣୁ ଓଡ଼ିଶା ପୁଲିସ ସହାୟତାରେ ତାମିଲନାଡୁ ପୁଲିସର ୩ଟି ଟିମ୍ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାପା ମାରୁଛନ୍ତି। ଏପର୍ଯ୍ୟନ୍ତ ଉକ୍ତ ଦମ୍ପତିଙ୍କ ଠିକଣା ପାଇବାରେ ପୁଲିସ ଅସମର୍ଥ ହୋଇଛି। ତେବେ ଏହି ଦମ୍ପତି ଏଠାରୁ ସ୍ଥଳପଥରେ ଖସି ଯାଇଥିବା ଅନୁମାନ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ମୃତ ମହିଳା ଜଣଙ୍କ ହେଲେ ହୟାତୁନ୍ ନିଶା। ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ତାମିଲନାଡୁ ରାଜଧାନୀ ଚେନ୍ନାଇରେ ଏକ



ଘରୋଇ କମ୍ପାନୀରେ କାମ କରୁଥିଲେ। ଏହା ସହ ଏକ ଦମ୍ପତି ଆସାମ୍‌ର ମାନିକ ଉଦ୍ଦିନ୍ ଲସ୍କର୍ ତାଙ୍କ ସ୍ତ୍ରୀ ତଥା ଓଡ଼ିଆ ଝିଅ ଭଗବତୀ ମାଝୀଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ହେଲେ ଗତ ଅଗଷ୍ଟ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ୍ ଚେନ୍ନାଇରୁ ବାହାରି ଆଗ୍ରା ପହଞ୍ଚିବା ମାତ୍ରେ ସେଠାରୁ ଏକ ସୁଟ୍‌କେସ୍ ମିଳିଥିଲା। ଏହି ସୁଟ୍‌କେସ୍‌ରୁ ନିଶାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ଏହାପରେ ତାମିଲନାଡୁର ଗୁଡୁଭାଞ୍ଚେଶ୍ୱରୀ ଥାନା ପୁଲିସ ଏକ ମାମଲା ରୁଜୁ କରି ପ୍ରଥମେ ନିଶା ରହୁଥିବା ଦମ୍ପତିଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲା। ହେଲେ ଏହି ଦମ୍ପତି ଫେରାର ଥିବାରୁ ତାମିଲନାଡୁ ପୁଲିସ ସନ୍ଦେହରେ ଆସିଥିଲେ। ଏମାନଙ୍କ ଲୋକେସନ୍ ଟ୍ରେସ୍ କରାଯିବାରୁ ଜଣାପଡ଼ିଥିଲା ଭଗବତୀଙ୍କ ମୋବାଇଲ୍ ଫୋନ୍ ଶେଷଥର ପାଇଁ ଭୁବନେଶ୍ୱର ରେଳ ଷ୍ଟେସନର ପ୍ଲାଟ୍ ନମ୍ବର ୪ରେ ଅନ୍ ହୋଇଥିଲା। ଏହାପରେ ଫୋନ୍ ବନ୍ଦ ହୋଇଯାଇଥିଲା। ମାନିକ ଏକ ଡେନିମ୍ କଲର୍‌ର ଜିନ୍ସ ଏବଂ ସବୁଜ ରଙ୍ଗର ସାର୍ଟ ପିନ୍ଧିଥିଲା ବେଳେ ତାଙ୍କ ସ୍ତ୍ରୀ ଭଗବତୀ ଏକ ଲାଇଟ୍ ପିଙ୍କ୍ ରଙ୍ଗର ଚୁଡିଦାର ପିନ୍ଧିଥିଲେ। ଏଣୁ ତାମିଲନାଡୁ ପୁଲିସ ଓଡ଼ିଶାରେ ଡେରା ପକାଇବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଉଚ୍ଚଶିକ୍ଷା ବିଭାଗର ଅଯୋଗ୍ୟ ବଞ୍ଚାଅ ନୀତି: ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା

# ଘରୋଇ କଲେଜ ଅଧ୍ୟାପକ ଓ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ

ଭୁବନେଶ୍ୱର, ୨୩।୮ (ସମିସ): ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବା ବିଇଡି କଲେଜରେ ନିଯୁକ୍ତ ଅଯୋଗ୍ୟ କୁହାଯାଉଥିବା ୧୨୦ ଜଣ ଅଧ୍ୟାପକଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ବିଇଡ଼ି କଲେଜ ଖାଲି। ପୂର୍ବରୁ ଏନ୍‌ସିଟିଇ ମାର୍ଗଦର୍ଶିକା ଅନୁସାରେ ଅଯୋଗ୍ୟ କୁହାଯାଉଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ନିଯୁକ୍ତିକୁ ନେଇ ଅକଳରେ ପଡ଼ିବା ପରେ ଏବେ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବୃଦ୍ଧି ପାଇଛି। ଅଧ୍ୟାପକଙ୍କ ଅଭାବ ଥିବାଯୋଗୁଁ ବିଇଡ଼ି କଲେଜରେ ଶିକ୍ଷାଦାନ ବ୍ୟାହତ ହେବା ଆଶଙ୍କା ଥିବାରୁ ଏହାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ଯେନତେଣ ପ୍ରକାରେ ଏମ୍‌ଇଡି କରିଥିବା ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେଇ ଏନ୍‌ସିଟିଇ ମାନଦଣ୍ଡ ପୂରଣ କରିବାକୁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ସ୍ୱୀକୃତି ବଞ୍ଚାଇବାକୁ ଘରୋଇ କଲେଜରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ବିଇଡି କଲେଜରେ ସାମୟିକ ଭାବେ ନିୟୋଜିତ କରାଯାଉଥିବା ସୂଚନା ମିଳିଛି।

ଉଚ୍ଚଶିକ୍ଷା ପକ୍ଷରୁ ଗତ ୨୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ବେସରକାରୀ କଲେଜରେ ଶିକ୍ଷାଦାନ କରୁଥିବା ୫ ଜଣ ଅଧ୍ୟାପକଙ୍କୁ ବିଇଡି କଲେଜରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଛି। ଡେରାବିଶ ଡିଗ୍ରୀ କଲେଜର ଅଧ୍ୟାପିକା ସୁଭାଶ୍ରୀ ପଣ୍ଡାଙ୍କୁ ଫୁଲବାଣୀ ବିଇଡି କଲେଜରେ ନିୟୋଜିତ କରାଯାଇଛି। ସେହିପରି ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଶାଶ୍ୱତୀ ସୌମ୍ୟା ଲେଙ୍କା, ଚନ୍ଦ୍ରଶେଖର ଡିଗ୍ରୀ କଲେଜର ହରିଚନ୍ଦନ କର, ନୟାଗଡ଼ ଅଟୋନମସ୍ କଲେଜର ପୂଜାର୍ଚ୍ଚନା ମୁଣ୍ଡ ଏବଂ ପୁରୁଷୋତ୍ତମପୁର ତାରାତାରିଣୀ ଡିଗ୍ରୀ କଲେଜର ମିନକେତନ ନାହାକଙ୍କୁ କନ୍ଧମାଳ କଳିଙ୍ଗା ବିଇଡି କଲେଜରେ ନିୟୋଜିତ କରାଯାଇଛି। ମାତ୍ର ସେମାନେ ପରବର୍ତ୍ତୀ ସମୟରେ ସମୟରେ ଯେମିତି ନିୟମିତ ହେବାକୁ ଦାବି କରିପାରିବେ ନାହିଁ, ସେଥିପାଇଁ ମଧ୍ୟ ବାଟ ରଖାଯାଇଛି। ସମ୍ପୃକ୍ତ ଅଧ୍ୟାପକମାନେ ସ୍ଥାୟୀ ନିଯୁକ୍ତି, ନିୟମିତ କିମ୍ବା ସରକାରୀ ପ୍ରତିଷ୍ଠାନରେ ଚାକିରି ଜାରି ରଖିବାକୁ ଦାବି କରିପାରିବେ ନାହିଁ। ମୂଳ ଅନୁଷ୍ଠାନର ଚାକିରି ସମ୍ବନ୍ଧୀୟ ଦରମା, ପଦୋନ୍ନତି, ଛୁଟି ଓ ଅନ୍ୟାନ୍ୟ ସୁବିଧା ପୂର୍ବ ନିୟମ ଅନୁଯାୟୀ ରହିବ ବୋଲି କୁହାଯାଇଛି।

ଅଯୋଗ୍ୟ ଅଧ୍ୟାପକଙ୍କୁ ସୁରକ୍ଷା ଦେବାକୁ ଯାଇ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ପରେ ଗୋଟିଏ ଅଯୌକ୍ତିକ ନିଷ୍ପତ୍ତି ନେଉଥିବା ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି। ଏମ୍‌ଇଡି ଯୋଗ୍ୟତା ନ ଥାଇ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କୁ ରଖିଲେ ସ୍ୱୀକୃତି ପ୍ରତ୍ୟାହାର ହେବା ଏକପ୍ରକାର ନିଶ୍ଚିତ ହେବାରୁ ପ୍ରଥମେ ସେମାନଙ୍କୁ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅତିଥି ଅଧ୍ୟାପକ ନିଯୁକ୍ତ କରି ସ୍ୱୀକୃତି ବଜାୟ ରଖିବାକୁ ପ୍ରୟାସ କରାଯାଉଛି। ମାତ୍ର ଯୋଗ୍ୟ ଅଧ୍ୟାପକ ନ ମିଳିବା ବିଭାଗର ମୁଣ୍ଡବ୍ୟଥା ବଢ଼ାଉଛି। ଏଣୁ ଅବସର ନେଇଥିବା ଅଧ୍ୟାପକଙ୍କୁ ୭୫ ବର୍ଷରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ଶିକ୍ଷକ ଶିକ୍ଷା ସହ ଆଦୌ ଜଡ଼ିତ ନ ଥାଇ ସିଟି କଲେଜରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ସମାଧାନ ପାଇଁ ନୂତନ ନିଯୁକ୍ତି ଦେବା ପରିବର୍ତ୍ତେ ସରକାରଙ୍କ ଏହି ଅଯୋଗ୍ୟ ବଞ୍ଚାଅ ନୀତି ଶିକ୍ଷକ ଶିକ୍ଷାର ମାନକୁ ରସାତଳଗାମୀ କରୁଥିବା ଅଭିଯୋଗ ହୋଇଛି।

# ମହିଳାଙ୍କ ଗଳାକାଟି ହତ୍ୟା; ସ୍ୱାମୀ ଅଟକ

ଆସିକା,୨୩।୮ (ସମିସ): ଆସିକା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ନାହାଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ'ର ତଣ୍ଟି କାଟି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ନମିତା ପ୍ରଧାନ। ହତ୍ୟା କରିଥିବା ସ୍ୱାମୀଙ୍କ ନାମ ସୁଜିତ ପ୍ରଧାନ। ସୁଜିତ କୌଣସି ଧାରୁଆ ଅସ୍ତ୍ରରେ ନମିତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ସୂଚନା ଅନୁସାରେ ଗ୍ରାମର ସୁଜିତ, ନମିତାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିଥିଲେ। ଇତି ମଧ୍ୟରେ ସୁଜିତ ସୁରଟରେ ରହୁଥିବା ସମୟରେ ସେଠାରେ ଏକ ହତ୍ୟା ମାମଲାରେ ୮ ବର୍ଷ ଜେଲ ଦଣ୍ଡ ଭୋଗୀ ଥିଲେ। ନମିତା ନିଜ ବାପ ଘରେ ରହୁଥିଲେ। ଗତ ୪ ଦିନ ତଳେ ସୁଜିତ ସୁରଟରୁ ଆସି ନମିତାଙ୍କୁ ମାଡ଼ ମାରିଥିଲେ। ଆଜି ନମିତା ଘରେ ଏକା ଥିବାର ସୁଯୋଗ ନେଇ ତାଙ୍କ ସହ ଝଗଡ଼ା କରି ଛୁରିରେ ତଣ୍ଟି କାଟି ହତ୍ୟା କରିଥିଲା। ପୁଲିସ ହତ୍ୟାକାରୀ ସୁଜିତକୁ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ନମିତାଙ୍କ ମୃତଦେହ ପଡ଼ିରହିଛି। ପୁଲିସ ଏ ନେଇ ଅଧିକ ତଦନ୍ତ କରୁଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଂଲାଦେଶରେ ହିନ୍ଦୁ...

ରାତିରେ ପରିବାର ଲୋକେ ସେମାନଙ୍କ ଘରେ ପହଞ୍ଚି ମୁଖ୍ୟ ଫାଟକ ବନ୍ଦ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରୁ ଚାରି ଜଣଙ୍କର ମୃତଦେହ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡିଛି ଯେ ମା' ଏବଂ ଝିଅଙ୍କ ମୃତଦେହ ସିଡ଼ି ଉପରୁ, ଗଣପତିଙ୍କ ମୃତଦେହ ଛାତ ଉପରୁ ଏବଂ ସାନ ପୁଅର ମୃତଦେହ ଖଟ ତଳୁ ମିଳିଛି। ଗଣପତି ଗତ ବର୍ଷ ଶିକ୍ଷକତା ପଦରୁ ଅବସର ନେଇଥିଲେ ଏବଂ ତାଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଏବଂ ସିଆଇଡି ମିଳିତ ଭାବେ ଏହି ଘଟଣାର ଗୁରୁତର ତଦନ୍ତ ଜାରି ରଖିଛନ୍ତି।

## ଭ୍ରମାତ୍ମକ ବିଜ୍ଞାପନ...

ବ୍ରାଣ୍ଡଗୁଡ଼ିକୁ ମଧ୍ୟ ନୋଟିସ୍ ଏହି ମିଳିଛି।

ଏହିପ୍ରସଙ୍ଗରେଏଫ୍‌ଏସ୍‌ଏସ୍‌ଏଆଇଇ-କମର୍ସକମ୍ପାନୀଆମାଜନ ଏବଂ ଫ୍ଲିପ୍‌କାର୍ଟକୁ ୧୨ ନୋଟିସ୍ ପଠାଇଛି। ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ ଏକ ଆମାଜନ ଗୋଦାମର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଏଜେନ୍ସି କେଏଫ୍‌ସି, ମ୍ୟାକଡୋନାଲ୍ଡ୍‌ସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ବ୍ରାଣ୍ଡଗୁଡ଼ିକୁ ୩୦ ରୁ ଅଧିକ ନୋଟିସ୍ ଜାରି କରିଛି। ଡୋମିନୋଜ୍ର ୫ଟି ଲାଇସେନ୍ସକୁ ସ୍ଥଗିତ କରାଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଅନୁଯାୟୀ, ନୋଟିସ୍ ପାଇବା ପରେ ମଧ୍ୟ ଅନେକ କମ୍ପାନୀ ସେମାନଙ୍କର ଭୁଲ ସଂଶୋଧନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଖାଦ୍ୟ ସୁରକ୍ଷା, ବିଜ୍ଞାପନ ଏବଂ ଲେବଲିଂ ନିୟମ ଅନୁପାଳନ କରାଯାଉଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ଭବିଷ୍ୟତରେ ଏହି ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଭ୍ରମାତ୍ମକ ବିଜ୍ଞାପନ କହିଲେଏକ ଉତ୍ପାଦର ଗୁଣବତ୍ତା, ଉପାଦାନ କିମ୍ବା ସ୍ୱାସ୍ଥ୍ୟ ଲାଭ ବିଷୟରେ ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ବିଜ୍ଞାପନକୁ ଭ୍ରମାତ୍ମକ ବୋଲି ବିବେଚନା କରାଯାଏ। ଗ୍ରାହକଙ୍କୁ ଭୁଲ ଭାବରେ ବିଭ୍ରାନ୍ତ କରୁଥିବା, ଅନ୍ୟ ଏକ ଉତ୍ପାଦକୁ ନିମ୍ନମାନର ଭାବରେ ଚିତ୍ରଣ କରୁଥିବା କିମ୍ବା ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଉଥିବା ଦାବି ମଧ୍ୟ ଭ୍ରମାତ୍ମକ ହୋଇପାରେ।

## ଦର ବୃଦ୍ଧିରେ...

ପାଇଛି, ଯାହାକି ଜୁନ୍ ମାସରେ ୪.୩୮ ପ୍ରତିଶତ ରହିଥିଲା। ଗ୍ରାମାଞ୍ଚଳ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ୪.୮୪ ପ୍ରତିଶତ ରହିଛି, ଯାହା କି ସହରାଞ୍ଚଳର ୩.୯୬ ପ୍ରତିଶତ ହାରଠାରୁ ଯଥେଷ୍ଟ ଅଧିକ ଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ମୁଦ୍ରାସ୍ଫୀତିରେ ବୃଦ୍ଧି ମୁଖ୍ୟ ବାହକ ରହିଛି। ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁନ୍ ମାସରେ ୫.୩୨% ତୁଳନାରେ ଜୁଲାଇରେ ୫.୫୨%କୁ ବୃଦ୍ଧି ପାଇଛି।

## ଡକାଯିବ ଜରୁରୀ...

ମଧ୍ୟ ଆବଶ୍ୟକ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏହା ସଫଳ ହୋଇନଥିଲା। ମାତ୍ର ପୁଣି ଏଥିପାଇଁ ବିଜେପି ସରକାର ପ୍ରୟାସ କରିପାରେ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ଆଶଙ୍କା ବ୍ୟକ୍ତ କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ମୌସୁମୀ ଅଧିବେଶନ ପ୍ରୋରୋଗ୍ ନହେବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିବା ସହ ଡିଲିମିଟେସନ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ସ୍ୱତନ୍ତ୍ର ଅଧିବେଶନରେ ପାରିତ କରାଇବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ଯୋଗାଡ଼ କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜନସଂଖ୍ୟା ଅଧାରରେ ସୀମା ପୁନର୍ଗଠନ ହେଲେ ଅନେକ ରାଜ୍ୟଗୁଡ଼ିକର ଲୋକସଭା ପ୍ରତିନିଧିତ୍ୱ କମିପାରେ ବୋଲି ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ପରି ରାଜ୍ୟଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟ ୨୧ରେ ମହାବଳୀପୁରମ୍‌ରେ ଅନୁଷ୍ଠିତ ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଡିଲିମିଟେସନ ପ୍ରସଙ୍ଗ ଉଠିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ରାଜ୍ୟଗୁଡ଼ିକର ସଂସଦୀୟ ପ୍ରତିନିଧିତ୍ୱ କୌଣସି ପରିସ୍ଥିତିରେ କମିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ ଆଇନଗତ ଆଶ୍ୱାସନା ଦାବି କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ଆଗାମୀ ୨୫ ବର୍ଷ ପାଇଁ ବର୍ତ୍ତମାନର ୫୪୩ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଦାବି କରିଛନ୍ତି। ଫଳରେ ସଂସଦର ମୌସୁମୀ ଅଧିବେଶନ ପ୍ରୋରୋଗେସନ୍‌ରେ ବିଳମ୍ବ ଏବଂ ଡିଲିମିଟେସନକୁ ନେଇ କେନ୍ଦ୍ରର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଏ ସମ୍ପର୍କରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାନସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସଂସଦ ମୁଲତବୀ ହେବା ପରେ ପ୍ରୋରୋଗେସନ ଏକ ବିଧିବଦ୍ଧ ପ୍ରକ୍ରିୟା। ସାଧାରଣତଃ ସଂସଦ ମୁଲତବୀ ହେବାର ପ୍ରାୟ ସପ୍ତାହକ ମଧ୍ୟରେ ଏହି କାର୍ଯ୍ୟ ସମାପନ ହୁଏ। ୧୦ ଦିନ ପରେ ପ୍ରୋରୋଗେସନ ନ ହେବା ଏକ ବିରଳ ଘଟଣା। ତେଣୁ ଏ ସଂକ୍ରାନ୍ତରେ ଦେଶବାସୀ ବା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମନରେ ସୃଷ୍ଟି ହେଉଥିବା ଆଶଙ୍କାକୁ ଅମୂଳକ ବୋଲି କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

## ଲଦାଖରେ ପ୍ରତିଷ୍ଠା...

ଆଜି ଯାଏଁ ତାହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ଗୋଟିଏ ଲେଖାଏଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ବିଜେପି ନେତାଙ୍କର ନୀଦ ଭାଙ୍ଗୁ ନାହିଁ। ଏଥିପାଇଁ ସେ ସ୍ପଷ୍ଟ ଭାବେ ବିଜେପି ସ୍ଥାନୀୟ ନେତା ଜୟନାରାୟଣ ମିଶ୍ର ଓ ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। କେବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ ଓ ଏନେଇ ପଦକ୍ଷେପ ନେବ ତାହାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଏହା ନହେଲେ ପଶ୍ଚିମ ଓଡ଼ିଶାରେ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ୧୧ ପଦରେ...

ପରିଣତ କରିଦିଆଯାଇଥିବା ଅଭିଯୋଗ ହୋଇଛି ଏବଂ ଏହାକୁ ପ୍ରୋତ୍ସାହିତ କରିବା ନିମନ୍ତେ ନୂଆ ନିଯୁକ୍ତି ଦିଆଯାଉ ନାହିଁ ଓ ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଜନାର୍ଦ୍ଦନ ମାଝୀ ଉଠାଜଳସେଚନ ନିଗମରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଡିଜାଇନ-୧)ରେ ଅବସ୍ଥାପିତ ହୋଇଛନ୍ତି। ମାତ୍ର କୌତୂହଳର କଥା ହେଉଛି ଅନ୍ୟ ଡିଭିଜନ (ଭୁବନେଶ୍ୱର)ରେ ସେ ନିର୍ବାହୀ ଯନ୍ତ୍ରୀ ଭାବରେ ମଧ୍ୟ ଅବସ୍ଥାପିତ ଓ ଏକ ସମୟରେ ସେ ଉଠାଜଳସେଚନ ନିଗମର ଉପନିର୍ଦ୍ଦେଶକ (ଯୋଜନା) ଭାବରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନରେ ସହକାରୀ ମୁଖ୍ୟ ଯନ୍ତ୍ରୀ ବିଚିତ୍ରକୁମାର ସାମଲଙ୍କ ଉପରେ ୩ଟି ଦାୟିତ୍ୱ ଲଦା ହୋଇଛି। ସେ ଏକାଧାରରେ ସହକାରୀ ମୁଖ୍ୟଯନ୍ତ୍ରୀ ପଦ ସହ ଉଠାଜଳସେଚନ ନିଗମର ବୈଷୟିକ ନିର୍ବାହୀ ନିର୍ଦ୍ଦେଶକ ପଦ ସହ ପରିଚାଳନା ନିର୍ଦ୍ଦେଶକ ପଦରେ ମଧ୍ୟ ଅବସ୍ଥାପିତ କରାଯାଇଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି ଜଣେ ସହକାରୀ ଯନ୍ତ୍ରୀ। ଅଭିଯୋଗ ଅନୁସାରେ ସହକାରୀ ଯନ୍ତ୍ରୀ (ବୈଷୟିକ) ସୁଦର୍ଶନ ଷଡ଼ଙ୍ଗୀ ଏକାଧାରରେ ୫ଟି ଦାୟିତ୍ୱ ତୁଲାଉଛନ୍ତି। ସମ୍ପ୍ରତି ସେ ମୁଖ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ସାମଗ୍ରୀ କ୍ରୟ), ନିର୍ବାହୀ ଯନ୍ତ୍ରୀ (ଡିଜାଇନ), ଅଧୀକ୍ଷଣ ଯନ୍ତ୍ରୀ (ସାମଗ୍ରୀ କ୍ରୟ ଓ ମାନ ନିୟନ୍ତ୍ରଣ) ଓ ରାଜଧାନୀଠାରୁ ୨୦୦ କିଲୋମିଟର ଦୂର ଅନୁଗୋଳ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପଦୋନ୍ନତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ଓ ବିନା ଡିପିସିରେ ତାଙ୍କୁ ଏକାଧିକ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି।

କେବଳ ଏତିକି ନୁହେଁ; ନିଗମ ବିରୋଧରେ ମଧ୍ୟ ଆହୁରି ଅନେକ ସାଂଘାତିକ ଅଭିଯୋଗ ଆସିଛି। ଅବସର ନେବାର ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଅନେକ କର୍ମଚାରୀଙ୍କୁ ସେମାନଙ୍କର ନାର୍ଯ୍ୟ ପ୍ରାପ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି ଏବଂ ଏହି ପାଉଣା ନ ଦେବାକୁ ରୀତିମତ ଷଡ଼ଯନ୍ତ୍ର କରାଯାଉଛି। ଜଣେ ଜଣେ ଅଧିକାରୀଙ୍କ ଉପରେ ଏତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିବା ପଛରେ କେଉଁ କାରଣ ଅଛି ତାହାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଗମରେ ମାନବସମ୍ବଳ ସଙ୍କଟ ରହିଛି ନା ଜାଣିଶୁଣି ଜଣେ ଜଣେ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ନ୍ୟସ୍ତ କରାଯାଇ ବ୍ୟବସ୍ଥାକୁ ବିଭ୍ରାଟ କରିବାକୁ ଉଦ୍ୟମ କରାଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଅପରପକ୍ଷରେ ବିଭାଗରେ ଏକାଧିକ ଦାୟିତ୍ୱ ତୁଲାଇବା ପାଇଁ କେବଳ ଏହି ଅଧିକାରୀମାନେ ସୁଦକ୍ଷ ଓ ଅନ୍ୟମାନେ ଅପାରଗ ବୋଲି ସରକାର ମନେ କରୁଛନ୍ତି ବୋଲି ମଧ୍ୟ ଏକ ବାର୍ତ୍ତା ଦିଆଯିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ହୋଇଛି।

## ୩ ଦିନ...

ବୌଦ୍ଧରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି ଲଘୁଚାପ ପ୍ରଭାବରେ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଲଘୁଚାପ ଯାଉ ଯାଉ ଅଗଷ୍ଟ ଶେଷ ଆଡ଼କୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ। ତେବେ ରବିବାର ସୃଷ୍ଟ ଲଘୁଚାପ ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାପ୍ରଭାବରେ ଅଗଷ୍ଟ ୨୪ ରୁ ୨୬ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ବର୍ଷା ହେବ। ଅଗଷ୍ଟ ୨୮-୨୯ରେ ବର୍ଷା ସାମନ୍ୟ କମିବା ପରେ ୨୯-୩୦ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ମଧ୍ୟରେ ଏହା ପ୍ରଭାବରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ମଧ୍ୟ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଅଗଷ୍ଟ ୩୦ ରୁ ସେପ୍ଟେମ୍ବର ୨ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଲଘୁଚାପ ପ୍ରଭାବରେ ଆଗାମୀ ୨୪ ତାରିଖ ଯାଏଁ ସମୁଦ୍ର ଅଶାନ୍ତ ରହିବ। ଏବେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ୪୦-୫୦ ବେଗରେ ପବନ ବହୁଛି। ଏହାର ଝଟକା ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହୁଛି। ତେଣୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ପାର୍ଶ୍ୱବର୍ତ୍ତୀ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

# ବଗି ଛାଡ଼ି ଚାଲିଗଲା ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି

ବଲାଙ୍ଗିର,୨୩।୮ (ସମିସ): ବଲାଙ୍ଗିର ସୁଦପଡ଼ା-କଦମପଡା ମଝିରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି ଟ୍ରେନ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିଲା; ହେଲେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏକ ସମ୍ଭାବ୍ୟ ବଡ ଧରଣର ଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି ଘଟଣା କିପରି ଘଟିଲା ଏବଂ କାହାର ଅବହେଳା ରହିଛି ସେ ନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।



ବଲାଙ୍ଗିର-ପୁରୁଣାକଟକ ଟ୍ରେନ୍ ସବୁଦିନ ଭଳି ପ୍ରାୟ ଅପରାହ୍ନ ୩ଟା ପରେ ବଲାଙ୍ଗିର ଷ୍ଟେସନ ଛାଡିଥିଲା। ଷ୍ଟେସନରୁ କିଛି ଦୂର ଯିବା ପରେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡି ଆଗକୁ ପଳାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ଅଧ କିଲୋମିଟର ଯିବା ପରେ ଚାଳକ ଜାଣିବା ପରେ ଇଞ୍ଜିନ ଅଟକାଇଥିଲେ। ଖବର ପାଇ ରେଳ କର୍ମଚାରୀ ପହଞ୍ଚି ଇଞ୍ଜିନ ଓ ବଗିକୁ ଲଗାଇଥିଲେ। ଏହାପରେ ଟ୍ରେନ୍ ଗନ୍ତବ୍ୟ ପଥରେ ଆଗେଇ ଥିଲା। ତେବେ କେମିତି ଏତେ ବଡ ଅଘଟଣ ଘଟିଲା, ଇଞ୍ଜିନ ଓ ବଗି ବିଚ୍ଛିନ୍ନ ହେବାର କାରଣ କ'ଣ ସେନେଇ ରେଳ ଭିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ପ୍ରକୃତ କାରଣ ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ତଦନ୍ତ ପରେ ସ୍ପଷ୍ଟ ହେବ।

## ଘାଇ ଏବେ ବି...

ଦିନ ମଧ୍ୟରେ ଘାଇ ମରାମତି କାର୍ଯ୍ୟ ଶେଷ ହେବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୫୦ ଭାଗ ମଧ୍ୟ କାର୍ଯ୍ୟ ସରି ନଥିବା ପରିଲକ୍ଷିତ ହୋଇଛି। ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିବା ମନ୍ତ୍ରୀ ଜଳସମ୍ପଦ ଯନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନ ମରାମତି ପାଇଁ ସମୟ ନେଇଥିବା ଅବଧି ଶେଷ ହୋଇଛି ହେଲେ ମନ୍ଥର ଗତିରେ କାର୍ଯ୍ୟ ଯୋଗୁଁ ରିଙ୍ଗରୋଡ ଘାଇ କାର୍ଯ୍ୟ ଅଧପନ୍ତରିଆ ହୋଇପଡିଛି। ୨୬ ଦିନ ପରେ ମଧ୍ୟ ଘାଇର ମରମତି କାର୍ଯ୍ୟ ହୋଇପାରି ନାହିଁ। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ରିଙ୍ଗବନ୍ଧ ଘାଇ ମରାମତି କାର୍ଯ୍ୟରେ ଜଳସମ୍ପଦ ବିଭାଗର ଚରମ ଅବହେଳା ଓ ଦାୟିତ୍ୱହୀନତା ସାମନାକୁ ଆସିଛି। ଏହାସତ୍ତ୍ୱେ ପ୍ରଶାସନ ଏ ଦିଗରେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

## ୨ ଉଦ୍ଧାର...

ଓସେନ ୱିନର ପ୍ରାୟ ୭୨,୧୦୦ ଟନ୍ ଲୁହାପଥର ଫାଇନ୍ସ ନେଇ ଶୁକ୍ରବାର ରାତି ୧୦ଟା ୪୨ ମିନିଟରେ ପାରାଦୀପ ବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା। ଜାହାଜଟି ସିଙ୍ଗାପୁର ଅଭିମୁଖେ ଯାଉଥିବା ନେଇ ପ୍ରାଥମିକ ସୂଚନା ମିଳିଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ଗନ୍ତବ୍ୟସ୍ଥଳ ଚୀନ ଥିବା କୁହାଯାଉଛି। ତେବେ ଶନିବାର ପୂର୍ବାହ୍ନ ୧୧ଟା ୪୮ ମିନିଟ୍ ସମୟରେ ଜାହାଜ ସହ ସମ୍ପୃକ୍ତ ଏକ କମ୍ପାନୀ ପକ୍ଷରୁ ଶ୍ରୀ ବିଜୟପୁରମ୍‌ସ୍ଥିତ ଆଇସିଜିର ମାରିଟାଇମ୍ ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର (ଏମ୍‌ଆର୍‌ସିସି)କୁ ଏକ ଜରୁରୀ ସୂଚନା ମିଳିଥିଲା। ଏମ୍‌ଭି ଓସେନ ୱିନର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଏବଂ ଜାହାଜକୁ ଖୋଜିବା ପାଇଁ ସନ୍ଧାନ ଓ ଉଦ୍ଧାର ସହାୟତା ଆବଶ୍ୟକ ବୋଲି ଏହି ସୂଚନାରେ କୁହାଯାଇଥିଲା। ସୂଚନା ପାଇବା ପରେ ଆଇସିଜି ଓ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ଅଳ୍ପ ଦୂରରେ ଥିବା ଅନ୍ୟଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍‌ର ଦିଗ ପରିବର୍ତ୍ତନ କରାଯାଇ ସନ୍ଧାନ କାର୍ଯ୍ୟରେ ସାମିଲ କରାଯାଇଥିଲା। ଏହି ଜାହାଜଟି ଦୁଇଟି ଲାଇଫ୍‌ରାଫ୍ଟରୁ ଦୁଇ ଜଣ ନାବିକଙ୍କୁ ଉଦ୍ଧାର କରିଥିବା ଆଇସିଜି ସୂଚନା ଦେଇଛି।

ଉଦ୍ଧାର ପାଇଥିବା କ୍ରୁ ସଦସ୍ୟଙ୍କ ସୂଚନା ଅନୁସାରେ ଶୁକ୍ରବାର ଜାହାଜଟି ଗୋଟିଏ ପାର୍ଶ୍ୱକୁ ଢଳିବା ଆରମ୍ଭ କରିଥିଲା। ଏହାପରେ ମାତ୍ର ପ୍ରାୟ ୮ ମିନିଟ୍? ମଧ୍ୟରେ ଜାହାଜଟି ବୁଡ଼ିଯାଇଥିଲା। ଜାହାଜ ବୁଡ଼ିବା ପୂର୍ବରୁ କ୍ରୁ ସଦସ୍ୟମାନେ ଏହାକୁ ଛାଡ଼ି ଲାଇଫ୍‌ବୋଟ୍‌ରେ ଆଶ୍ରୟ ନେଇଥିଲେ।

ଭାରତୀୟ ମାରିଟାଇମ୍ ପ୍ରଶାସନର ମହାନିର୍ଦ୍ଦେଶକ ଶ୍ୟାମ ଜଗନ୍ନାଥନଙ୍କ ସୂଚନା ଅନୁସାରେ, ସମୁଦ୍ରରେ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାର ସମ୍ଭାବନା ସାଧାରଣତଃ ୧୨ ଘଣ୍ଟା ପରେ କମିଯାଏ। ତଥାପି ଉଦ୍ଧାରକାରୀ ଦଳ ଆଶା ଛାଡ଼ିନାହାନ୍ତି ଏବଂ ନିଖୋଜ କ୍ରୁ ସଦସ୍ୟଙ୍କ ସନ୍ଧାନ ଜାରି ରଖିଛନ୍ତି। ଜାହାଜଟି କେଉଁ କାରଣରୁ ବୁଡ଼ିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖରାପ ପାଗ, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିଛି କି, ସେନେଇ ମାରିଟାଇମ୍ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି ।

## ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି...

ମଞ୍ଚରେ ବିତର୍କ କରିବା ପାଇଁ ଶ୍ରୀ ଘଡ଼େଇ ବିଜେଡି ପକ୍ଷରୁ ଆହ୍ୱାନ କରିଛନ୍ତି।

ସେହିପରି ଶ୍ରୀ ରାୟ କହିଛନ୍ତି ଯେ, ଏହି ବିଲ୍ ପାରିତ ହେବା ପରେ ରାଜ୍ୟସାରା ସମସ୍ତ ବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରତ୍ନଗର୍ଭା ଓଡ଼ିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡ଼ଯନ୍ତ୍ର କରାଯାଇଛି। ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ବିଜେପି ସାଂସଦ ଓ ନେତୃତ୍ୱଗଣ ଦାୟୀ। କେନ୍ଦୁଝର ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାରୁ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। କେବଳ ଓଡ଼ିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି। ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡ଼ିଶା ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାହିଁକି ଆଦାୟ କରି ପାରୁନାହିଁ ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟର ଉନ୍ନତି ପାଇଁ ବିନିଯୋଗ ହୋଇପାରିଥାନ୍ତା କିନ୍ତୁ ତାହା ନହୋଇ ରାଜ୍ୟବାସୀଙ୍କ କ୍ଷତି ହୋଇଛି। ଖଣିରୁ ସେସ୍ ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକି ଏ ସମ୍ପର୍କରେ ଆଲୋଚନା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। କିନ୍ତୁ ବିଜେପି ନିଜର ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ତାହା କରୁନାହିଁ। ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସେମାନେ ଭୁଲି ଯାଇଛନ୍ତି। ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଆଗାମୀ ଦିନରେ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ରାୟ କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Cuttack. I A. Chandrakala w/o Yogeswar Rao resident of Sutahat, Ps. Daragha Bazar, Cuttack declare that my actual name is A. Chandrakala, but in my Aadhaar & PAN card my name is recorded as N. Laxmi. I declare that A. Chandrakala and N. Laxmi is the same person. Henceforth I will be known as **A. Chandrakala** for all purpose.

**AFFIDAVIT**

By virtue of an affidavit sworn before Notary Public Bhubaneswar dated 21.09.2026. I Padmanava Swain, At-Padiapada,Po-Dolabadi,Dist-Bhadrak, Odisha-756114 declare that I have changed my name from Pawan Kumar Swain to Padmanava Swain. Henceforth, I shall be known as **PADMANAVA SWAIN** for all purposes.

**AFFIDAVIT**

By virtue of an affidavit sworn before The Notary Public, Rayagada, No.10072, dated. 22.08.2026, by Sri Sashi Bhusan Hans, aged about 46 years, S/o-Kshirasindhu Hans, Presently residing At- Kasturi Nagar, 9th Lane, House Hold No.027, Ward No-18, Rayagada, PO/PS/ Block/ Dist- Rayagada, Pin- 765001, Odisha, permanent resident of At-Sagunbhadi, PO-Chatiaguda, PS-Sinapali, Dist-Nuapada, Odisha, 766108, declare that I have changed the name of my daughter from Samiksha Sashi Bhusan Hans to Samiksha Subhansi Hans. Henceforth, she shall be known as **Samiksha Subhansi** Hans for all purposes.

**AFFIDAVIT**

By Virtue of an affidavit (SL NO-335 ,dtd-20.08.2026 )sworn before in The court of the Sub-Collector, Baripada, Mayurbhanj. I, Dhruba Charan Satpathy, of village- Rairangpur, ward no-7 ,PO/PS- Rairangpur, Dist. -Mayurbhanj, declare that my family including myself ,my wife namely sabita Satpathy and my elder son namely Hemanta Kumar satpathy use the SURNAME 'SATPATHY' . Henceforth, That All the Surname i.e. Dhruba charan Sathapathy and Dhruba charan Satpathy ,Sabita Sathapathy and Sabita Satpathy, Hemanta Kumar Sathapathy and Hemanta kumar Satpathy,Sumanta Kumar Sathapathy and Sumanta Kumar Satpathy are all belongs to one and same person for needful purpose.

S/D - DHRUBA CHARAN SATPATHY

**C.B.HIGHER SECONDARY SCHOOL**

Garhsanput, Kanas, Puri–752060

**URGENTLY REQUIRED**

Applications are invited for the post of Lecturer in HISTORY and ODIA(Guest faculty basis) having 55% above marks at PG level to the undersigned within 07 days of publication of this advertisement.

*Sd/-Principal-cum-Secretary CBHSS*

*chaudamauza.mahavidyalaya@gmail.com*

### ବନ୍ୟାର ପ୍ରକୋପ କମୁନି; ଲାଗିରହିଛି ତୁହାକୁତୁହା ବର୍ଷା

# ୧୦ ଦିନ ପରେ ବି ତଳିଆ ଅଞ୍ଚଳରୁ ପାଣି ଛାଡୁନି





ଆରଡ଼ି,୨୩।୮ (ସମିସ)

କୋଉଠି ଥିଲା ଏତେ ପାଣି ମାଡ଼ି ଆସିଲା ଯେ ଧ୍ୱଂସ କରିଦେଲା ପୂରା ଅଞ୍ଚଳକୁ। ନଷ୍ଟ କରିଦେଲା ବର୍ଷକର ଦାନାକୁ। ବୁଡ଼େଇ ମାରିଦେଲା ଲୋକଙ୍କ ସ୍ୱପ୍ନକୁ। ଉଜାଡ଼ିଦେଲା ସଜଡ଼ା ହୋଇଥିବା ଘରକୁ। ଚଳିତ ବନ୍ୟାର ପ୍ରକୋପ ଏତେ ପରିମାଣରେ ଥିଲା ଯେ ୧୦ ଦିନ ପରେ ବି ତଳିଆ ଅଞ୍ଚଳଗୁଡ଼ିକରୁ ପାଣି କମିବାର ନାଁ ଧରୁନି। ଏ ବର୍ଷ ପାଖକୁ ପାଖ ଲଗାତାର ତିନିଟି ବନ୍ୟା ଆସିବାରୁ ପାଣି କମିବାରେ ବହୁତ ବିଳମ୍ବ ହେଲାଣି। ଆଜି ବି ମୁଆଁ ଘୋଷରା ଓ ଭୂଇଁପୁର ଘୋଷରାରେ ୨ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ଶୀତଳପୁର ଓ ନାନ୍ଦପୁର ପଞ୍ଚାୟତର ପହଣା, ବାଙ୍କାମୁହାଁ ଓ ନାନ୍ଦପୁର ଏବଂ ସୁନ୍ଦରପୁର ପଞ୍ଚାୟତର ପାରିଡିହା ଏବେ ବି ଜଳମଗ୍ନ ଅଛି। ଚାଷ ଜମିରେ ଅଣ୍ଟେ ଅଣ୍ଟେ ପାଣି ଜମାହୋଇ ରହିଛି।

ଚଳିତ ବନ୍ୟା ଆରଡ଼ି ଅଞ୍ଚଳରେ ବହୁତ କ୍ଷତି ଘଟାଇଛି। ଆରଡ଼ି ଅଞ୍ଚଳରେ ମୁଖ୍ୟତଃ ଧାନ ଚାଷ କେବଳ ହୁଏ। ତାହା ପୁଣି କେବଳ ଶାରଦ ଚାଷ, ଯାହାକୁ ଖରିଫ୍ ଧାନ କୁହାଯାଏ। ଏ ଅଞ୍ଚଳର ଲୋକମାନେ ସେହି ଧାନକୁ ବର୍ଷକର ଦାନା ଭାବେ ମାନିଥା'ନ୍ତି। କିନ୍ତୁ ଏ ବର୍ଷର ତିନିଟି ବନ୍ୟା ସବୁ କିଛି ଛାର୍‌ଖାର୍ କରିଦେଲା। ଚାଷୀଙ୍କ ପାଖରେ ଆଉ ସମ୍ବଳ କି ବିହନ କି ସମୟ କିଛି ନାହିଁ। ଏହି ଅଞ୍ଚଳ ସମୁଦ୍ର ନିକଟବର୍ତ୍ତି ହୋଇଥିବାରୁ ଲୁଣି ଜୁଆର ମାଡ଼ିଯିବାର ଭୟ ଥିବାରୁ ଏଠାରେ ରବି ଧାନ ବା ଡାଲୁଅ ଚାଷ କେହି କରନ୍ତି ନାହିଁ। ଚାଷୀଙ୍କର ବର୍ଷକର ଆଶା ଧୂଳିସାତ୍ ହୋଇଗଲା। ସବୁ କ୍ଷତି ଆକଳନ କଲେ ଅଞ୍ଚଳବାସୀଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବାର ଲାଗୁଛି। ଏବେ ବି ସଡ଼କ ପଥରେ ଯୋଗାଯୋଗ ବିଚ୍ଛିନ୍ନ ଅଛି। ଲୋକମାନେ ଡାକ୍ତରଖାନାକୁ ଆସିପାରୁ ନାହାନ୍ତି। ଧାନ ତଳି ତ ବିଲରେ ଆଉ ନାହିଁ। ନଳକୂଅଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ପ୍ରଦୂଷଣ ନ ହେଲେ ପିଇବା ପାଣି ପାଇ ଉପଯୁକ୍ତ ନୁହେଁ। ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳରେ ସାପ କାମୁଡ଼ା ଆକ୍ରାନ୍ତ ବେଶୀ ଦେଖାଦେଇଛି। ନାନ୍ଦପୁର ପଞ୍ଚାୟତର ବାଙ୍କାମୁହାଁ ଗ୍ରାମ ପୂରା ପାଣିରେ ବୁଡ଼ିକି ରହିଛି। ଗ୍ରାମ୍ୟ ରାସ୍ତାଗୁଡ଼ିକ ଫାଟି ଆଁ କରିଛି। ସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ୨ ଦିନ ଲାଗିପାରେ। ସରକାର ଚାଷୀମାନଙ୍କର ସମ୍ପୂର୍ଣ୍ଣ ଋଣ ଛାଡ଼ କରିବା ସହ ଶୀଘ୍ର ଇନ୍‌ପୁଟ୍ ଦେବା ପାଇଁ ଦାବି ହେଉଛି। ମାଛ ଚାଷୀ ଓ ପରିବା ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଅନେକ ଦାବି ହେଉଛି।

■ ପେଟେପେଟେ ପାଣିରେ ବୁଡ଼ିଛି ଧାନ ବିଲ
■ ବନ୍ୟା ପ୍ରଭାବରେ ଅଞ୍ଚଳବାସୀ ସନ୍ତୁଳି ହେଲେଣି

ଏପଟେ ବନ୍ୟା ପ୍ରକୋପ କମି ନ ଥିବାବେଳେ ରବିବାର ସକାଳୁ ପୁଣି ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହି ଅବିରତ ବର୍ଷା ଆହୁରି ବିପଦ ବଢ଼େଇ ଦେଉଛି। ଲୋକମାନଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଛି। ବିଲରେ ଏତେ ପାଣି ଅଛି ଯେ ଚାଷୀମାନେ ତଳି ଦେଖିବାକୁ ବି ଯାଇପାରୁ ନାହାନ୍ତି। ପୁଣି ଯଦି ଲଘୁଚାପ ଓ ଉପର ମୁଣ୍ଡରେ ବର୍ଷା ହୁଏ, ଆହୁରି ପରିସ୍ଥିତି ଖରାପ ହେବ ଏଥିରେ ସନ୍ଦେହ ନାହିଁ। ଏପର୍ଯ୍ୟନ୍ତ ପ୍ରଥମ ବନ୍ୟାରେ ଘର ଭାଙ୍ଗିଥିବା ଲୋକଙ୍କୁ ପାଲ ଖଣ୍ଡେ ବି ମିଳିପାରି ନାହିଁ। ୧ ମାସ ଧରି ଲୋକେ ବନ୍ୟାରେ କାଳାତିପାତ କରୁଛନ୍ତି, କିନ୍ତୁ ସରକାର ରିଲିଫ୍ କି ଆର୍ଥିକ ସହାୟତା ଘୋଷଣା କଲେନାହିଁ। ଅଞ୍ଚଳବାସୀ ନବୀନ ସରକାର ବନ୍ୟା ସମୟରେ ଦେଉଥିବା ଆର୍ଥିକ ସାହାଯ୍ୟ କଥା ଏବେବି ମନେ ପକାଉଛନ୍ତି। ଏପର୍ଯ୍ୟନ୍ତ କୁଆଖିଆ-ଆରଡ଼ି ରାସ୍ତାରେ ହୋଇଥିବା ଘାଇ ପୋତାଯାଇ ନ ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଛି। ସରକାର କେବଳ ଚୁଡ଼ା ଓ ଗୁଡ଼ରେ ଅଟକି ରହିଛନ୍ତି। କେବଳ ଓଡ୍ରାଫ୍ ଡଙ୍ଗାରେ ବୁଲିକି ଫଟୋ ଉଠେଇବା ଛଡ଼ା ଆଉ କିଛି କରୁନାହାନ୍ତି। ବନ୍ୟା ମୁକାବିଲାରେ ସରକାରଙ୍କ ଆଶାନୁରୂପ ପ୍ରଦର୍ଶନ ନ ଥିବାରୁ ଅଞ୍ଚଳବାସୀ ବହୁତ ହଇରାଣ ଓ ହରକତ ହେଉଛନ୍ତି। ସରକାର ଯଥା ସମ୍ଭବ ସବୁ ସମସ୍ୟାକୁ ଆଖି ଆଗରେ ରଖି ଲୋକଙ୍କ ଦୁଃଖରେ ସହଭାଗୀ ହେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଦୋହଲି ଯାଇଛି ଗମନାଗମନ ଭିତ୍ତିଭୂମି

## ଚାରିଖଣ୍ଡ ବାଉଁଶରେ ଗେଙ୍ଗୁଟି ପାର୍ ହେଉଛନ୍ତି ଲୋକେ

ବାରିକପୁର,୨୩।୮ (ସମିସ): ଚଳିତ ବୈତରଣୀ ବନ୍ୟାରେ ଭଣ୍ଡାରିପୋଖରୀ ବ୍ଲକ୍‌ର ଗମନାଗମନ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭାବେ ଦୋହଲିଯାଇଛି। ବିଶେଷକରି ବନ୍ୟା ପରବର୍ତ୍ତୀ ଷୋଳମପୁର ପଞ୍ଚାୟତରେ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି। ସରପଞ୍ଚ ପରମାନନ୍ଦ ନାୟକଙ୍କ ସୂଚନା ମୁତାବକ, ପଞ୍ଚାୟତରେ ପାଖାପାଖି ୧୯ଟି ଗ୍ରାମ୍ୟ ରାସ୍ତା କଣ୍ଟି ଏସ୍କେପ ପାଣି ଦ୍ୱାରା ନଷ୍ଟ ହୋଇଛି। ତନ୍ମଧ୍ୟରୁ ମଣିନାଥପୁରଠାରେ ୪, ବନ୍ଧାଣଠାରେ ୨, ଷୋଳମପୁରଠାରେ ୬, ବରାହ ନୂଆପଡ଼ାଠାରେ ୩, ମୁଢ଼ାପଦାଠାରେ ୨ ଓ ବିରୋଳିଠାରେ ଦୁଇଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। କଂକ୍ରିଟ ରାସ୍ତା ତଳୁ ମାଟି ଧୋଇଯାଇଛି। ଅନେକ ସ୍ଥାନରେ ରାସ୍ତା ଶୂନ୍ୟରେ ଝୁଲିକି ରହିଥିବା ଦେଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗେଙ୍ଗୁଟି ନଦୀ ଉପରେ ଥିବା ପୁରୁଣା ପୋଲଟିର ଅର୍ଦ୍ଧାଧିକ ଭାଗ ବୈତରଣୀ ପାଣିରେ ଭାସିଯାଇଛି। ଫଳରେ ତିଖିଲିଆ ଗ୍ରାମବାସୀ ବିପଦମୁକ୍ତ ଯାତାୟାତରୁ ବଞ୍ଚିତ ହୋଇଛନ୍ତି। ଭଙ୍ଗା ପୋଲ ଉପରେ ଚାରିଖଣ୍ଡ ବାଉଁଶ ବନ୍ଧାହୋଇ ସେଥିରେ ବାଲିବସ୍ତା ପଡ଼ିଥିବାବେଳେ ଏହା ଉପରେ ଗ୍ରାମବାସୀ ବିପଦପୂର୍ଣ୍ଣ ଭାବେ ଗମନାଗମନ କରୁଛନ୍ତି। ସାଇକଲ ଓ ମୋଟରସାଇକଲ ଆରୋହୀମାନେ ବିରୋଳୀ ଓ ଆନନ୍ଦପୁର ଦେଇ ଗମନାଗମନ କରୁଥିବା ଜଣାପଡ଼ିଛି। ଏହାଛଡ଼ା ମୁଢ଼ାପଦାଠାରେ ମଧ୍ୟ ପୋଲ ଦବିଯାଇ ଗମନାଗମନରେ ବାଧା ସୃଷ୍ଟି କରିଛି। ଷୋଳମପୁର ପଞ୍ଚାୟତକୁ ଛାଡ଼ିଦେଲେ ବନ୍ଦାଳ ମଢ଼ିଆଳୀ, ଝୁଟଣା, ରହଣିଆ, ମାଳଦା, ନପଙ୍ଗ, କୋରିଗାଁ ପଞ୍ଚାୟତ ଅଞ୍ଚଳରେ ମଧ୍ୟ ରାସ୍ତାଘାଟ ପ୍ରଭାବିତ ହୋଇଛି। ପାଣି ସୁଅରେ କେଉଁଠି ପିଚୁ ଧୋଇଯାଇଛି ତ ପୁଣି କେଉଁଠି କଂକ୍ରିଟ ଉଠିଯାଇ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ, ତୁରନ୍ତ ରାସ୍ତା ମରାମତି ନ ହେଲେ ଅନେକ ସ୍ଥାନରେ ଗମନାଗମନ ପଥ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ତେଣୁ ଏହା ଉପରେ ବ୍ଲକ୍ ପ୍ରଶାସନ ସହିତ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଧୋଇଗଲା ଘୋଷରା ସଂଲଗ୍ନ ବାରିକ ବନ୍ଧ ନାଳ ରାସ୍ତା



ବାରିକପୁର,୨୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବୈତରଣୀ ନଦୀ କୂଳରେ ଅବସ୍ଥିତ ଝୁଟଣା ପଞ୍ଚାୟତର ଦାଦେଶ୍ୱର ଗ୍ରାମବାସୀଙ୍କ ପାଇଁ ଏବେ ଗମନାଗମନ ସମସ୍ୟା ଦେଖାଦେଇଛି। ଗାଁର ମୁଖ୍ୟ ରାସ୍ତାଟି ଚଳିତ ବନ୍ୟାରେ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ବାରିକ ବନ୍ଧ ନାଳ ଉପରେ ନିର୍ମିତ ଘୋଷରା ସଦୃଶ କଲ୍‌ଭର୍ଟ ନିକଟରେ ମାଟି ଧୋଇଯାଇଛି। ଫଳରେ ଶହଶହ ଲୋକ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ଚଳିତ ବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୬୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନାଳ ଉପରେ କଲ୍‌ଭର୍ଟ ନିର୍ମାଣ ହୋଇଥିଲା। ନାଳରେ ୪୪ଟି ହୋମ୍ ପାଇପ୍ ପଡ଼ି ଏହା ଉପରେ କଂକ୍ରିଟ୍ ରାସ୍ତା ନିର୍ମାଣ ହୋଇଥିଲା। ପରିତାପର ବିଷୟ କଲ୍‌ଭର୍ଟକୁ ସଂଯୋଗୀକରଣ ରାସ୍ତାଟି ସୁଦୀର୍ଘ ହୋଇ ନ ଥିଲା। କଲ୍‌ଭର୍ଟ ନିର୍ମାଣ ପରେ ଅତି ତରବରିଆ ଭାବେ ପୋଲ ମୁଣ୍ଡକୁ କ୍ଷୁଦ୍ର ରାସ୍ତାଟିଏ ସଂଯୋଗ କରି କାମଟିକୁ ସମ୍ପୂର୍ଣ୍ଣ କରାଯାଇଥିଲା। ଯାହାକି ବୈତରଣୀ ବନ୍ୟାରେ ଗୋଟିଏ ଅଂଶ ସମ୍ପୂର୍ଣ୍ଣ ଧୋଇଯାଇଛି। ବାରମ୍ବାର ବନ୍ୟାପାଣି ମାଡ଼ରେ ରାସ୍ତା ଏକପ୍ରକାର ଗର୍ତ୍ତରେ ପରିଣତ ହେଉଛି। ଗ୍ରାମବାସୀମାନେ ନିଜସ୍ୱ ପ୍ରଚେଷ୍ଟାରେ ମରାମତି କରୁଥିଲେ ମଧ୍ୟ ଏହା ଉପରେ ଚଳପ୍ରଚଳ କରିବା କଷ୍ଟସାଧ ହେଉଛି। ସାଇକଲ ଓ ମୋଟରସାଇକଲରେ ଲୋକେ ଏହି ପଥ ଦେଇ ମୁଖ୍ୟ ରାସ୍ତା ବୈତରଣୀ ନଦୀବନ୍ଧ ଉପରକୁ ଆସିପାରୁ ନାହାନ୍ତି। ଦାଦେଶ୍ୱର ଗୋଡ଼ା ଏକପ୍ରକାର ଜରାଜୀର୍ଣ୍ଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ଉକ୍ତ ଗାଁ ନୁହେଁ, ପଡ଼ୋଶୀ ଝୁଟଣା, ବନସ୍ତା, ବାବଲପୁର ଗ୍ରାମବାସୀମାନେ ମଧ୍ୟ ଯାତାୟାତ ପାଇଁ ହୀନସ୍ତା ହେଉଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବନ୍ୟା କମିଛି; ଦୁର୍ଦ୍ଦଶା ବଢ଼ିଛି



ଚାନ୍ଦବାଲି,୨୩।୮ (ସମିସ): ଚାନ୍ଦବାଲି ବ୍ଲକ୍‌ରେ ବନ୍ୟାଜଳର ପ୍ରଭାବ କିଛିମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ଏବେ ବି ସଙ୍ଗୀନ ରହିଛି। ଅନେକ ଅଞ୍ଚଳରେ ଘରଦ୍ୱାର, ଚାଷଜମି ଓ ଗୁହାଳ ନଷ୍ଟ ହୋଇଥିବାବେଳେ ଆବଶ୍ୟକ ସହାୟତା ଏପର୍ଯ୍ୟନ୍ତ ସମସ୍ତ ବିପନ୍ନଙ୍କ ନିକଟରେ ପହଞ୍ଚିପାରି ନ ଥିବା ଅଭିଯୋଗ ହୋଇଛି। ଚାନ୍ଦବାଲିର ସମାଜସେବୀ ତଥା କଂଗ୍ରେସ ନେତା ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ଘଟପୁର ପଞ୍ଚାୟତର ରତନି ଓ ଜୟନ୍ତୀ ଗ୍ରାମରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଦୁଇଟି ଟ୍ରାକ୍ଟରରେ ଚୁଡ଼ା, ଗୁଡ଼, ବିସ୍କୁଟ ଓ ଅନ୍ୟାନ୍ୟ ଆବଶ୍ୟକ ଖାଦ୍ୟସାମଗ୍ରୀ ନେଇ ସତ୍ୟାନନ୍ଦ ଓ ତାଙ୍କ ସହଯୋଗୀମାନେ ଗାଁରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ସହାୟତା ଯୋଗାଇଥିଲେ। ସହାୟତା ବଣ୍ଟନ ସମୟରେ ଜୟନ୍ତୀ ଗ୍ରାମରେ ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶାର ଚିତ୍ର ସାମ୍ନାକୁ ଆସିଥିଲା।

**ସହାୟତା ଯୋଗାଇଲେ ସମାଜସେବୀ**

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୁଇ ଦୁଇଟି ବନ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଗ୍ରାମର କେତେକ ପରିବାର ପାଖରେ ଏପର୍ଯ୍ୟନ୍ତ ସରକାରୀ ରିଲିଫ୍ ପହଞ୍ଚିନାହିଁ। ଜଣେ ବିପନ୍ନ କହିଥିଲେ, ବନ୍ୟା ପରଠାରୁ କୌଣସି ସହାୟତା ମିଳି ନ ଥିବାବେଳେ ଏବେ ଚୁଡ଼ା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିଛି। ଆଉ ଜଣେ ବିପନ୍ନଙ୍କ ଘରେ ଦୀର୍ଘ ସମୟ ଧରି ବନ୍ୟାଜଳ ରହିଥିବା ସତ୍ତ୍ୱେ ଆବଶ୍ୟକ ସହାୟତା ମିଳି ନ ଥିବା ଅଭିଯୋଗ କରାଯାଇଥିଲା। ଅନ୍ୟପକ୍ଷରେ, ଘଟପୁର ପଞ୍ଚାୟତର ଖୋର୍ଦ୍ଧାସାହି ଗ୍ରାମରେ ମଧ୍ୟ ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ବନ୍ୟା ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଏଠାରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା।

# କଣ୍ଟି ଆଁରେ ବିଲବାଡ଼ି ଛାର୍‌ଖାର୍




ବାରିକପୁର,୨୩।୮ (ସମିସ): ଚଳିତ ବର୍ଷ ବୈତରଣୀ ନଦୀରେ ଦେଖା ଦେଇଥିବା ତିନି ତିନିଟା ବନ୍ୟା ଚାଷୀ କୂଳକୁ ଘୋର୍ ବିପଦ ମୁହଁକୁ ଠେଲିଦେଇଛି। ବନ୍ୟା ପରେ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଖରିଫ୍ ଧାନ ଚାଷ ପାଇଁ ପଡ଼ିଥିବା ତଳି ଏକପ୍ରକାର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ପାଖରେ ଆଉ ବିହନ ନ ଥିବାବେଳେ ତଳି ପକାଇବା ସମୟ ମଧ୍ୟ ଅତିବାହିତ ହୋଇଯାଇଛି। ବ୍ଲକ୍‌ର ବନ୍ଦାଳ, ମଢ଼ିଆଳୀ, କୋରିଗାଁ, ରହଣିଆ, ଝୁଟଣା, ନପଙ୍ଗ, ଷୋଳମପୁର, ମାଳଦା ପ୍ରମୁଖ ପଞ୍ଚାୟତର ଚାଷୀମାନେ ବନ୍ୟାଜଳ ଦ୍ୱାରା ଅଧିକରୁ ଅଧିକ ପ୍ରଭାବିତ ହୋଇଛନ୍ତି। ବିଶେଷ କରି କଣ୍ଟି ଏସ୍କେପ୍ ପାଣିରେ ଧୋଇଯାଇଛି ସମସ୍ତ ଧାନ ତଳି। ପାଖାପାଖି ୫ ଦିନ ତଳି ପାଣିରେ ବୁଡ଼ି ରହିବା ଯୋଗୁଁ ସେଗୁଡ଼ିକ ପ୍ରାୟତଃ ପଚିଯାଇଛି। ଯଦିଓ କେଉଁଠି କେମିତି କିଛି ତଳି ପାଣି ଦାଉରୁ ଅଳ୍ପକେ ବର୍ତ୍ତିଯାଇଛି ତାକୁ ରୋଇବା ପାଇଁ ଏପଟେ ଅନେକ ଜମିରେ ଆଉ ମାଟି ନାହିଁ। କିଛି ଚାଷୀ ପଡ଼ୋଶୀ ପଞ୍ଚାୟତଗୁଡ଼ିକରୁ ଧାନତଳି କିଣି ରୋଇବା ପାଇଁ ମନସ୍ଥ କରିଥିଲେ ମଧ୍ୟ ଜମିକୁ ଦେଖି ହୋସ୍ ଉଡ଼ିଯାଇଛି।

**ଚାଷ ଜମିରୁ ମାଟି ଧୋଇନେଲା ବନ୍ୟାଜଳ**

ଏସ୍କେପ୍ ମୁହଁରେ ଥିବା ଚାଙ୍ଗୁଆ, ବାହାଣିଆ, ଜଳହରି, ଚତୁର୍ଭୁଜପୁର, ସାରଣା, ଶାସନ, ବିରୋଳି, ତିଖିଲିଆ, ବରାହ ନୂଆପଡ଼ା, ଖପୁରିଆପଦା ପ୍ରମୁଖ ଗ୍ରାମର ଅଧିକାଂଶ ଚାଷ ଜମିରୁ ମୂଳ ମାଟି ପାଣି ମାଡ଼ରେ ଭାସିଯାଇଛି। ବିଶେଷକରି ଯେଉଁ ଜମିଗୁଡ଼ିକ ବେଉଷଣ ସରିଥିଲା ସେଥିରେ ଏବେ ମାଟି ନାହିଁ। ଅନେକ ବିଲରେ ଗର୍ତ୍ତ ସୃଷ୍ଟି ହୋଇଛି। କିଛି ଜମିକୁ ସମତୁଲ କରିବା ପାଇଁ ଚାଷୀମାନେ ଚେଷ୍ଟା କରୁଥିବା ଦେଖାଯାଇଛି। ଜମିକୁ ପୁଣି ଚାଷ କରିବାକୁ ପଡ଼ିବ ବୋଲି ଚତୁର୍ଭୁଜପୁର ଗ୍ରାମର ଚାଷୀ ଭାଗିରଥି ପରିଡ଼ା କହିଛନ୍ତି। ସେହିଭଳି ସଦ୍ୟ ରୁଆ ଧାନ ଭାସି ଯାଇଥିବାବେଳେ ଜମିରେ ବାଲିଚରି ଯାଇଥିବା ଜଳହରି ଚାଷୀ ଅନନ୍ତ ସାମଲ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଅନେକ ଜମିରେ ପଡ଼ିଥିବା ତଳି ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ବୋଲି ମାଳଦା ଚାଷୀ କମଳାକାନ୍ତ ସାମଲ କହିଛନ୍ତି। ଦେଖିବାକୁ ଗଲେ ପାଣି ସୁଅରେ ମାଟି ଭାସି ଯାଇଥିବାବେଳେ ଅନେକ ଚାଷ ଜମିରେ ବାଲି ଓ ପଟୁ ଚଢ଼ିଯାଇଛି। ବନ୍ୟା ଦାଉରେ କ୍ଷୁଦ୍ର, ମଧ୍ୟମ, ନାମମାତ୍ର ଓ ଭାଗଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। ଚଳିତ ବର୍ଷ ଆଉ ଚାଷ ହେବ କି ନାହିଁ ତାକୁ ନେଇ ଅନେକ ଚାଷୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି।

## ୩ ବ୍ଲକ୍‌ର ୮୯ ବିଦ୍ୟାଳୟ ଛୁଟି

ଭଦ୍ରକ,୨୩।୮ (ସମିସ): ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା, ବନ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ପୁଣି ସୋମବାର ଜିଲ୍ଲାର ୩ଟି ବ୍ଲକ୍ ଭଦ୍ରକ, ଚାନ୍ଦବାଲି ଓ ତିହିଡ଼ିର ବନ୍ୟା ପ୍ରଭାବିତ ଅଞ୍ଚଳର ୮୯ଟି ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଅଭିଭାବକମାନଙ୍କୁ ପ୍ରଶାସନକୁ ସହଯୋଗ କରିବା ସହ ପିଲାମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଅନୁରୋଧ କରାଯାଇଛି। ଏତଦ୍‌ବ୍ୟତୀତ, ସମସ୍ତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କୁ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହିବା ସହ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ତୁରନ୍ତ ଦାୟିତ୍ୱ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ୟା ପୀଡ଼ିତଙ୍କ ପାଇଁ ଧୂଷୁରୀରେ ମାଗଣା ସ୍ୱାସ୍ଥ୍ୟ ଶିବିର




ଧୂଷୁରୀ,୨୩।୮ (ସମିସ): ବନ୍ୟା ବିପର୍ଯ୍ୟୟ ପରେ ପୀଡ଼ିତ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଉଦ୍‌ଘାଟନ କରିଥିବାବେଳେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ବିଡିଓ ବନବିହାରୀ ଦିହା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ବିଭାଗର ୧୪ଟି ଡାକ୍ତରୀ ଦଳର ଅଭିଜ୍ଞ ଚିକିତ୍ସକଙ୍କ ସମେତ ୩୫ ଜଣ ପାରାମେଡିକାଲ୍ କର୍ମଚାରୀ ଯୋଗଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରୁ ଆସିଥିବା ପ୍ରାୟ ୧ହଜାରରୁ ଅଧିକ ରୋଗୀଙ୍କୁ ଚିକିତ୍ସା କରାଯିବା ସହ ଆବଶ୍ୟକ ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି, ସେଥିପାଇଁ ମାଗଣା ଖାଦ୍ୟ ଓ ପାନୀୟର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଶିବିର ପରିଚାଳନାରେ ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ ସମେତ ବରିଷ୍ଠ ସାମ୍ବାଦିକ ବୈକୁଣ୍ଠ ସାହୁ, ଅନିରୁଦ୍ଧ ସାହୁ, ଅନ୍ତର୍ଯ୍ୟାମୀ ପତି, ମନୋଜ ଦାଶ, ରାଜେନ୍ଦ୍ର ସାହୁ, ସୁଶାନ୍ତ ନାୟକ, ଶ୍ରୀକାନ୍ତ ନାୟକ, ଅରବିନ୍ଦ ପତି ଓ ସୁଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ନାଳିଆ ନଦୀରେ ବଢୁଛି ପାଣି

# ଏବେ ବି ୫ ପଞ୍ଚାୟତର ୨୦ ଗାଁ ଜଳବନ୍ଦି




ତିହିଡ଼ି,୨୩।୮ (ସମିସ)

ଲଗାଣ ବର୍ଷା ହେଲେ ତିହିଡ଼ି ବ୍ଲକ୍ ଅନ୍ତର୍ଗତ ବାରୋ ପଞ୍ଚାୟତର କଲ୍ୟାଣୀ ନଗର ଗ୍ରାମରେ ପ୍ରଥମେ ବଢ଼ି ପାଣି ପ୍ରବେଶ କରେ। ପାଖରେ ଥିବା ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ପ୍ରତିବର୍ଷ ବନ୍ୟା ପାଣି ଗାଁକୁ ପଶିଯାଏ। ଚଳିତ ବର୍ଷ ବନ୍ୟାରେ ନାଳିଆ ନଦୀ, ସାଳନ୍ଦୀ ନଦୀରେ ଅଧିକ ଘାଇ ସୃଷ୍ଟି ହୋଇଛି। ମରାମତି ନ ହେବା ଫଳରେ ୫ଟି ପଞ୍ଚାୟତର ୨୦ ଗାଁ ଅଧିକ ଜଳବନ୍ଦି ହେଉଛନ୍ତି। ସେଗୁଡ଼ିକ ହେଲା- ବୋଡ଼କ, ବାରୋ, ତଳଗୋପବିନ୍ଧା, କାଁପଡ଼ା, ଶ୍ୟାମସୁନ୍ଦରପୁର, ବାରସର, ଗୋବିନ୍ଦପୁର ଆଦି ପ୍ରମୁଖ ୨୦ ଗାଁ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ।

କଲ୍ୟାଣୀ ନଗର ଗାଁରେ ବର୍ଷା ହେଲେ ଲୋକଙ୍କ ଜୀବନ ହୋଇଯାଏ ଦୁର୍ବିସହ। ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ବନ୍ୟା ପାଣି ସିଧାସଳଖ ଗାଁ ଭିତରକୁ ପଶି ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଦେଇଛି। ଏହାର ପ୍ରଭାବରେ ପ୍ରାୟ ୨୦ଟି ପରିବାର ଜଳବନ୍ଦି ହୋଇ ଦିନ କାଟୁଛନ୍ତି। ଘରୁ ବାହାରିବା, ପିଲାମାନଙ୍କ ସ୍କୁଲ ଯିବା, ରୋଗୀଙ୍କୁ ଚିକିତ୍ସା ପାଇଁ ନେବା ଭଳି ସାଧାରଣ କାମ ମଧ୍ୟ କଷ୍ଟକର ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବହୁବାର ପ୍ରଶାସନଙ୍କୁ କୂଳବନ୍ଧ ନିର୍ମାଣ ପାଇଁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ବନ୍ୟା ପାଣି ନୁହେଁ, ସୁରକ୍ଷିତ ଆଶ୍ରୟ, ଯାତାୟାତ ଓ ଆବଶ୍ୟକ ସାମାଜିକ ନିରାପତ୍ତାର ଅଭାବ ମଧ୍ୟ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଜଳବନ୍ଦି ଅବସ୍ଥାରେ ଥିବା ପରିବାର ଦୁଃଖରେ କାଳାତିପାତ କରୁଛନ୍ତି। ପ୍ରତିବର୍ଷ ଏଭଳି ଦୁର୍ଦ୍ଦଶା ଭୋଗୁଥିବା ଏହି ପରିବାରମାନେ ଏବେ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଓ ନାଳିଆ ନଦୀରେ ସ୍ଥାୟୀ କୂଳବନ୍ଧ ନିର୍ମାଣ ପାଇଁ ଦାବି କରିଛନ୍ତି। ରାତି ପାହିଲେ ମାସେ ହେବ। ବନ୍ୟା ବିପନ୍ନ ପାଣି ଘେରରେ ଦିନ କାଟୁଛନ୍ତି। ଥରେ ଅଧେ ଶୁଖିଲା, ରନ୍ଧା ଖାଦ୍ୟ ଦେଇ ବ୍ଲକ୍ ପ୍ରଶାସନ ଚୁପ୍ ହୋଇ ବସିଛି। ଗୋ-ଖାଦ୍ୟ ପ୍ରଦାନ କଥା ନ କହିବା ଭଲ। ଲଘୁଚାପ ଜନିତ ବର୍ଷା ରବିବାରଠାରୁ ଆରମ୍ଭ ହୋଇଥିବାରୁ ନଦୀକୂଳିଆ ଦୁଃଖକୁ ଦୁଇ ଗୁଣା ବଢ଼େଇଛି। ପ୍ରଶାସନ ପକ୍ଷରୁ କେବେ ରିଲିଫ୍ ପହଞ୍ଚିବ ଖାଲି ଦେଖିବାକୁ ବାକି ରହିଲା।

**ଭୋକଉପାସରେ କଟୁଛି ଦିନ**

# ବନ୍ୟା ପ୍ରସ୍ତୁତି ଓ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭଦ୍ରକ,୨୩।୮ (ସମିସ)



ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରବିବାର ଭଦ୍ରକରେ ଆୟୋଜିତ ଉଚ୍ଚସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲ୍ଲାରେ ଜାରି ରହିଥିବା ବନ୍ୟା ପରିସ୍ଥିତି ସହିତ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି, ତତ୍ପରତା ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ର ନାଥ ମିଶ୍ରଙ୍କ ସମେତ ବୈଠକରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗ୍ରହଣ କରାଯାଇଥିବା ବିସ୍ତୃତ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଏଥିମଧ୍ୟରେ ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୯୪୩୯ ୯୪୪୫୯, ଜିଲ୍ଲା ମନିଟରିଂ ଟିମ୍ ଗଠନ, ସର୍ବାଧିକ ପ୍ରଭାବିତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ରେ ୧୭ଟି ମେଡିକାଲ ରିଲିଫ୍ ସେଣ୍ଟର (ଏମ୍‌ଆର୍‌ସି) ଖୋଲାଯିବା, ୮ଟି ରାପିଡ୍ ରେସ୍ପନ୍ସ ଟିମ୍ (ଆର୍‌ଆର୍‌ଟି) ଓ ୧୦ଟି ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମ୍‌ଏଚ୍‌ୟୁ) ନିୟୋଜନ ଏବଂ ନିରନ୍ତର ଘରକୁ ଘର ସ୍ୱାସ୍ଥ୍ୟ ସର୍ଭେଲାନ୍ସ ଅନ୍ତର୍ଭୁକ୍ତ ରହିଛି।

ଚଳିତ ବର୍ଷ ବନ୍ୟା ପ୍ରଭାବରେ ଆଜି ସୁଦ୍ଧା ଭଦ୍ରକ ଜିଲ୍ଲାର ବରପଦା, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡ଼ି ବ୍ଲକ୍‌ର ୬୬ଟି ପଞ୍ଚାୟତ ଅଧୀନ ୨୪୪ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିରେ ପ୍ରାୟ ୨ ଲକ୍ଷ ୯ ୯ ହଜାର ୭୮୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି ସ୍ନେକ୍ ଭେନମ୍ (ଏଏସ୍‌ଭି), ବ୍ଲିଚିଂ ପାଉଡର, ହାଲୋଜେନ୍ ଟାବ୍‌ଲେଟ୍ ଏବଂ ଓଆର୍‌ଏସ୍ ମହଜୁଦ ରଖି ଆବଶ୍ୟକ ସ୍ଥଳେ ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ୍ ୧୬ଟି ସାପ କାମୁଡ଼ା ଘଟଣା ରିପୋର୍ଟ ହୋଇଥିବାବେଳେ ସାପ କାମୁଡ଼ା ନିରୋଧକ ଔଷଧ ଦିଆଯାଇଛି। ୧୦୭ଟି ଝାଡ଼ାବାନ୍ତି (ଏଡିଡି) ମାମଲା ଚିହ୍ନଟ ହୋଇଥିବାବେଳେ ୧୨ ହଜାର ୭୮୬ ଜଣଙ୍କୁ ସାମାନ୍ୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଛି। ଏଥିସହ ୫୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୨୧ଟି ପ୍ରସବ ସୁରକ୍ଷିତ ଭାବେ ସମ୍ପନ୍ନ ହୋଇଛି। ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସକ୍ରିୟ ରଖାଯାଇଛି। ଏପର୍ଯ୍ୟନ୍ତ ୨୧ଟି ରେକ୍ଟାଲ୍ ସ୍ୱାବ୍ ଓ ୬୫୭ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଛି। ବନ୍ୟା ପରିସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌ର ସକ୍ରିୟ, ସମନ୍ୱିତ ଓ ତ୍ୱରିତ ପଦକ୍ଷେପକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରଭାବିତ ଅଞ୍ଚଳରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ରଖିବା, ସଠିକ୍ ସମୟରେ ଚିକିତ୍ସା ସହାୟତା ପହଞ୍ଚାଇବା ଏବଂ ରୋଗ ନିରୀକ୍ଷଣକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ୟା ମୁକାବିଲା ଓ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପକୁ ଅଧିକ ବ୍ୟାପକ କରିବା ପାଇଁ ଜାତୀୟ ଆୟୁଷ ମିଶନ୍ ଅଧୀନରେ କାର୍ଯ୍ୟରତ ଆୟୁଷ ମେଡିକାଲ ଅଫିସରମାନଙ୍କୁ ସକ୍ରିୟ ଭାବେ ସାମିଲ୍ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

■ ଖୁଦୁରୁକୁଣୀ ଓଷାର ପ୍ରଥମ ପାଳିରେ ଅଘଟଣ

# ନଦୀରେ ବୁଡ଼ି ଜଣେ ଯୁବତୀ ମୃତ; ଅଳ୍ପକେ ବର୍ତ୍ତିଗଲେ ୩





**ଭଦ୍ରକ, ୨୩।୮ (ସମିସ):** ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ନଦୀକୁ ଯୁବତୀମାନେ ଗାଧୋଇବାକୁ ଯାଇଥିବାବେଳେ ଏକ ଦୁଃଖଦ ଘଟଣା ଘଟିଯାଇଛି। ରବିବାର ସକାଳେ ୪ ଜଣ ଝିଅ ନଦୀକୁ ଯାଇଥିବାବେଳେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୩ ଜଣ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ନାଥସାହି ଗାଁର ୪ ଜଣ ଯୁବତୀ ରବିବାର ସକାଳେ ଖୁଦୁରୁକୁଣୀ ପୂଜା ପାଇଁ ନିକଟସ୍ଥ ରେବ ନଦୀଘାଟକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଶୌଚ ହେବା ସମୟରେ ଉକ୍ତ ୪ ଜଣଙ୍କର ପାଣିରେ ଗୋଡ଼ ଖସି ଯାଇଥିଲା। ସେମାନଙ୍କ ମଧ୍ୟରୁ ନାଥସାହିର ଅଙ୍କିତା ନାଥ (୧୪), ରାଧାରାଣୀ ନାଥ (୧୪), ଶୁଭଶ୍ରୀ ନାଥ (୧୫) ନିଜ ନିଜ ମଧ୍ୟରେ ହାତ ଓ ଲୁଗାପଟା ଧରାଧରି ହୋଇ ଅଳ୍ପକେ ରକ୍ଷା ପାଇଥିବାବେଳେ ଚକ୍ରଧର ନାଥଙ୍କ ଝିଅ ଇପ୍ସିତା ନାଥ (୧୮) ନଦୀରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଶତାଧିକ ଗ୍ରାମବାସୀ ରୁଣ୍ଡ ହେବା ସହ ଇପ୍ସିତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ ଲୋକ ନଦୀରେ କିଛି ଦୂରରେ ଇପ୍ସିତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଇପ୍ସିତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପ୍ରଧାନଶିକ୍ଷକ ଏମ୍‌ଡି ଅଜମତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଧାମନଗର,୨୩।୮ (ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ ପଠାନ ମହଲ୍ଲାଠାରେ ଶିକ୍ଷାନୁଷ୍ଠାନ ମଦ୍ରାସା ହବିବିୟା କୁଦୁସିଆର ପ୍ରଧାନଶିକ୍ଷକ ଏମ୍‌ଡି ଅଜମତ୍ ଅଲ୍ଲୀଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏମ୍‌ଡି ସାହିଦ ରଜା ହବିବିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଡ଼ୋଶୀ ବହୁଦରଡ଼ା ମଦ୍ରାସାର ସହକାରୀ ଶିକ୍ଷକ ତଜମୁଲ ଖାନ ଆୟୋଜିତ ସଭାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଦୋବଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ୍ ହୋସେନ ଖାନ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମଦ୍ରାସାର ପ୍ରତିଷ୍ଠାତା ଗୋଲାମ ଜିଲାନି ହବିବି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧାମନଗର ସାଧନ କେନ୍ଦ୍ରସ୍ତରୀୟ ସଂଯୋଜକ ଏମ୍‌ଡି ମୋଜାଫର ହୋସେନ, ଅନ୍ୟତମ ଅତିଥି ଭାବେ ଭଦ୍ରକ ଜିଲ୍ଲା ମଦ୍ରାସା ଶିକ୍ଷକ ସଂଘର ସମ୍ପାଦକ ତଥା ଶିକ୍ଷକ ସେକ୍ ଆଫତାବ ଆଲାମ, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ଆଖପାଖ ଅଞ୍ଚଳର ମଦ୍ରାସା ଶିକ୍ଷକ ସେକ୍ ଗୋଲାମ ମୁସ୍ତାଫା, ଏମ୍‌ଡି ଖଲିକୁର ରହେମାନ, ସେକ୍ ନିୟାମାତୁଲ୍ଲା, ସେକ୍ ଫାରୁକ୍, ଶାହା ମମ୍‌ତାଜ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ପ୍ରଧାନଶିକ୍ଷକ ଅଜମତ୍ ସାର୍‌ଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା, ସିଆର୍‌ସିସି, ସାମ୍ବାଦିକ ଓ ଅନ୍ୟ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଛି। ଏଥିରେ ସହକାରୀ ଶିକ୍ଷକ ସେକ୍ କୁତୁବୁଦ୍ଦିନ, ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମବାସୀ ମହମ୍ମଦ ସାଦିକ୍ ଓ ଏସ୍‌ଏଚ୍‌ଜି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନର୍ଗିସ୍‌ଆରା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଭଦ୍ରକାଳୀ ସାପ୍ତାହିକ ବେଦପାଠଶାଳା ଉଦ୍‌ଘାଟିତ



**ଭଦ୍ରକ,୨୩।୮ (ସମିସ):** ପବିତ୍ର ଭଦ୍ରକାଳୀ ପୀଠରେ ସାପ୍ତାହିକ ରବିବାସରୀୟ ବେଦପାଠଶାଳା ଓଡ଼ିଶା ବ୍ରାହ୍ମଣ ମହାସଂଘ ଆନୁକୂଲ୍ୟରେ ଜିଲ୍ଲା ସଭାପତି ଆଚାର୍ଯ୍ୟ ଚିନ୍ମୟ ମହାରାଜଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଓ ମାତୃଭକ୍ତ ଅଶୋକ ପୁହାଣ ହିନ୍ଦୁଧର୍ମ ଓ ରାଷ୍ଟ୍ରର ସୁରକ୍ଷା ପାଇଁ ବ୍ରାହ୍ମଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ସୂଚନା ଦେଇ ବେଦପାଠଶାଳାର ପରିଚାଳନା ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କରମଲା ଆଶ୍ରମର ସ୍ୱାମିଜୀ ପୂଜ୍ୟ ନୀଳାମ୍ବର ଦାସ ମହାରାଜ ଉଦ୍‌ଘାଟନୀ ଭାଷଣରେ ହଜାରେ ବର୍ଷର ପରାଧୀନତା ଯୋଗୁଁ ଭାରତରେ ସୃଷ୍ଟି ହୋଇଥିବା ଜାତିଗତ ବିଭେଦକୁ ବ୍ରାହ୍ମଣମାନେ ଦୂର କରିପାରିବେ ବୋଲି କହିଥିଲେ। ବ୍ରାହ୍ମଣ ମହାସଂଘର ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ବେଦବିଦ୍ୟାର ମହତ୍ତ୍ୱ ଏବଂ କେନ୍ଦୁଝରର ଉପସଭାପତି ପଣ୍ଡିତ ମଧୁସୂଦନ ମିଶ୍ର ବେଦପାଠଶାଳାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଶ୍ରୀକୃଷ୍ଣପ୍ରସାଦ ଦୀକ୍ଷିତ, ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଗୀତାଚାର୍ଯ୍ୟ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ଆଇନଜୀବୀ ଭରତ ଚନ୍ଦ୍ର ମିଶ୍ର, ଭଗବାନ୍ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ଯୋଗାଚାର୍ଯ୍ୟ ରାଜେନ୍ଦ୍ର ନାରାୟଣ ପାଢ଼ୀ, ମନ୍ଦରଧର ଦୀକ୍ଷିତ ପ୍ରମୁଖ ବ୍ରାହ୍ମଣ ସଂଗଠନ, ବେଦପାଠ ପରମ୍ପରା ଓ ଭଦ୍ରକାଳୀପୀଠ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବେଦପାଠ ପରେ ଉପସଭାପତି ବିଭୂତି ନାରାୟଣ ତ୍ରିପାଠୀ ସ୍ୱାଗତ କରିବା ପରେ ମହାସଂଘର ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ ବରପଦାଠାରେ ପ୍ରତିଷ୍ଠିତ ବୈଦିକ ବିଦ୍ୟାପୀଠମ୍‌ର ଏକ ସାପ୍ତାହିକ ଶାଖା ଭାବରେ ମା' ଭଦ୍ରକାଳୀ ପୀଠରେ ବେଦପାଠଶାଳା ପ୍ରତି ରବିବାରରେ ସଞ୍ଚାଳିତ ହେବାର ସୂଚନା ଦେଇ ଉପଯୁକ୍ତ ବିଜ୍ଞ ବ୍ରାହ୍ମଣମାନଙ୍କୁ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ଶେଷରେ ବେଦାଚାର୍ଯ୍ୟ ସଞ୍ଜୟ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ

## ବ୍ୟବଚ୍ଛେଦ ରିପୋର୍ଟ ଅପେକ୍ଷାରେ ତିହିଡ଼ି ପୁଲିସ

**ଦୋଳସାହି,୨୩।୮ (ସମିସ):** ତିହିଡ଼ି ଥାନା ଅଧୀନ ତାଳପଦା ଗାଁର ଜଣେ ଯୁବକଙ୍କ ମୃତଦେହ ତିହିଡ଼ି ମିର୍ଜାପୁର ଗ୍ରାମରୁ ଉଦ୍ଧାର ହୋଇଥିଲା। ତେବେ ଯୁବକଙ୍କ ମୃତ୍ୟୁକୁ ଇତିମଧ୍ୟରେ ପ୍ରାୟ ୧୫ଦିନ ବିତିଯାଇଥିଲେ ମଧ୍ୟ ତିହିଡ଼ି ପୁଲିସ ଘଟଣା ଉପରୁ ପରଦା ହଟାଇବାକୁ ସମର୍ଥ ହୋଇପାରିନି। ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ ତା'ର ଖିଅ ପୁଲିସ ଖୋଜୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଯାହାକୁ ନେଇ ମୃତକଙ୍କ ପରିବାରରେ ଅସନ୍ତୋଷ ଦେଖାଦେଇଛି। ପୁଲିସ ତଦନ୍ତ ଆଳରେ ଘଟଣାକୁ ବିଳମ୍ବ କରାଇ ଚାଲିଥିବାବେଳେ ପ୍ରକୃତ ଘଟଣା କ'ଣ ସେନେଇ ଲୋକେ ଅନ୍ଧାରରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ତାଳପଦା ଗାଁର ଭରତଚନ୍ଦ୍ର ଦାସ ତିହିଡ଼ିରେ କେବୁଲ କାର୍ଯ୍ୟ କରିବା ସହିତ ପାତ୍ରସାହିରେ ଘରଭଡ଼ା ନେଇ ରହୁଥିଲେ। ତେବେ ଗତ ୧୫ଦିନ ତଳେ ଅପରାହ୍ଣରେ ପୁଲିସ କୌଣସି ସୂତ୍ରରୁ ଭରତଙ୍କ ମୃତ୍ୟୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ତାଙ୍କ ବେକରେ ଚିହ୍ନ ଥିବାବେଳେ ତାଙ୍କ ମୃତଦେହ ଘର ଦ୍ୱାରର କବାଟ ସେପାଖରେ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଯାହାକି ଯୁବକଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ମୃତ ଭରତଙ୍କ ମାଆ ଲକ୍ଷ୍ମୀପ୍ରିୟା ଦାସ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ସେହିପରି ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ଓ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। କେବେ ଆସିବ ବ୍ୟବଚ୍ଛେଦ ରିପୋର୍ଟ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଶ୍ରାଦ୍ଧବାର୍ଷିକୀରେ ବନ୍ୟାପୀଡ଼ିତଙ୍କୁ ବସ୍ତ୍ର ବଣ୍ଟନ



**ଅସୁରାଳି,୨୩।୮ (ସମିସ):** ଶଙ୍କର ପ୍ରସାଦ ଦାସଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅର୍ଜୁନପୁର ପଞ୍ଚାୟତର ମମାଦୁଲାଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଳବନ୍ଦି ଓ ଅସହାୟ ଅବସ୍ଥାରେ ଥିବା ୫୦ରୁ ଅଧିକ ବନ୍ୟାପୀଡ଼ିତଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ସ୍ୱର୍ଗତ ଶଙ୍କର ପ୍ରସାଦ ଦାସ କେବଳ ଜଣେ କର୍ତ୍ତବ୍ୟନିଷ୍ଠ ଚିକିତ୍ସକ ନ ଥିଲେ, ବରଂ ଜନସେବାକୁ ସେ ଆପଣାର ପରମ ଧର୍ମ ଭାବେ ଗ୍ରହଣ କରିଥିଲେ। ରୋଗୀସେବା ପ୍ରତି ତାଙ୍କର ସମର୍ପଣ ଓ ନିଃସ୍ୱାର୍ଥପର ମନୋଭାବ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ଜଣେ ଜନପ୍ରିୟ ଓ ଶ୍ରଦ୍ଧେୟ ବ୍ୟକ୍ତିତ୍ୱ ଭାବେ ଗଢ଼ିତୋଳିଥିଲା। ସେ ଅର୍ଥ ଅପେକ୍ଷା ଜୀବନ ବଞ୍ଚାଇବାକୁ ପ୍ରାଥମିକତା ଦେଉଥିଲେ। ଦିନ ହେଉ କି ରାତି, ଗରିବ କି ଧନୀ ଯେକୌଣସି ବିପଦ ସମୟରେ ରୋଗୀଙ୍କ ଡକରାରେ ସେ ତୁରନ୍ତ ପହଞ୍ଚି ଚିକିତ୍ସା ଯୋଗାଇ ଦେଉଥିଲେ। ଆର୍ଥିକ ଅନଟନ ଯୋଗୁଁ ଯେପରି କେହି ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ସେ ସଦା ସଚେତନ ଥିଲେ। ଅନେକ ଅସହାୟ ଓ ଗରିବ ରୋଗୀଙ୍କୁ ସେ ବିନା ପାରିଶ୍ରମିକରେ ଚିକିତ୍ସା କରିବା ସହ ନିଜଆଡୁ ଔଷଧ ମଧ୍ୟ ଯୋଗାଇ ଦେଉଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରତିକୂଳ ପରିସ୍ଥିତିରେ ବିପନ୍ନଙ୍କ ସେବା କରିବା ହିଁ ସ୍ୱର୍ଗତ ଶଙ୍କରପ୍ରସାଦ ଦାସଙ୍କ ପ୍ରତି ସଚ୍ଚା ଶ୍ରଦ୍ଧାଞ୍ଜଳି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ। ବସ୍ତ୍ର ପାଇବା ପରେ ସ୍ଥାନୀୟ ବନ୍ୟାପୀଡ଼ିତମାନେ କୃତଜ୍ଞତା ପ୍ରକାଶ କରିବା ସହ ଏହି ସାମାଜିକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ଶ୍ରୀଧର ସାହୁ, ସମାଜସେବୀ ରମେଶ ବେହେରା, ଅନ୍ୟମାନଙ୍କ ମଧ୍ୟରେ ରତିକାନ୍ତ ନାୟକ, ଅନନ୍ତ ସାହୁ, ସନ୍ତୋଷ ରାୟ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ ସ୍ୱର୍ଗତ ଦାସଙ୍କ ସୁପୁତ୍ର ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ।

# ସର୍ବଭାରତୀୟ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ




**ଭଦ୍ରକ,୨୩।୮ (ସମିସ):** ସର୍ବଭାରତୀୟ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଟାଉନ୍ ହଲ୍‌ରେ ରବିବାର ପାଳନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ପରିବାର ଓ ଜନକଲ୍ୟାଣ ମନ୍ତ୍ରୀ ମୁକଶେ ମହାଲିଙ୍ଗ ମୁଖ୍ୟ ଅତିଥି ଏବଂ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପ୍ରତାପ ପଣ୍ଡାଙ୍କ ଭଳି ନିର୍ଭିକ ଶ୍ରମିକ ନେତା ସମଗ୍ର ଭାରତ ବର୍ଷରେ ବିରଳ ବୋଲି କହିଥିଲେ। ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାରତୀୟ ମଜଦୂର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇଥିଲେ। ବିଜୟ ମିଶ୍ରଙ୍କ ସଞ୍ଚାଳନରେ ସଭା ଅନୁଷ୍ଠିତ ହୋଇଥିଲା।

ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଗତ ୮ ତାରିଖଠାରୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଇଥିଲା। ବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇ ସେମାନଙ୍କୁ ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବନେତା ସୁରେଶ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଇସ୍ମିତା ମହାନ୍ତି ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବି.କେ. ଷ୍ଟିଲ୍, ଖୁଣ୍ଟୁଣି, ଡିସିଏଲ୍, ଓରିକ୍ଲିନ୍, ଆଏର୍‌ସି, ଧାମରା ବନ୍ଦର କର୍ମଚାରୀ ସଂଘ, ଅଲ୍ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଆଶାକର୍ମୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍, ପାଚିକା ସଂଘ, ସିଆର୍‌ପିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶାନ୍ତନୁ ମହାପାତ୍ର, ମୁକ୍ତିକାନ୍ତ ସାହୁ, ଅରୁଣୋଦୟ ଖିଲାର, ହିମାଂଶୁ ନାୟକ, ପ୍ରତାପ ପଣ୍ଡାଙ୍କ ପତ୍ନୀ ସଞ୍ଜୁଲତା ଦାଶ, ବିକାଶ ସାମଲ, ରାମଚନ୍ଦ୍ର ରାଉତ, ସରପଞ୍ଚ ଅମୂଲ୍ୟ ନାୟକ, ସନ୍ଧ୍ୟାରାଣୀ ପହି, ଜ୍ୟୋତିପ୍ରକାଶ ଦାସ, ରବି ସାହୁ, ରାଜୀବ ସାମଲ, ରାକେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭା ସମ୍ମାନରେ ବସନ୍ତ କୁମାର ସାହୁ, ରାଜେନ୍ଦ୍ର ମହାନ୍ତି, ନୃସିଂହ ସାହୁ, ନିରଞ୍ଜନ ସ୍ୱାଇଁ, ଇଂ. ସୁବ୍ରତ ମହାପାତ୍ର, ମିନତୀ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ଣରେ ବିଷ୍ଣୁପୁର ଛକଠାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେଶନାଥ ଧଳ, ଯୋଗେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗପବହି 'ମାଟି ପ୍ରେମ' ଲୋକାର୍ପିତ



**ବାରିକପୁର,୨୩।୮ (ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀ ରୋଡ୍ ସରସ୍ୱତୀ ଶିଶୁ ମନ୍ଦିରଠାରେ ନବଘନ ପଣ୍ଡା ସ୍ମାରକୀ ସମ୍ମାନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଭା ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଶାସକ ଗୟାଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅଜୟ ନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. କ୍ଷୀରୋଦ ସାମଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀରଞ୍ଜନ ନାୟକ, ଶିକ୍ଷାବିତ୍ ଶିବ ଚରଣ ମାଝୀ ଯୋଗଦେଇ ସମାଜ କଲ୍ୟାଣ ନିମନ୍ତେ ଆବଶ୍ୟକ ଶିକ୍ଷା ଓ ସାହିତ୍ୟର ଦିଗ ଉପରେ ଆଲୋଚନା କରିଥିଲେ। ଉତ୍ସବ ଅବସରରେ ଶିଶୁ ସାହିତ୍ୟିକ ଗବେଷକ ଡ. ମନୀନ୍ଦ୍ର ମହାନ୍ତିଙ୍କୁ 'ନବଘନ ପଣ୍ଡା ସ୍ମୃତି ଶିକ୍ଷା ଓ ସାହିତ୍ୟ ସମ୍ମାନ' ଏବଂ 'ମୋ ପାଠାଗାର' ପ୍ରତିଷ୍ଠାତା ରାଜ କିଶୋର ମହାପାତ୍ରଙ୍କୁ 'ନବଘନ ପଣ୍ଡା ପାଠକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ସରସ୍ୱତୀ ପ୍ରକାଶନ ଦ୍ୱାରା ପ୍ରକାଶିତ ସୁରଞ୍ଜନ ପଣ୍ଡାଙ୍କ 'ମାଟିପ୍ରେମ' ଗଳ୍ପ ସଂକଳନ ପୁସ୍ତକ ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ବାରିକ ସ୍ୱାଗତ ଭାଷଣ, ଆବାହକ ପ୍ରକାଶ ମହାପାତ୍ର ଅତିଥି ପରିଚୟ, ସୁରଞ୍ଜନ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ଓ ଧନେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶିଷ୍ଟ ସମାଜସେବୀ ଭାସ୍କର ତ୍ରିପାଠୀଙ୍କ ପରଲୋକ

**ଭଦ୍ରକ,୨୩।୮ (ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଗୁଆମାଳ ଗାଁର ବିଶିଷ୍ଟ ସମାଜସେବୀ, ଧର୍ମପ୍ରାଣ ବ୍ୟକ୍ତି ତଥା ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା।



ସେ ଗତ କିଛିଦିନ ହେବ ବାୟସାଧିକ ଅସୁସ୍ଥତାରେ ପୀଡ଼ିତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେ ରାଜସ୍ୱ ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରୁ ଅବସର ନେବା ପରେ ଗୁଆମାଳ ଅଞ୍ଚଳରେ ନିଜର ବହୁମୂଲ୍ୟ ଜମି ଦାନ କରି ବହୁବିଧ ଉନ୍ନୟନମୂଳକ କାର୍ଯ୍ୟ ବିଗ୍ରେଡ୍ ସ୍କୁଲ, ସଙ୍ଗୀତ ମହାବିଦ୍ୟାଳୟ, ହୋମିଓପାଥି ଡାକ୍ତରଖାନା, ବୀଣାପାଣି ସଂସ୍କୃତ ମହାବିଦ୍ୟାଳୟ ଓ ମାନିନୀ ସ୍ମୃତି ପାଠାଗାର ଆଦି ପ୍ରତିଷ୍ଠା କରି ବେଶ୍ ସୁନାମ ଅର୍ଜନ କରିଥିଲେ। ସେହିଭଳି ନିୟମିତ ଭାବେ ଅଞ୍ଚଳର ଗରିବଗୁରୁବାଙ୍କୁ ତାଙ୍କ ପେନ୍‌ସନ୍ ଟଙ୍କାରୁ କିଛି ଅର୍ଥ ଦେଇ ସର୍ବଦା ସାହାଯ୍ୟ କରି ଆସୁଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାଁ ଗୁଆମାଳ ବାସଭବନ ପରିସରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ। ବଡ଼ପୁଅ ନୋଟାରୀ ଆଡ୍‌ଭୋକେଟ୍ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# 'ନିଶା ନିବାରଣ ଭାରତ' ଅଭିଯାନ କାର୍ଯ୍ୟକ୍ରମ

**ବାରିକପୁର,୨୩।୮ (ସମିସ):** ଭଣ୍ଡାରିପୋଖରୀସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ 'ନିଶା ମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସଞ୍ଚାଳିକା ବିକେ ସରସ୍ୱତୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମହାନ୍ତି, ବିକେ ଅଶୋକ ଭାଇ, କିଶୋର ଭାଇ, ଶିକ୍ଷକ ଧନେଶ୍ୱର ସାହୁ, ନରେନ୍ଦ୍ର ସେଠୀ, ଗାୟତ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ଶତପଥୀ, ମଧୁସ୍ମିତା ପରିଡ଼ା, ଦୀପ୍ତିପ୍ରଭା ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅରେଇକଣା ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପୁଷ୍ପକ ଚନ୍ଦ୍ର ଭାରତୀ, ଯୁବ ସାମ୍ବାଦିକ ଆକାଶ ଆଦିତ୍ୟ ବେହେରା, ଶିକ୍ଷକ ଚକ୍ରଧର ସାହୁ, ଜ୍ୟୋତିର୍ମୟୀ ଜେନା, ମାନସ ସାମଲ ପ୍ରମୁଖ ଉପସ୍ଥିତ ରହି ନିଶା ନିବାରଣ ବିଷୟରେ ମତ ଦେଇଥିଲେ।

# ଜିଲ୍ଲାର ବନ୍ୟା ସମୀକ୍ଷା କଲେ ମନ୍ତ୍ରୀ ରବିନାରାୟଣ ନାଏକ






ଭଦ୍ରକ,୨୩।୮ (ସମିସ)

ରବିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ବନ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ବୈଠକରେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସିଡିଓ ତଥା ଇଓ ଜିଲ୍ଲା ପରିଷଦ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବୈତରଣୀ, ସାଳନ୍ଦୀ, ଆଖୁଆପଦା ନଦୀର ଜଳସ୍ତର, ପ୍ରଭାବିତ ଗ୍ରାମ, ବନ୍ଧ, ବ୍ରିଜ୍, କଲ୍‌ଭର୍ଟ, ଆଶ୍ରୟସ୍ଥଳୀ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପଶୁ ଚିକିତ୍ସା, ଚାଷ କ୍ଷୟକ୍ଷତି, ରାସ୍ତା ଓ ବିଦ୍ୟୁତ୍ ପୁନଃସ୍ଥାପନ ଉପରେ ଆଲୋଚନା ହୋଇଛି। ଭବିଷ୍ୟତରେ ବନ୍ୟା ରୋକିବା ପାଇଁ ନଦୀ, ଡ୍ରେନ୍‌ର ସୁବ୍ୟବସ୍ଥା ଓ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପୂର୍ବରୁ ମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣି ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ ଆଶ୍ୱାସନା ଦେଇଛନ୍ତି। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲ୍‌ଦାର ଉପସ୍ଥିତ ଥିଲେ।

**ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

# ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ଦାବି

ବାରିପଦା, ୨୩।୮ (ସମିସ)

ରାଜ୍ୟରେ ସାନ୍ତାଳୀ ଭାଷା, ସାହିତ୍ୟ ଓ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ରବିବାର ଭୁବନେଶ୍ୱରସ୍ଥ ଗୋଦାବରୀ ସାହିତ୍ୟ ସଂସଦ ଭବନରେ ଦିନିକିଆ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସାନ୍ତାଳୀ ଭାଷା ଓ ଶିକ୍ଷା ସମନ୍ୱୟ କମିଟି ଭୁବନେଶ୍ୱର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାନ୍ତାଳୀ ଭାଷାବିତ୍, ଗବେଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ୨୦୨୩ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଏକ୍ସପର୍ଟ କମିଟିର ରିପୋର୍ଟ ସରକାରଙ୍କଠାରେ ଦାଖଲ କରାଯାଇଥିଲେ ମଧ୍ୟ ଏହାର ପଦକ୍ଷେପ ଗ୍ରହଣ କରିବାରେ ସରକାର ବିଳମ୍ବ କରୁଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜାତୀୟ ଶିକ୍ଷାନୀତି- ୨୦୨୦ ପ୍ରଚଳନ କରି ଆବଶ୍ୟକ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ପୁସ୍ତକ ପ୍ରସ୍ତୁତ କରି ମୁଦ୍ରଣ କରିଛନ୍ତି। ଅଦ୍ୟାବଧି ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାର ପାଠ୍ୟପୁସ୍ତକ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ପ୍ରସ୍ତୁତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପୁରୁଣା ସାନ୍ତାଳୀ ପାଠ୍ୟପୁସ୍ତକ ମଧ୍ୟ ସମ୍ପୃକ୍ତ ବିଦ୍ୟାଳୟରେ ନିୟମିତ ବଣ୍ଟନ କରାଯାଉନାହିଁ। ସାନ୍ତାଳୀ ଏକ ଆଦିବାସୀ ଭାଷା ହୋଇଥିଲେ ମଧ୍ୟ ଏହା ସମ୍ବିଧାନ ସ୍ୱୀକୃତ ଭାଷା ଅଟେ ଓ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ମାତୃଭାଷା ଅଟେ। ସରକାରଙ୍କ ପ୍ରଚଳିତ ବିଧି ବ୍ୟବସ୍ଥା ନିୟମାନୁସାରେ ସାନ୍ତାଳୀ ଭାଷା ଉନ୍ନତି ପାଇଁ ଯୋଗ୍ୟ ବିବେଚିତ ଅଟେ। ଶିକ୍ଷା କ୍ଷେତ୍ରରେ ସାନ୍ତାଳୀ ଭାଷାର ପ୍ରଚଳନ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଭାରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ସାନ୍ତାଳୀ ଭାଷା ତଥା ଅଲଚିକି ଲିପିର ବ୍ୟାପକ ପ୍ରଚାର, ପାଠ୍ୟପୁସ୍ତକ ପ୍ରକାଶନ ଓ ସରକାରୀ ସ୍ତରରେ ସାନ୍ତାଳୀ ଭାଷାକୁ ଅଧିକ ପ୍ରୋତ୍ସାହନ ଦେବା ନେଇ ଆଲୋଚନାରେ ବିଭିନ୍ନ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ସାନ୍ତାଳୀ ଦାବି ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ଲକସ୍ତରୀୟ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।



ଏହି ଆଲୋଚନାଚକ୍ରର ତିନୋଟି ଅଧିବେଶନରେ ବରିଷ୍ଠ ଉପଦେଷ୍ଟା ଉଦୟନାଥ ମାଝୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀ, ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ, ସାହିତ୍ୟ ଏକାଡ଼େମୀର ପୂର୍ବତନ ଆବାହକ ମଦନମୋହନ ସୋରେନ, ଆଦିମ ଅୱାର ଜାରପା ସଭାପତି କାରୁ ମୁର୍ମୁ, ସାନ୍ତାଳୀ ଇଂଜିନିୟର କଲ୍ୟାଣ ସଂଘ ଉପଦେଷ୍ଟା ସୁଦର୍ଶନ ହେମ୍ବ୍ରମ, ସଭାପତି ସୋମନାଥ ହାଁସଦା, ଆସେକା ଭୁବନେଶ୍ୱର ଶାଖା ସଭାପତି ଦାଶମାତ ମୁର୍ମୁ, ସମ୍ପାଦକ ରୂପେନ୍ଦ୍ର ନାଥ ମୁର୍ମୁ, ସାନ୍ତାଳୀ ଅଧ୍ୟାପକ ଡଃ ସୁନାରାମ ସୋରେନ, ଭାରତ ଜାକାତ ମାଝୀ ମାହାଲ, ଓଡ଼ିଶାର ପାରଗାନା ବାଲକରାମ ବାସ୍କେ, ମିଶନ ଅଲଚିକି ଉପଦେଷ୍ଟା ମାଙ୍ଗାତ ମୁର୍ମୁ, ସାନ୍ତାଳ ମହା ସେନେଲେଦ ସାଧାରଣ ସଂପାଦକ ତୁସିଲଦାର ହାଁସଦା, ସାନ୍ତାଳୀ ପିଜି ଛାତ୍ର ସଂଘ ସଭାପତି ବିକ୍ରମ ବେଶ୍ରା, ସମ୍ପାଦକ ସେରାଲ ମୁର୍ମୁ, ଦୁଖୁ ମାରାଣ୍ଡି ପ୍ରମୁଖ ଯୋଗଦେଇ ମୂଲ୍ୟବାନ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଲଗେ କିସ୍କୁ, ସୁରୁକୁନି ମୁର୍ମୁ, ମିନତୀ ମାରାଣ୍ଡି, ଶୁନିଆ ମାରାଣ୍ଡି, ଦୁବରାଜ ହେମ୍ବ୍ରମ, କରିୟାଲଲ ବାସ୍କେ ପ୍ରମୁଖ ପରିଚାଳନା କରିଥିଲେ।

## ଚୋରମାଲଦାରେ ଘର ଭାଙ୍ଗିଲା ଦନ୍ତା

ଜଡ଼ା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ଅଧୀନ ରୁଗୁଡ଼ି ଫରେଷ୍ଟ ସେକ୍ସନର ଚୋରମାଲଦା ଗ୍ରାମରେ ଦନ୍ତା ହାତୀର ଉପଦ୍ରବ ଥମୁନି। ଶନିବାର ରାତି ପ୍ରାୟ ୨ଟାରେ ଏକ ଦନ୍ତା ହାତୀ ଅରବିନ୍ଦ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଗାଁରେ ଉପଦ୍ରବ କରିଥିଲା। ସୌଭାଗ୍ୟବଶତଃ ପରିବାରର କାହାରି କିଛି କ୍ଷତି ହୋଇନାହିଁ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀକୁ ଗ୍ରାମରୁ ଘଉଡ଼ାଇଥିଲେ। ହାତୀ ଉପଦ୍ରବରେ ଦୁଇଟି ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବର୍ଷା ଯୋଗୁଁ ଭଙ୍ଗା ଘରେ ପରିବାରଗୁଡ଼ିକ ଦୁର୍ଦ୍ଦଶାରେ ରହୁଛନ୍ତି।



କ୍ଷୟକ୍ଷତି ଆକଳନ କରି ନିୟମାନୁସାରେ ସହାୟତା ଦିଆଯିବ ବୋଲି ବନ ବିଭାଗ ଅଧିକାରୀ ବିଭୂତି କୁମାର ସେଠୀ କହିଛନ୍ତି। ସୂଚନା ଅନୁଯାୟୀ, ଗୋଠଛଡ଼ା ଏହି ଦନ୍ତା ହାତୀ ଦୁଇଦିନ ପୂର୍ବରୁ କଲହଁ ରୋଡ଼କଳା ଗ୍ରାମରେ ପଶି ଆଶା ମୁଣ୍ଡା, ଟିପୁ ମୁଣ୍ଡା ଓ ଗମ୍ହା ମୁଣ୍ଡାଙ୍କ ଘର ଭାଙ୍ଗିଥିଲା। ଏହା ପୂର୍ବରୁ ପ୍ରାୟ ଦୁଇମାସ ତଳେ ଚୋରମାଲଦା ଗ୍ରାମରେ ମଧ୍ୟ ଏହି ହାତୀ ପାଞ୍ଚଜଣଙ୍କ ଘର ଭାଙ୍ଗିଥିବା ଅଭିଯୋଗ ରହିଛି। ଫଳରେ ଦନ୍ତା ହାତୀକୁ ନେଇ ଅଞ୍ଚଳବାସୀଙ୍କ ଆତଙ୍କ ଆହୁରି ବଢ଼ିଛି। ଅନ୍ୟପକ୍ଷରେ ଅଞ୍ଚଳରେ ଖଣି ଖନନ ଓ ଶିଳ୍ପାୟନ ବୃଦ୍ଧି ସହ ଜଙ୍ଗଲ ଅଞ୍ଚଳ ସଙ୍କୁଚିତ ହେଉଥିବାରୁ ହାତୀଙ୍କ ପାରମ୍ପରିକ ଚଳାଚଳ ପଥ ଓ ବାସସ୍ଥାନ ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖାଦ୍ୟ ଓ ଆଶ୍ରୟ ସନ୍ଧାନରେ ହାତୀମାନେ ବାରମ୍ବାର ଜନବସତି ମୁହାଁ ହେଉଥିବାରୁ ମଣିଷ-ହାତୀ ସଂଘାତ ବଢ଼ିବା ନେଇ ଚିନ୍ତା ପ୍ରକାଶ ପାଇଛି। ନିକଟ ଅତୀତରେ ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ୫ ବର୍ଷୀୟ ଶିଶୁର ମୃତ୍ୟୁ ଘଟିଥିବାରୁ ପରିସ୍ଥିତିର ଗମ୍ଭୀରତା ଆହୁରି ବଢ଼ିଛି। ବାରମ୍ବାର ହାତୀ ଜନବସତିକୁ ପଶୁଥିବାରୁ ମଣିଷ-ହାତୀ ସଂଘାତ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖି ଗ୍ରାମବାସୀଙ୍କୁ ଆଗୁଆ ସତର୍କ କରିବା ସହ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅନୁସୟା ବିଜେଡି ଏସ୍‌ସି ସେଲର ସାଧାରଣ ସମ୍ପାଦିକା



ବାରିପଦା, ୨୩।୮ (ସମିସ): ରାଜ୍ୟ ବିଜୁ ଜନତା ଦଳର ଏସି ସେଲ ସାଧାରଣ ସମ୍ପାଦିକା ଭାବେ ବଡ଼ସାହିର ପ୍ରାକ୍ତନ ବିଧାୟିକା ପ୍ରାର୍ଥିନୀ ଅନୁସୟା ପାତ୍ରଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ କମିଟିରେ ତାଙ୍କୁ ସ୍ଥାନ ଦେଇଥିବାରୁ ସେ ଶ୍ରୀ ପଟ୍ଟନାୟକଙ୍କ ସମେତ ଦଳର ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ ସେ ନିଜର କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଶ୍ରୀମତୀ ପାତ୍ର ବଡ଼ସାହିର ପୂର୍ବତନ ବିଧାୟକଙ୍କ ସହଧର୍ମିଣୀ। ଗତ ୨୦୨୪ ନିର୍ବାଚନରେ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ କରିଥିଲା।

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ

ଶୁଳିଆପଦା,୨୩।୮ (ସମିସ): ଯୁବଛାତ୍ର ମଞ୍ଚ ଶୁଳିଆପଦା ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ଧର୍ମ, ହିନ୍ଦୁ ସଂସ୍କୃତି ଓ ବନବାସୀ କ୍ଷେତ୍ରରେ ରହୁଥିବା ଜନଜାତିଙ୍କ ସୁରକ୍ଷା ନିମନ୍ତେ ପ୍ରାଣବଳି ଦେଇଥିବା ପୂଜ୍ୟ ରାଷ୍ଟ୍ର ସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ବଳିଦାନ ଦିବସକୁ ଧର୍ମରକ୍ଷା ଦିବସ ରୂପେ ସମଗ୍ର ଦେଶରେ ପାଳନ କରାଯାଉଛି। ଏ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁବଛାତ୍ର ମଞ୍ଚ ତରଫରୁ ବଡ଼ଭାଲିଆ ପଞ୍ଚାୟତ ହାତୀମଡାଠାରେ ଧର୍ମରକ୍ଷା ଦିବସ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ସମାଜ ସେବା ଓ ଅନ୍ତ୍ୟୋଦୟ, ଜନଜାତିଙ୍କ କଲ୍ୟାଣ, ଗୋ ସୁରକ୍ଷା ଆନ୍ଦୋଳନ, ସଂସ୍କୃତିର ସୁରକ୍ଷା ବିଷୟରେ ଆଲୋକପାତ କରାଯାଇଥିଲା। ସମୀର ମହାନ୍ତ, ରମା ନାଏକ, ଗୋରା ହାଁସଦା, ସିମଲ ହାଁସଦା, ଦାମୁ ସିଂ, ଦେବୁ ନାଏକ, ରାଜା ଧଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ରାଇରଙ୍ଗପୁରରେ ଓଡ଼ିଶା କୁଡୁମୀ ସେନାର ସାମ୍ବାଦିକ ସମ୍ମିଳନୀ



ରାଇରଙ୍ଗପୁର, ୨୩।୮ (ସମିସ): ରାଇରଙ୍ଗପୁରସ୍ଥ ପିସିଏମ୍ କଲ୍ୟାଣ ମଣ୍ଡପରେ ଓଡିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ ଓଡିଶା କୁଡୁମୀ ସେନାର କଳା ଦିବସ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ସେପ୍ଟେମ୍ବର ୬ରେ ସେତେବେଳର କେନ୍ଦ୍ର ସରକାର କୌଣସି କାରଣ ନ ଥାଇ ଚକ୍ରାନ୍ତ କରି କୁଡୁମୀ ଜାତିକୁ ଏସଟି ତାଲିକାରୁ ବାଦ ଦେଇଛନ୍ତି। ଉକ୍ତ ଦିନଟି କୁଡୁମି ଜାତି ପାଇଁ ଅନ୍ୟାୟର ଦିନ ବୋଲି କହି ସେପ୍ଟେମ୍ବର ୬କୁ "କଳା ଦିବସ " ରୂପେ କୁଡୁମୀ ଜାତି ପାଳନ କରିଆସୁଛି। କୁଡୁମୀ ଜାତିକୁ ପୁନଃ ଏସଟି ବର୍ଗରେ ସାମିଲ କରିବା ପାଇଁ ଓଡିଶା କୁଡୁମୀ ସେନା ଜାରି ରଖିଥିବା ସଂଗ୍ରାମ ବର୍ତ୍ତମାନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଓଡିଶା କୁଡୁମୀ ସେନା ବିଭିନ୍ନ ସମୟରେ ଜାତିର ମୌଳିକ ଅଧିକାର ଓ ହକ ପାଇଁ ଲଢେଇ କରିଆସୁଛି। ସଡକରୁ ସଂସଦ ପର୍ଯ୍ୟନ୍ତ, ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ, ରାସ୍ତାରୋକଠାରୁ ମୁଖ୍ୟମନ୍ତ୍ରୀ ନିବାସ ଘେରଉ ପର୍ଯ୍ୟନ୍ତ, ବୃକ୍ଷରୋପଣଠାରୁ ରକ୍ତଦାନ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମଠାରୁ ଜାତ ଜଳନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିଆସୁଛି ବୋଲି ଉପସ୍ଥିତ କୁଡୁମୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ମତ ରଖିଥିଲେ। କୁଡୁମୀ ଜାତିର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଦିଲ୍ଲୀର ଯନ୍ତରମନ୍ତରରେ ହେବାକୁ ଥିବା କଳା ଦିବସରେ ଯୋଗଦାନ କରି ଏ ଜାତିର ଏକତା ବଜାୟ ରଖିବାକୁ ଅନୁରୋଧ କରାଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫନ୍ଟୁସ ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ମହିଳା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ବାମନଘାଟି ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଇରଙ୍ଗପୁର ମ୍ୟୁନିସିପାଲିଟି ସଭାନେତ୍ରୀ ଗୀତାରାଣୀ ମହାନ୍ତ, ବିଶୋଇ ବ୍ଲକ ସଭାନେତ୍ରୀ ଆରତୀ ମହାନ୍ତ, କୁସୁମୀ ବ୍ଲକ ସଭାପତି ରୁଦ୍ର ମାଧବ ମହାନ୍ତ, ଛାତ୍ର ସଭାପତି ଚିନ୍ମୟ ମହାନ୍ତ, ଯୁବ ନେତା ଅରୁଣ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ନାବାଳିକା ଅନ୍ତଃସତ୍ତ୍ୱା ଅଭିଯୋଗ

କୁଆମରା,୨୩।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ନାବାଳିକା ଅନ୍ତସତ୍ତ୍ୱା ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପାଠ ପଢା ଛାଡ଼ିବା ପରେ ନାବାଳିକା ଘରେ ଥିଲେ। ଗୋପବନ୍ଧୁନଗର ବ୍ଲକ ଅଞ୍ଚଳର ଜଣେ ୨୧ ବର୍ଷିୟା ଯୁବକ ଓ ଉଦଳା ଅଞ୍ଚଳର ଜଣେ ନାବାଳକଙ୍କ ସହ ତାଙ୍କର ସଂପର୍କ ଥିଲା। ତେବେ ନାବାଳିକା ଗର୍ଭବତୀ ହେବା ଜାଣି ଉଭୟ ପୀଡିତାଙ୍କଠାରୁ ଦୂରେଇ ଯାଇଥିଲେ। ପରିବାର ଲୋକଙ୍କ ପରାମର୍ଶ କ୍ରମେ ପୀଡ଼ିତ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୨୧୩/୨୬ରେ ମାମଲା ରୁଜୁ କରିବା ସହ ଆଜି ପୀଡ଼ିତାଙ୍କୁ ବାରିପଦାରେ ଡାକ୍ତରୀ ମଇନା କରାଯାଇଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ଦୁର୍ଘଟଣାରୁ ବର୍ତ୍ତିଲେ ସ୍କୁଟି ଆରୋହୀ

ଉଦଳା,୨୩।୮ (ସମିସ): ଉପର ମୁଣ୍ଡାରେ ବର୍ଷା ଲାଗି ରହିଥିବାବେଳେ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଆଜି ସ୍କୁଟିରେ ତିନିଜଣ ଯୁବକ ଜାମୁଘାଟ ଉପରେ ପାଣି ପ୍ରବାହିତ ହେଉଥିବା ସତ୍ତ୍ୱେ ପୋଲ ପାର ହେଉଥିଲେ। ପୋଲ ପାରି ହେଉଥିବାବେଳେ ଅଘଟଣ ଘଟିଛି। ପଛରେ ବସିଥିବା ଯୁବକ ଜଣକ ସ୍କୁଟିକୁ ଠେଲୁଥିବା ବେଳେ ଅନ୍ୟ ଦୁଇଜଣ ସ୍କୁଟିରେ ବସି ପାରି ହେଉଥିଲେ। ହଠାତ୍ ପାଣି ବଢିଯିବାରୁ ପାଣି ସ୍ରୋତ ବଢ଼ିଯାଇଥିଲା। ଫଳରେ ଗୋଡ଼ ଖସିଯାଇ ପ୍ରଖର ସ୍ରୋତରେ ଭାସିଗଲେ। ଭାସିଯାଇଥିବା ଯୁବକ ଜଣକ ନରପଦା ଗ୍ରାମର ମହେଶ୍ୱର ନାଏକ ବୋଲି ଜଣାପଡ଼ିଛି। ଯୁବକ ଜଣକ ଉପସ୍ଥିତ ବୁଦ୍ଧି ଓ ପହଁରା ଶିଖିଥିବା ଯୋଗୁଁ ନିଜ ଜୀବନକୁ ବଞ୍ଚାଇପାରିଛନ୍ତି।

**ରେଳ ଲାଇନ ଦବିବା ପ୍ରସଙ୍ଗ**

## ଉଭୟ ପାର୍ଶ୍ୱରୁ ଉଚ୍ଛେଦ ପାଇଁ ସମସ୍ତ ଘରକୁ ନୋଟିସ୍

ବାରିପଦା, ୨୩।୮ (ସମିସ): ବାରିପଦା ରେଳ ଷ୍ଟେସନ ଅଞ୍ଚଳରେ ରେଳ ଭୂମି ଓ ଗଠନର ଅନଧିକାର ଦଖଲ କରିଥିବା ଲୋକଙ୍କୁ ୭ ଦିନ ମଧ୍ୟରେ ସ୍ଥାନ ଖାଲି କରିବାକୁ ରେଳ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ଅନୁସାରେ, ଏଲସି ନମ୍ବର ଆରଏଚ-୩୬ରୁ ଆରଏଚ-୩୭ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ରେଳ ଗଠନ/ଭୂମିକୁ ଅନଧିକାରରେ ଦଖଲ କରିଥିବା ସମସ୍ତଙ୍କୁ ଏହି ନୋଟିସ ଜାରି ହେବାର ୭ ଦିନ ମଧ୍ୟରେ ଅର୍ଥାତ୍ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ସ୍ଥାନ ଖାଲି କରିବାକୁ କୁହାଯାଇଛି। ଏହା ନ ହେଲେ ରେଳ ଆଇନର ଧାରା ୧୪୭(୨) ଅନୁଯାୟୀ ବଳପୂର୍ବକ ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।



ଲଗାଣ ବର୍ଷା ଯୋଗୁଁ ଭଞ୍ଜପୁର-ବେତନଟୀ ରେଳ ଲାଇନ୍‌ର କିଲୋମିଟର ୫୨/୦୨ରୁ ୫୨/୦୩ ମଧ୍ୟରେ ରେଳଲାଇନ ଦବିଥିବାରୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ରେଳ ସେବା ଗତ ୧୮ ତାରିଖରୁ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ରେଳ ଧାରଣା ତଳୁ ମାଟି ଓ ମେଟାଲ ଧୋଇଯାଇଥିବାରୁ ମରାମତି ପାଇଁ ୭ ଦିନ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ଶନିବାର ସମ୍ପୂର୍ଣ୍ଣ ସୁରକ୍ଷା ଯାଞ୍ଚ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ବାଙ୍ଗିରିପୋଷିରୁ ରୁପସା ପର୍ଯ୍ୟନ୍ତ ରେଳପଥର ଉଭୟ ପାଶ୍ୱର୍ ଜବରଦଖଲ ପାଇଁ ଜଳ ନିଷ୍କାସିତ ନ ହୋଇ ପାଣି ଜମି ରହିବା ଫଳରେ ମାଟି ଧସି ରେଳ ଲାଇନ ଦବିବା ଘଟଣା ଘଟୁଛି। ରେଳବାଇ ଅଧିକୃତ ସ୍ଥାନରେ ବେଆଇନ ନିର୍ମାଣ ଜଳ ନିଷ୍କାସନରେ ବାଧା ଆଣୁଥିବାରୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ପାଇଁ ରେଳ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଇତିମଧ୍ୟରେ ଶୁନଗଡିଆ ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଘର ଉଚ୍ଛେଦ ସହିତ ମାଟିରେ ମିଶିଥିବାବେଳେ ଉପରୋକ୍ତ ସମସ୍ତ ଘର ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି।

## ସୀମାରେ ମୁତୟନ ଯବାନଙ୍କ ପାଇଁ 'ସୈନିକ ପାଇଁ ରାକ୍ଷୀ' ଅଭିଯାନ

କରଞ୍ଜିଆ, ୨୩।୮ (ସମିସ): ସୀମାରେ ଦେଶର ସୁରକ୍ଷା ପାଇଁ ମୁତୟନ ଯବାନଙ୍କ ପ୍ରତି ସମ୍ମାନ ଜଣାଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ "ସୈନିକ ପାଇଁ ରାକ୍ଷୀ' ଅଭିଯାନ ଆୟୋଜିତ ହୋଇଛି। ଏହି ଅଭିଯାନରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, ମା' ବାସୁଳି ମହାବିଦ୍ୟାଳୟ ଠାକୁରମୁଣ୍ଡା, ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ କାଦଡିହା ଓ ଯଶିପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରାକ୍ଷୀ ଓ ଭାବପୂର୍ଣ୍ଣ ପତ୍ର ସଂଗ୍ରହ କରାଯାଇଥିଲା। ପରେ ସେଗୁଡ଼ିକୁ ସୀମାରେ କର୍ତ୍ତବ୍ୟରତ ଯବାନଙ୍କ ନିକଟକୁ ପଠାଯାଇଛି। ରାକ୍ଷୀ ମାଧ୍ୟମରେ ଛାତ୍ରଛାତ୍ରୀ ଦେଶର ସୁରକ୍ଷା ପାଇଁ ଦିନରାତି କର୍ତ୍ତବ୍ୟରତ ଯବାନଙ୍କ ପ୍ରତି ଭଲ ପାଇବା, ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଅଭିଯାନ ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ ଓ ସୈନିକଙ୍କ ପ୍ରତି ସମ୍ମାନବୋଧକୁ ଆହୁରି ଦୃଢ଼ କରିବ ବୋଲି ଆୟୋଜକ କହିଛନ୍ତି। ଏବିଭିପି କାର୍ଯ୍ୟକର୍ତ୍ତା ସ୍ମୃତିରାଣୀ ମହନ୍ତ, ଗାୟତ୍ରୀ ମହାନ୍ତ, ପୂଜାରିଣୀ ମହାନ୍ତ, ମେଞ୍ଜବତୀ ସିଂ ଖୁଣ୍ଟିଆ, ସୁଜିତ୍ ଦାସ ଓ ସତ୍ୟବ୍ରତ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



## ପାଟଣା ବନାଞ୍ଚଳସ୍ତରୀୟ ସମୀକ୍ଷା ବୈଠକ



ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ରବିବାର ବନାଞ୍ଚଳସ୍ତରୀୟ ସମୀକ୍ଷା ବୈଠକ ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ରକ୍ଷଣାବେକ୍ଷଣ, ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ, ସୌର ଆଲୋକ ଓ ବନସୁରକ୍ଷା ସମିତି ରିଭଲଭିଂ ଫଣ୍ଡ ଋଣ ପରିଶୋଧ, ମଣିଷ–ହାତୀ ସଂଘର୍ଷ ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଓ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ପାଟଣା ବନାଞ୍ଚଳର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ରଞ୍ଜିତ ପଲେଇ ପରିଚାଳନା କରିଥିବାବେଳେ ପାଟଣା ବନପାଳ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜର୍ଜିଆଡି ୭-ଏ ସାଇଡ୍ ରଗବୀ ଟୁର୍ଣ୍ଣାମେଣ୍ଟ

**ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକଡେମୀର ଐତିହାସିକ ସଫଳତା**

ବାରିପଦା,୨୩।୮ (ସମିସ):କୋଲକାତା କ୍ରିକେଟ୍ ଆଣ୍ଡ ଫୁଟବଲ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଜର୍ଜିଆଡି ୭-ଏ-ସାଇଡ୍ ରଗବୀ ଟୁର୍ଣ୍ଣାମେଣ୍ଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ରଗବୀ ଦଳ ଜବରଦସ୍ତ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ଚାମ୍ପିଅନ ହୋଇ ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ସରସ୍ୱତୀପୁର ଦଳକୁ ୩୩-୦୦ ସ୍କୋରରେ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଦଳରେ ରଜନୀ ଶବର, ସୋନୀ ମାଡାଙ୍ଗୀ, ପାର୍ବତୀ କିସ୍କୁ, ପୁନମ ସିଂହ, ମାଲିନ ସୋଏ, ସୁନୀତା ହାଁସଦା, ହିସୀ ଟୁଡୁ, ନମିତା ହେମ୍ବ୍ରମ, ଅମିଶାରାଣୀ ମାଝୀ, ମାହି ସୋରେନ, କନିକା ଟୁଡୁ, ମାମୁନି ହେମ୍ବ୍ରମଙ୍କ ସମେତ କୋଚ ଅଜିତ ହାଁସଦା, ଅଶୋକ ହାଁସଦା ଓ ଚନ୍ଦନ ସିଂ ଓ ମ୍ୟାନେଜର ଫୁଲମଣୀ ପାଲେୟା ସାମିଲ ଥିଲେ। ଖେଳାଳିଙ୍କ କଠିନ ପରିଶ୍ରମ ଓ ସମର୍ପଣ, ଗୌରବମୟ ବିଜୟ ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଓ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ପୂର୍ବତନ ସେନା କର୍ମଚାରୀ ପରିବାରଙ୍କ ସ୍ୱାସ୍ଥ୍ୟସେବା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା

ଆନନ୍ଦପୁର,୨୩।୮ (ସମିସ)

ଅବସର ଗ୍ରହଣ କରିଥିବା ପ୍ରାୟ ଅଢେଇ ଲକ୍ଷ ସେନା କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟସେବା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ନେଇ ଆନନ୍ଦପୁର ପୂର୍ବତନ ସୈନିକ ସଂଘ ଅଭିଯୋଗ କରିଛି। ସ୍ଥଳସେନା, ବାୟୁସେନା ଓ ଜଳସେନାରୁ ସେବା ନିବୃତ୍ତ ଅଫିସର, ଜୁନିୟର ଅଫିସର ଓ ସୈନିକଙ୍କ ସଂଖ୍ୟା ପାଖାପାଖି ଅଢେଇ ଲକ୍ଷ ଆକଳନ କରାଯାଇଥିବା ବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ମେଡିକାଲ ଆଲାଉନ୍ସ ପ୍ରତିବଦଳରେ ଇସିଏଚଏସ (ଏକ୍ସ ସର୍ଭିସମେନ କଣ୍ଟ୍ରିବ୍ୟୁଟେରୀ ହେଲଥ ସ୍କିମ)ରେ ସାମିଲ କରାଯାଇଛି। ରାଜ୍ୟରେ ହାତଗଣତି ଏହିଭଳି ଇସିଏଚଏସ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଅହେତୁକ ଅବହେଳା ପ୍ରଦର୍ଶନ କରାଯିବା ନେଇ ଅନେକ ନଜିର ରହିଛି। ଏପରିସ୍ଥଳେ କେବଳ ନିକଟସ୍ଥ ବେସରକାରୀ ହସ୍ପିଟାଲକୁ ରେଫରାଲ ହିଁ ସେନାବାହିନୀର ପରିବାର ପାଇଁ ଭରସା ସାଜିଛି। ଦିନକୁ ଦିନ ରାଜ୍ୟ ରାଜଧାନୀ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଉନ୍ନୟନ ଯୋଗୁଁ ଅନେକ ଉଚ୍ଚ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ହସ୍ପିଟାଲ ସଂଖ୍ୟା କିଛି କମ ନୁହେଁ। ହେଲେ ସେଠି ମଧ୍ୟରୁ କେତେକ ହାତ ଗଣତି ହସ୍ପିଟାଲକୁ ଦିଲ୍ଲୀସ୍ଥିତ ପରିଚାଳନା ନିର୍ଦ୍ଦେଶକ ଇସିଏଚଏସ ଅନୁମତି ପ୍ରଦାନ କରୁଥିବା ବେଳେ ସମୟାନୁସାରେ କେତେକଙ୍କୁ ଏଥିରୁ ବାଦ ଦେଇଥାନ୍ତି। ଫଳରେ ଲକ୍ଷାଧିକ ସେନା କର୍ମଚାରୀ ଓ ପରିବାର ନିଜର ଚିକିତ୍ସା ପାଇଁ ନାହିଁ ନଥିବା ହଇରାଣ ହେବା ସହିତ ଅଯଥା ଶାରୀରିକ, ଆର୍ଥିକ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୁଅନ୍ତି। ଏପରିସ୍ଥଳେ ଇସିଏଚଏସର ଉଚ୍ଚ କର୍ତ୍ତୃପକ୍ଷ ଚଳିତ ମାସ ୧୪ ତାରିଖରୁ ଲୋକଙ୍କ ବହୁଳ ପସନ୍ଦ ଯୋଗ୍ୟ କିମ୍ସ ହସ୍ପିଟାଲ, କିମ୍ସ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ଓ ଉତ୍କଳ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ରେଫରାଲ ନ କରିବାକୁ କଡ଼ା ନିର୍ଦ୍ଦେଶ ପ୍ରଦାନ କରିଥିବା ଜଣାଯାଇଛି। ଏନେଇ ସ୍ଥାନୀୟ ସେନା ପରିବାର ମଧ୍ୟରେ ନୈରାଶ୍ୟ ମନୋଭାବ ପ୍ରକାଶ ପାଇବା ସ୍ୱାଭାବିକ। ଏସବୁ ହସ୍ପିଟାଲର ଏନଏବିଏଚ (ନ୍ୟାସନାଲ ଆକ୍ରିଡେସନ ବୋର୍ଡ଼ ଫର ହସ୍ପିଟାଲ ଆଣ୍ଡ ହେଲଥ କେୟାର ପ୍ରୋଭାଇଡର) ଅବଧି କିଛି ଦିନ ପୂର୍ବରୁ ସମାପ୍ତି ହୋଇଯାଇଛି। ଏନଏବିଏଚ ଆଳରେ ଇସିଏଚଏସ ବେନିଫିସେରୀଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରାଯାଇଥିବା ବେଳେ ସିଜିଏଚଏସ ସ୍କିମ ସହିତ ଅନ୍ୟ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ହେଲଥ ସ୍କିମରେ ଉପକୃତ ହେଉଥିବା ହିତାଧିକାରୀ ଏସବୁ ହସ୍ପିଟାଲରେ ପୂର୍ବବତ ସ୍ୱାସ୍ଥ୍ୟ ସେବା ପାଉଥିବା ଜଣାଯାଇଛି। ସମ୍ପୃକ୍ତ ତିନି ହସ୍ପିଟାଲ ଏନଏବିଏଚ ପ୍ରମାଣପତ୍ର ହାସିଲ କରିବା ପର୍ଯ୍ୟନ୍ତ ପୂର୍ବବତ ନନ ଏନଏବିଏଚ ଦରରେ ଚିକିତ୍ସା ସୁବିଧା ପ୍ରଦାନ ପୂର୍ବକ ପୂର୍ବତନ ସେନା ବାହିନୀଙ୍କ ସମେତ ଲକ୍ଷ ଲକ୍ଷ ପରିବାର ବର୍ଗଙ୍କ ମୂଲ୍ୟବାନ ଜୀବନ ରକ୍ଷା ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ସବୁ ସ୍ତରରେ ଦାବି ଜୋର ଧରିଛି। ଏ ସଂକ୍ରାନ୍ତରେ ଆନନ୍ଦପୁର ପୂର୍ବତନ ସୈନିକ ସଂଘ ଉପଦେଷ୍ଟା ଶିବଶରଣ ମିଶ୍ର କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କ ସହିତ ଦିଲ୍ଲୀ କେଣ୍ଟସ୍ଥିତ ପରିଚାଳନା ନିର୍ଦ୍ଦେଶକ (ଏମଡି) ଇସିଏଚଏସଙ୍କୁ ଇ-ମେଲ ଓ ଡାକ ଜରିଆରେ ଜଣାଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୦-କଲିକତା ସହରର ସ୍ଥାପନା ଦିବସ।
- ୧୯୬୯- ଭି. ଭି. ଗିରି ଭାରତର ଚତୁର୍ଥ ରାଷ୍ଟ୍ରପତି ହେଲେ।
- ୧୯୭୪- ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ଭାରତର ପଞ୍ଚମ ରାଷ୍ଟ୍ରପତି ହେଲେ।
- ୧୯୯୩- ପପ୍ ଷ୍ଟାର୍ ମାଇକେଲ୍ ଜ୍ୟାକସନ୍‌ଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ଯାଞ୍ଚ ଆରମ୍ଭ କଲା ଲସ୍‌ଏଞ୍ଜେଲସ୍ ପୋଲିସ୍।



## ପୁଣି ଥରେ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିବେ ସନ୍ନି

ପାଖାପାଖି ୩୦ ବର୍ଷ ପରେ ସନ୍ନି ଦେଓ୍ୱଲ 'ବଟଓ୍ୱାରା ୧୯୪୭'ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିଛନ୍ତି। ହେଲେ ସନ୍ନିଙ୍କର ଅନ୍ୟ ଫିଲ୍ମ ଭଳି ଏହା ବକ୍ସ ଅଫିସ୍‌ରେ ସଫଳତାର ଛାପ ଛାଡ଼ିବାରେ ବିଫଳ ହୋଇଛି। 'ଘାୟଲ୍' (୧୯୯୦) ରୁ ସନ୍ନି ଦେଓଲ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ ଯାତ୍ରା ଆରମ୍ଭ ହୋଇଥିଲା। ସନ୍ନିଙ୍କ କ୍ୟାରିୟରର ହିଟ୍ ଫିଲ୍ମ କୁହାଯାଉଥିବା 'ଘାତକ' ଏବଂ 'ଦାମିନୀ' ମଧ୍ୟ ରାଜକୁମାର ସନ୍ତୋଷୀ ହିଁ ନିର୍ମାଣ କରିଥିଲେ। ଆଉ ଏବେ ତିନି ଦଶନ୍ଧି ପରେ ଏହି ଯୋଡ଼ି 'ବଟଓ୍ୱାରା ୧୯୪୭' ଫିଲ୍ମରେ ଏକାଠି କାମ କରିଥିଲେ। ଅବଶ୍ୟ ଏହି ଫିଲ୍ମ ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିପାରି ନାହିଁ। ଇତିମଧ୍ୟରେ ରାଜକୁମାର ସନ୍ତୋଷୀ, ସନ୍ନିଙ୍କ ସହ ଆଉ ଏକ ଆକ୍ସନ୍ ଫିଲ୍ମ ନେଇ ଆସୁଥିବା ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ମାସରୁ ସନ୍ନି ଏହାର ସୁଟିଂ ଆରମ୍ଭ କରିବେ। ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ରାଜକୁମାର ସନ୍ତୋଷୀଙ୍କ ସହ ସନ୍ନିଙ୍କର ଏହା ପଞ୍ଚମ ଫିଲ୍ମ ହେବ।

## ଟୁଗୁଲି କରି ରୋଜଗାର



ଟୁଗୁଲି କିମ୍ବା ପରଚର୍ଚ୍ଚା କରିବା ଏକ ଖରାପ ଅଭ୍ୟାସ। ହେଲେ କଲମ୍ବିଆର ୬୭ ବର୍ଷୀୟା ମିରିୟମ୍ ଟୁଗୁଲିକୁ ନିଜର ବ୍ୟବସାୟ କରିଛନ୍ତି। ଏହି ବ୍ୟବସାୟରୁ ସେ ଦୁଇଟି ଘର କିଣିଥିବା ମଧ୍ୟ ଦାବି କରନ୍ତି। ନିକଟରେ କଣ୍ଟେଣ୍ଟ କ୍ରିଏଟର ଲେଡି ଡାନିଏଲା ତାଙ୍କର ଏକ ସାକ୍ଷାତକାର ଶେୟାର କରିଥିଲେ, ଯେଉଁଥିରେ ମିରିୟମ୍ ନିଜର ଏହି ଅଜବ କାମ ବିଷୟରେ କହିଛନ୍ତି। ମିରିୟମ୍ ନିଜକୁ ଜଣେ ପେସାଦାର ଟୁଗୁଲି କରୁଥିବା ମହିଳାର ପରିଚୟ ଦିଅନ୍ତି। ସେ ପ୍ରତିଦିନ ସକାଳୁ ନିଜ ଘର ବାହାରେ ବସି ରୁହନ୍ତି। ପଡ଼ୋଶୀମାନଙ୍କର ପାରିବାରିକ ଝଗଡ଼ା, କିଏ କେତେବେଳେ କୁଆଡ଼େ ଯାଉଛି, ସେସବୁ ଉପରେ ନଜର ରଖନ୍ତି ଏବଂ ଗୋଟିଏ ଡାଏରୀରେ ନାମ ଓ ତାରିଖ ସହିତ ସବୁ ତଥ୍ୟ ଲେଖି ରଖନ୍ତି। କେତେକ କ୍ଷେତ୍ରରେ ପ୍ରମାଣ ସ୍ୱରୂପ ସେ ଫଟୋ ମଧ୍ୟ ରଖିଥାନ୍ତି। ଛୋଟମୋଟ ଟୁଗୁଲି ପାଇଁ ସେ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦ରୁ ୨୦୦ ଟଙ୍କା ନିଅନ୍ତି। ତାଙ୍କର ସବୁଠାରୁ ବଡ଼ ରୋଜଗାର ହେଉଛି ପ୍ରିମିୟମ୍ "ମୁହଁ ବନ୍ଦ" ସେବା। ଯଦି କାହାର କୌଣସି ବଡ଼ ଗୋପନୀୟ କଥା ସେ ଜାଣିଯାନ୍ତି, ତେବେ ତାହାକୁ ଲୁଚାଇ ରଖିବା ପାଇଁ ସେ ଭାରତୀୟ ମୁଦ୍ରାରେ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରନ୍ତି। ଏହି ବ୍ୟବସାୟରୁ ମିଳୁଥିବା ଟଙ୍କାକୁ ସଞ୍ଚୟ କରି ସେ କୌଣସି ବ୍ୟାଙ୍କ ଲୋନ୍ ନ ନେଇ ନିଜ ପାଇଁ ଦୁଇ ଦୁଇଟି ଆଲିସାନ ଘର କିଣିଥିବା ମିରିୟମ୍ ଦାବି କରନ୍ତି। ମିରିୟମ୍‌ଙ୍କ କାହାଣୀ ଭାଇରାଲ ହେବା ପରେ କେହି କେହି ତାଙ୍କର ଏଭଳି ଚତୁରତାକୁ ପ୍ରଶଂସା କରୁଥିବା ବେଳେ, ଅନ୍ୟମାନେ ଏହାକୁ ଅନ୍ୟର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ଏବଂ ବ୍ଲାକମେଲିଂ ବୋଲି କହି ସମାଲୋଚନା ମଧ୍ୟ କରୁଛନ୍ତି। ଏହି କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସେ 'ଗସିପ୍ କ୍ୱିନ' ନାଁରେ ପରିଚିତ ହୋଇଛନ୍ତି।


## ମାଗଣାରେ ମିଳେ ଟିଭି ଓ ସୋଫା



ଅଧିକାଂଶ ଲୋକ ଟିଭି, ସୋଫା ତଥା ଘରର ଆବଶ୍ୟକୀୟ ସାମଗ୍ରୀ ପୁରୁଣା ହୋଇଗଲେ ଏହାକୁ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ କବାଡ଼ିବାଲାଙ୍କୁ ବିକ୍ରି କରିଦେଇଥାନ୍ତି। ହେଲେ କାନାଡ଼ାରେ ଘର ଆଗରେ ପୁରୁଣା ଆସବାବପତ୍ର କିମ୍ବା ଅନ୍ୟାନ୍ୟ ଜିନିଷ ରଖିବାର ଏକ ସୁନ୍ଦର ପରମ୍ପରା ରହିଛି। ଯେତେବେଳେ ଲୋକେ ଘର ବଦଳାନ୍ତି କିମ୍ବା ନୂଆ ଆସବାବପତ୍ର କିଣନ୍ତି, ସେତେବେଳେ ସେମାନଙ୍କର ପୁରୁଣା କିନ୍ତୁ ବ୍ୟବହାରୋପଯୋଗୀ ସୋଫା, ଚେୟାର, ଟେବୁଲ୍, ବହି ବା ଖେଳନା ଆଦିକୁ ରାସ୍ତା କଡ଼ରେ ରଖିଦିଅନ୍ତି। ତାହା ଉପରେ ଅନେକ ସମୟରେ 'ଫ୍ରି' ବୋଲି ଏକ ବୋର୍ଡ ମଧ୍ୟ ଲଗାଇ ଦିଅନ୍ତି। ଯେଉଁମାନଙ୍କର ସେହି ଜିନିଷଗୁଡ଼ିକର ଆବଶ୍ୟକତା ଥାଏ ବିଶେଷ କରି ଗରିବ ଶ୍ରେଣୀର ଲୋକ, ସହରକୁ ନୂଆ କରି ଆସିଥିବା ଛାତ୍ରଛାତ୍ରୀ କିମ୍ବା ପ୍ରବାସୀ ସେମାନେ ତାକୁ ମାଗଣାରେ ନିଜ ଘରକୁ ନେଇ ବ୍ୟବହାର କରନ୍ତି। ଜିନିଷଗୁଡ଼ିକୁ ଅଳିଆ ଆବର୍ଜନା କୁଡ଼କୁ ନ ଫିଙ୍ଗି, ସେଗୁଡ଼ିକର ପୁନଃବ୍ୟବହାର କରିବା ପାଇଁ ଏହା ଏକ ଭଲ ମାଧ୍ୟମ। ତେବେ ଏଠାରେ ବଡ଼ ବଡ଼ ଜିନିଷ ଯେପରିକି ସୋଫା, ଗଦି କିମ୍ବା ଟେବୁଲ୍‌କୁ କେନ୍ଦ୍ରୀୟ ବର୍ଜ୍ୟବସ୍ତୁ ଗାଡ଼ିରେ ପକାଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି ଏବଂ କେତେକ ସ୍ଥାନରେ ଏଥିପାଇଁ ଫି' ମଧ୍ୟ ଦେବାକୁ ପଡ଼େ। ତେଣୁ, ଲୋକେ ଏହାକୁ ଘର ଆଗରେ ରଖିଦିଅନ୍ତି ଯାହାଦ୍ୱାରା କାହାର ଆବଶ୍ୟକତା ଥିଲେ ସେ ନେଇଯାଏ, ନଚେତ୍ ପୌରପାଳିକାର ସ୍ୱତନ୍ତ୍ର ବଡ଼ ଆବର୍ଜନା ଗାଡ଼ି ଆସି ସେଗୁଡ଼ିକୁ ନେଇଯାଏ। ନିକଟରେ ଭାରତୀୟ ଦମ୍ପତି ରୁମାନ ଏବଂ ତରୁଣ ଏହି ନିଆରା ଟ୍ରେଣ୍ଡର ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ରୁମାନ ରାସ୍ତାକଡ଼ରେ ରଖାଯାଇଥିବା ସୋଫା, ବଡ଼ ଟିଭି, ବାସନ ସଫା କରୁଥିବା ମେସିନ୍ ପରି ଅନେକ ଉପଯୋଗୀ ସାମଗ୍ରୀ ଦେଖାଇଥିଲେ। କାହାକୁ ନ ପଚାରି ଏହାକୁ ଘରକୁ ନେଇ ପାରିବେ ବୋଲି ରୁମାନ କହିଥିଲେ। ଏହାପରେ ସେ ରାସ୍ତାରେ ରଖାଯାଇଥିବା ଅନ୍ୟାନ୍ୟ ଜିନିଷକୁ ଦେଖାଇବା ସହ ଏହି ସମସ୍ତ ସାମଗ୍ରୀ ଲୋକଙ୍କ ପାଇଁ ମାଗଣାରେ ଉପଲବ୍ଧ ବୋଲି କହିଥିଲେ। କାନାଡ଼ାର ଏଭଳି ବ୍ୟବସ୍ଥା ସମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଭଳି ବ୍ୟବସ୍ଥା ଭାରତରେ ମଧ୍ୟ ହେବା ଦରକାର ବୋଲି ଏଥିରେ ଅନେକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି।

## ସୁନ୍ଦର ଦିଶିବା ଚାପ
### ଘରେ ଘରେ ପ୍ଲାଷ୍ଟିକ୍ ସର୍ଜରୀ

ଦକ୍ଷିଣ କୋରିଆକୁ ବିଶ୍ୱର ପ୍ଲାଷ୍ଟିକ୍ ସର୍ଜରୀର ରାଜଧାନୀ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ସେଠାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇବା ଏକ ମାମୁଲି କଥା। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ସୌନ୍ଦର୍ଯ୍ୟକୁ ବହୁତ ଗୁରୁତ୍ୱ ଦିଆଯାଏ। ବଡ଼ ଆଖି, ଗୋରା ରଙ୍ଗ ଏବଂ ଭି-ଶେପ୍ ଥୋଡ଼ିକୁ ସେଠାରେ ସୁନ୍ଦରତାର ପ୍ରତୀକ ମାନନ୍ତି। ଏପରିକି ସେଠାରେ ଚାକିରି ଆବେଦନ ପତ୍ରରେ ନିଜର ଫଟୋ ଲଗାଇବା ଜରୁରି। ଲୋକେ ବିଶ୍ୱାସ କରନ୍ତି ଯେ, ଭଲ ଦିଶିଲେ ଚାକିରି ମିଳିବା ସହଜ ହୋଇଥାଏ। ଅନେକ ସମୟରେ ପିଲାମାନେ ସ୍କୁଲ ବା କଲେଜରେ ଭଲ ନମ୍ବର ରଖି ପାସ୍ କଲେ, ସେମାନଙ୍କ ବାପା-ମା' ଖୁସି ହୋଇ ସେମାନଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପ୍ୟାକେଜ୍ ଉପହାର ଦିଅନ୍ତି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦକ୍ଷିଣ କୋରିଆରେ ପ୍ଲାଷ୍ଟିକ୍ ସର୍ଜରୀ ହାର ସବୁଠାରୁ ଅଧିକ। ଏକ ରିପୋର୍ଟ ଅନୁସାରେ, ସେଠାରେ ପ୍ରତି ୧,୦୦୦ ଜଣ ଲୋକରେ ପ୍ରାୟ ୮.୯ ରୁ ୧୩.୫ ପ୍ରତିଶତ ଲୋକଙ୍କର କସମେଟିକ୍ ସର୍ଜରୀ ହୋଇଥାଏ। ସେହିପରି ୧୯ ରୁ ୨୯ ବର୍ଷ ମଧ୍ୟରେ ପ୍ରାୟ ୨୫ ପ୍ରତିଶତ ମହିଳା ଥରୁଟିଏ ନିହାତି କସମେଟିକ୍ ସର୍ଜରୀ କରାଇଛନ୍ତି। ସିୟୋଲ ସହରର ଗଙ୍ଗନାମ ଅଞ୍ଚଳ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ପରିଚିତ। ଏଠାରେ ବହୁ ସଂଖ୍ୟକ କସମେଟିକ୍ ସର୍ଜରୀ କ୍ଲିନିକ୍ ଅଛି। ସବୁଠୁ ଅଧିକ କରାଯାଉଥିବା ପ୍ଲାଷ୍ଟିକ୍ ସର୍ଜରୀ ମଧ୍ୟରେ ଡବଲ ଆଇଲିଡ୍ ସର୍ଜରୀ ସାମିଲ ଅଛି। ଏହାବାଦ୍ ନାକ ସର୍ଜରୀ, ଜବ୍-ଲାଇନ୍‌କୁ ଭି-ଶେପ୍ କରିବା ମଧ୍ୟ ବେଶ୍ ଲୋକପ୍ରିୟ। ଅନ୍ୟପଟେ ପ୍ରତ୍ୟେକ କୋରିଆ ବ୍ୟକ୍ତି ପ୍ଲାଷ୍ଟିକ୍ ସର୍ଜରୀକୁ ଜରୁରି ବୋଲି ଭାବନ୍ତି ନାହିଁ, କିନ୍ତୁ ସୁନ୍ଦର ଦେଖାଯିବା ନେଇ ସାମାଜିକ ଚାପ ଯୋଗୁଁ ଏହା ଏବେ ଏଠାକାର ସାଧାରଣ ଚଳଣିରେ ପରିଣତ ହୋଇଛି।





## ଶ୍ରାବଣ ଶେଷ ସୋମବାର

**ଆଜି ଶେଷ ହେଲା ପବିତ୍ର ଶ୍ରାବଣ ମାସ। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।**

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅନ୍ତିମ ସୋମବାରରେ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

ଶ୍ରାବଣ ଶେଷ ସୋମବାରରେ ରୁଦ୍ରାଭିଷେକ କରିବାରେ ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣ ମାସର ଶେଷ ସୋମବାର ନୁହେଁ, ଏହି ମାସରେ ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ।

## ସ୍ୱସ୍ତି

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଶ୍ରାବଣ ପୂର୍ଣ୍ଣିମାର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଙ୍ଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## କେଉଁ ଦେବତାଙ୍କୁ ବାନ୍ଧିବେ ରାକ୍ଷୀ

**ରାକ୍ଷୀପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ଅଛି। ଏହି କ୍ରମରେ ଏହି ଶୁଭ ଅବସରରେ ୫ ଦେବତାଙ୍କୁ ରାକ୍ଷୀ ବାନ୍ଧିଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଅନେକ ସ୍ଥାନରେ ଏଭଳି ନିୟମ ଅଛି ଯେ, ଭାଇ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଏହି ଦେବତାଙ୍କୁ ରାକ୍ଷୀ ବାନ୍ଧିବା ଦରକାର। ଏହାଦ୍ୱାରା ଜୀବନର ଦୁଃଖ, ଭୟ, ସଙ୍କଟର ନାଶ ଓ ସୁଖସମୃଦ୍ଧିର ଆଶୀର୍ବାଦ ମିଳିଥାଏ।**



**ଗଣେଶ:** ରକ୍ଷାବନ୍ଧନ ଦିନ ପ୍ରଥମ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କୁ ରାକ୍ଷୀ ବାନ୍ଧିବା ଉଚିତ। ଗଣେଶ ଜୀବନରେ ସଙ୍କଟ ଓ କାର୍ଯ୍ୟରେ ଦେଖାଦେବାକୁ ଥିବା ବାଧାକୁ ନଷ୍ଟ କରନ୍ତି। ଏହିପରି ଭାବେ ଧୀରେ ଧୀରେ ସମସ୍ତ ସମସ୍ୟା ଦୂର ହୁଏ। ଏହିଦିନ ଭଗବାନ ଗଣେଶଙ୍କୁ ନାଲି କିମ୍ବା ହଳଦୀ ରଙ୍ଗର ରାକ୍ଷୀ ବାନ୍ଧିବା ଶୁଭଦାୟକ ହୋଇଥାଏ।

**ଶିବ:** ଶ୍ରାବଣ ମାସରେ ଶିବଙ୍କ ବିଶେଷ ପୂଜା କରାଯାଏ। ଶିବଙ୍କୁ ରାକ୍ଷୀ ବାନ୍ଧିଲେ ଖୁବ୍ ପ୍ରସନ୍ନ ହୋଇଥାନ୍ତି। ଭଗବାନ ଶିବ ଯେଭଳି ବିଷ ପାନ କରି ସୃଷ୍ଟିର ରକ୍ଷା କରିଥିଲେ, ଠିକ୍‌ସେମିତି ସେ ସବୁ କ୍ଷଣରେ ଲୋକଙ୍କୁ ରକ୍ଷା କରନ୍ତି। ସବୁଜ ରଙ୍ଗ ରାକ୍ଷୀ ବାନ୍ଧିଲେ ଶୁଭଫଳ ପ୍ରାପ୍ତି ହୁଏ।

**ହନୁମାନ:** ରକ୍ଷା ବନ୍ଧନରେ ରାକ୍ଷୀ ହନୁମାନଙ୍କୁ ନିହାତି ବାନ୍ଧିବା ଦରକାର। ହନୁମାନ ନିଜ ଭକ୍ତର ରକ୍ଷା କରିବା ସହ ପ୍ରସନ୍ନ ହୋଇ ଜୀବନ ତମାମ କୃପା ବର୍ଷା କରନ୍ତି। ସେହିପରି ସବୁ ସଙ୍କଟ ନାଶ କରନ୍ତି। ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ବଳ ବୁଦ୍ଧି ପ୍ରାପ୍ତ ହୁଏ। ରକ୍ଷାସୂତ୍ର ବାନ୍ଧିଲେ ମଙ୍ଗଳ ଦୋଷ ଦୂର ହୁଏ। ହନୁମାନଙ୍କୁ ନାଲି କିମ୍ବା ନାରଙ୍ଗୀ ରକ୍ଷାସୂତ୍ର ବାନ୍ଧିବା ଶୁଭ।

**ଶ୍ରୀକୃଷ୍ଣ:** ରକ୍ଷା ବନ୍ଧନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ବି ରାକ୍ଷୀ ବାନ୍ଧିବା ଦରକାର। ଏହା ପଛରେ ମହାଭାରତ କାହାଣୀ ଜଡ଼ିତ ଅଛି। ପୌରାଣିକ କାହାଣୀ ଅନୁସାରେ, ଦ୍ରୌପଦୀ ଭଗବାନ କୃଷ୍ଣଙ୍କୁ ରକ୍ଷାସୂତ୍ର ବାନ୍ଧିଥିଲେ ଓ ସେବେଠୁ ରାକ୍ଷୀ ବାନ୍ଧିବା ପରମ୍ପରା ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣ ମଧ୍ୟ ଦ୍ରୌପଦୀଙ୍କ ରକ୍ଷା କରିବା ବଚନ ଦେଇଥିଲେ। ମହାଭାରତରେ ବସ୍ତ୍ରହରଣ ସମୟରେ ଭଗବାନ କୃଷ୍ଣ ଦ୍ରୌପଦୀଙ୍କ ମାନସମ୍ମାନ ରକ୍ଷା କରିଥିଲେ। ତେଣୁ ଏହିଦିନ ରାକ୍ଷୀ ବାନ୍ଧିଲେ ଜୀବନରୁ ଦୁଃଖ ନାଶ ହୁଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**

କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।



ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।

■ ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି

# ସେମିଫାଇନାଲରେ ନେଦରଲ୍ୟାଣ୍ଡସ

ଆମଷ୍ଟଲ୍‌ଭିନ୍,୨୩।୮ (ଏଜେନ୍ସି): ଯୁଗ୍ମ ଆୟୋଜକ ତଥା କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ଜିତିଥିବା ନେଦରଲ୍ୟାଣ୍ଡସ ମହିଳା ଟିମ୍ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା ପୁଲ୍-ଇ' କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସ ୪-୧ ଗୋଲରେ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍‌କୁ ପରାସ୍ତ କରିଛି। ପୂର୍ବରୁ ଦଳ ଭାରତକୁ ୨-୦ ଗୋଲରେ ହରାଇଥିଲା ଓ ପୁଲ୍ ମ୍ୟାଚ୍‌ରୁ ପୂରା ପଏଣ୍ଟ ନେଇ ଆସିଥିଲା। ଏହା ଫଳରେ ୬ ପଏଣ୍ଟ ସହ ନେଦରଲ୍ୟାଣ୍ଡସ ପୁଲ୍-ଇ'ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-ଏ'ର ଲିଗ୍ ମ୍ୟାଚ୍ ଆସନ୍ତାକାଲି ଶେଷ ହେବା ପରେ ସେମିରେ ନେଦରଲ୍ୟାଣ୍ଡସ କାହା ସହ ଖେଳିବ ତାହା ସ୍ଥିର ହେବ। ନେଦରଲ୍ୟାଣ୍ଡସର ଏହି ବିଜୟ ଫଳରେ ଭାରତ ନିକଟରେ ସେମିଫାଇନାଲ ଖେଳିବା ରାସ୍ତା ଉନ୍ମୁକ୍ତ ରହିଛି। ଆଜି ରାତିରେ ଖେଳାଯିବାକୁ ଥିବା ମୁକାବିଲାରେ ଭାରତ ଯଦି ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରେ ତେବେ ସେମିଫାଇନାଲରେ ପ୍ରବେଶ କରିବ।

ସେହିପରି ପୁରୁଷ ଦଳ ଆସନ୍ତାକାଲି ଆର୍ଜେଣ୍ଟିନାକୁ ଭେଟି। ଏଥିରେ ଭାରତ ଯଦି ୩-୦ କିମ୍ବା ୨-୦ ଗୋଲରେ ବିଜୟୀ ହୁଏ, ତେବେ ଭାରତର ସେମିଫାଇନାଲ ଖେଳିବା ସମ୍ଭାବନା ରହିଛି।

# ଏଆଇଟିଏ ସଭାପତି ଦୌଡ଼ରେ ଲିଆଣ୍ଡର

ପୁଣେ,୨୩।୮ (ଏଜେନ୍ସି): ଭାରତୀୟ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ (ଏଆଇଟିଏ) ସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଏକକ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ପେସ୍ ନୂଆ କ୍ରୀଡ଼ା ପ୍ରଶାସନ ନିୟମ ଅନୁସାରେ 'ଟିଅର-୧' ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ସାମିଲ ହେବେ। ଟେନିସ୍‌ରେ ସେ ଏହି ବର୍ଗ ପାଇଁ ଏକମାତ୍ର ଯୋଗ୍ୟ ଖେଳାଳି ବୋଲି ଏଆଇଟିଏ ପକ୍ଷରୁ କୁହାଯାଇଛି। ଖେଳାଳିମାନେ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହା ପରେ ନଭେମ୍ବରରେ ଏଆଇଟିଏ ନିର୍ବାଚନ ହେବାର ସମ୍ଭାବନା ରହିଛି। ୫୩ ବର୍ଷୀୟ ପେସ୍ ଭାରତର ଅନ୍ୟତମ ସଫଳ ଟେନିସ୍ ଖେଳାଳି। ଅଲିମ୍ପିକ୍ ପଦକ ବ୍ୟତୀତ ସେ ଏକାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ଭାରତୀୟ ଟେନିସ୍‌କୁ ବିଶ୍ୱ ମଞ୍ଚରେ ଗୌରବାନ୍ୱିତ କରିଛନ୍ତି। ଏଆଇଟିଏ ପକ୍ଷରୁ କ୍ରୀଡ଼ାବିତ୍‌ମାନଙ୍କୁ ନାମାଙ୍କନ ଦାଖଲ ପାଇଁ ୬୦ ଦିନର ସମୟ ଦିଆଯାଇଛି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ଶେଷ ତାରିଖ ଅକ୍ଟୋବର ୧୫। ଏହା ପରେ ନଭେମ୍ବରରେ ଏଆଇଟିଏର ନିର୍ବାଚନ ହେବାର ସମ୍ଭାବନା ରହିଛି।

# ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଜିତିଲା ଇଷ୍ଟ ବେଙ୍ଗଲ୍

କୋଲକାତା,୨୩।୮ (ଏଜେନ୍ସି): ଦୀର୍ଘ ୨୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଡୁରାଣ୍ଡ କପ୍‌୨୦୨୬ ଚାମ୍ପିୟନ୍ ହୋଇଛି ଇଷ୍ଟ ବେଙ୍ଗଲ୍। ରବିବାର କୋଲକାତାର ସଲ୍ଟ ଲେକ୍‌ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନ ସୁପର ଜାଏଣ୍ଟକୁ ୪-୧ ଗୋଲ୍‌ରେ ପରାସ୍ତ କରି ଟ୍ରଫି ହାତେଇଛି ଇଷ୍ଟ ବେଙ୍ଗଲ୍। ଏହି ସହ ଇଷ୍ଟ ବେଙ୍ଗଲ୍ ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଟ୍ରଫି ଜିତି ୧୭ତମ ଡୁରାଣ୍ଡ କପ୍ ଟାଇଟଲ୍ ହାସଲ କରିଛି। ଏସିଆର ଏହି ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତାରେ ମୋହନ ବାଗାନ ସହ ଇଷ୍ଟ ବେଙ୍ଗଲ୍ ମଧ୍ୟ ସର୍ବାଧିକ ଟାଇଟଲ୍ ଜିତିଥିବା ଦଳ ହୋଇଛି। ଇଷ୍ଟ ବେଙ୍ଗଲ୍‌ର ବିଜୟର ମୁଖ୍ୟ ନାୟକ ରହିଥିଲେ ଏଡମଣ୍ଡ ଲାଲ୍ରିନ୍ଦିକା। କୋଲକାତା ଡର୍ବିର ଡୁରାଣ୍ଡ କପ ଫାଇନାଲ୍‌ରେ ଏଡମଣ୍ଡଙ୍କ ହ୍ୟାଟ୍ରିକ୍ ଏକ ଐତିହାସିକ ଘଟଣା। ସେ ପ୍ରଥମାର୍ଦ୍ଧରେ ହିଁ ହ୍ୟାଟ୍ରିକ୍ କରି ମୋହନ ବାଗାନର ରକ୍ଷଣଭାଗକୁ ଧ୍ୱସ୍ତ କରିଦେଇଥିଲେ। ଇଷ୍ଟ ବେଙ୍ଗଲ୍‌ପକ୍ଷରୁ ବିପିନ ସିଂହ ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ମହମ୍ମଦ ରସିଦଙ୍କ ପାସ୍‌ରୁ ବିପିନ ସିଂହ ଗୋଲ୍‌କରି ଇଷ୍ଟ ବେଙ୍ଗଲ୍‌କୁ ଆଗୁଆ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଏଡମଣ୍ଡ ଗୋଲ୍‌କରି ବ୍ୟବଧାନ ୨-୦ କରିଦେଇଥିଲେ। ୨୨ତମ ମିନିଟ୍‌ରେ ଏଡମଣ୍ଡ ପୁଣି ଗୋଲ୍‌କରି ନିଜ ଦଳକୁ ୩-୦ରେ ଆଗୁଆ କରିଥିଲେ। ମୋହନ ବାଗାନ ପକ୍ଷରୁ ୩୩ତମ ମିନିଟ୍‌ରେ ମନବୀର ସିଂହ ଗୋଟିଏ ଗୋଲ୍ ଶୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ, ୪୪ତମ ମିନିଟ୍‌ରେ ଏଡମଣ୍ଡ ନିଜର ତୃତୀୟ ଗୋଲ୍‌କରି ହ୍ୟାଟ୍ରିକ୍ ପୂରଣ କରିଥିଲେ।

ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଆଲେକ୍ସ ଓ ଆନ୍ ଏକକ ଚାମ୍ପିଅନ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି)

ଫ୍ରାନ୍ସର ଆଲେକ୍ସ ଲାନିଅରଙ୍କ ଇତିହାସ ଓ ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ୍‌ଙ୍କ ଟାଇଟଲ ବିଜୟ ସହ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ପୁରୁଷ ବିଭାଗ ଏକକ ଫାଇନାଲରେ ଫ୍ରାନ୍ସର ୨୧ ବର୍ଷୀୟ ଲାନିୟର ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ଜାପାନର କୋଡାଇ ନାରାଓକାଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ବିଜୟୀ ହୋଇଥିଲେ। ଏହି ୟୁରୋପୀୟ ଚାମ୍ପିଅନ ଲାନିୟର ଫ୍ରାନ୍ସର ପ୍ରଥମ ଖେଳାଳି ଭାବେ ଏହି ସମ୍ମାନଜନକ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରଥମ ଟାଇଟଲ କବ୍‌ଜା କରିଛନ୍ତି। ପ୍ରଥମଥର ଲାଗି ଏହି ଇଭେଣ୍ଟର ଫାଇନାଲରେ ପ୍ରଥମ ୮ ଜଣ ଖେଳାଳି ସ୍ଥାନ ହାସଲ କରିବାରେ ବିଫଳ ହୋଇଛନ୍ତି।







■ ଲାନିଅର ଫ୍ରାନ୍ସର ପ୍ରଥମ ବିଶ୍ୱ ଚାମ୍ପିଅନ
■ ଟାଇଟଲ୍ ବଜାୟ ରଖିଲେ ସେ-ୟଙ୍ଗ୍
■ ଦ.କୋରିଆ, ଫ୍ରାନ୍ସକୁ ଡବଲ ଟାଇଟଲ୍
■ ଭାରତର ତ୍ରିଶା-ଗାୟତ୍ରୀଙ୍କୁ ପ୍ରଥମ ପଦକ

ମହିଳା ଏକକ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୪ ସିଧାସଳଖ ସେଟରେ ପରାସ୍ତ କରି ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲେ। ପୁରୁଷ ଯୁଗଳରେ ଚୀନ୍‌ର ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍, ମହିଳା ଯୁଗଳରେ ଦକ୍ଷିଣ କୋରିଆର ବାଏକ ହା-ନା ଓ ଲୀ ସୋ-ହୀ ଏବଂ ମିଶ୍ରିତ ଯୁଗଳରେ ଫ୍ରାନ୍ସର ଥମ୍ ଗ୍ରିକ୍ସେଲ ଓ ଡେଲଫାଇନ୍ ଡେଲର୍ୟୁ ଚାମ୍ପିଅନ ହୋଇଛନ୍ତି। ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫ୍ରାନ୍ସର ଅଭ୍ୟୁଦୟ ହୋଇଛି। ଦୀର୍ଘ ୧୭ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରୁଥିବା ଭାରତ ପକ୍ଷରୁ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ କାଂସ୍ୟ ପଦକ ଜିତି ସମ୍ମାନ ରଖିବାରେ ସମର୍ଥ ହୋଇଛନ୍ତି। ଘରୋଇ ମାଟିରେ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍‌ଙ୍କଠାରୁ ପଦକ ଆଶା କରାଯାଉଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ।

## ପଦକ ବିଜେତା

**ପୁରୁଷ ଏକକ**

ସ୍ୱର୍ଣ୍ଣ- ଆଲେକ୍ସ ଲାନିଅର (ଫ୍ରାନ୍ସ), ରୌପ୍ୟ- କୋଡାଇ ନାରାଓକା (ଜାପାନ), କାଂସ୍ୟ (୨)-ଚୋଉ ତିଏନ (ତାଇପେ) ଓ ଭିକ୍ଟର ଲାଇ (କାନାଡା)।

**ମହିଳା ଏକକ**

ସ୍ୱର୍ଣ୍ଣ- ଆନ୍ ସେ ୟଙ୍ଗ୍ (ଦକ୍ଷିଣ କୋରିଆ), ରୌପ୍ୟ- ଆକାନେ ୟାମାଗୁଚି (ଜାପାନ), କାଂସ୍ୟ (୨)- ୱାଙ୍ଗ ଝିୟି (ଚୀନ୍) ଓ ପର୍ଣ୍ଣପାୱି ଚୋଚୁୱଙ୍ଗ (ଥାଇଲାଣ୍ଡ)।

**ପୁରୁଷ ଯୁଗଳ**

ସ୍ୱର୍ଣ୍ଣ-ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ (ଚୀନ୍), ରୌପ୍ୟ- ଆରୋନ ଚିଆ-ସୋ ୱି ୟିକ୍ (ମାଲେସିଆ), କାଂସ୍ୟ (୨)- କିମ୍ ଓନ୍-ହୋ ଓ ସିଓ ସେଉଙ୍ଗ-ଜାଏ (ଦ. କୋରିଆ) ଏବଂ ଲୀ ଝେ-ହୁଏଇ ଓ ୟାଙ୍ଗ୍ ପୋ-ସୁଆନ୍ (ଚାଇନିଜ୍ ତାଇପେଇ)।

**ମହିଳା ଯୁଗଳ**

ସ୍ୱର୍ଣ୍ଣ- ବାଏକ ହା-ନା ଓ ଲୀ ସୋ-ହୀ (ଦ.କୋରିଆ), ରୌପ୍ୟ- ଲିଉ ଶେଙ୍ଗସୁ ଓ ତାନ ନିଙ୍ଗ (ଚୀନ୍), କାଂସ୍ୟ (୨)- ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ (ଭାରତ), ଏବଂ ଲି ୟିଜିଙ୍ଗ୍ ଓ ଲୁଓ ଜୁମିନ୍ (ଚୀନ୍)।

**ମିଶ୍ରିତ ଯୁଗଳ**

ସ୍ୱର୍ଣ୍ଣ- ଥମ୍ ଗ୍ରିକ୍ସେଲ ଓ ଡେଲଫାଇନ୍ ଡେଲର୍ୟୁ (ଫ୍ରାନ୍ସ), ରୌପ୍ୟ- ଫେଙ୍ଗ୍ ୟାନ୍‌ଝୀ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍ (ଚୀନ୍), କାଂସ୍ୟ (୨)- ଜିଆଙ୍ଗ ଝେନ୍‌ବାଙ୍ଗ ଓ ୱେଇ ୟାସିନ୍ (ଚୀନ୍) ଏବଂ ଆମ୍‌ରି ଶ୍ୟାନ୍ନି ଓ ନିତା ଭିଓଲିନା (ଇଣ୍ଡୋନେସିଆ)।

# କର୍ଣ୍ଣ ଶର୍ମାଙ୍କ ଅବସର

ଲକ୍ଷ୍ନୌ,୨୩।୮ (ଏଜେନ୍ସି): ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମା ୩୮ ବର୍ଷରେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ୍‌ରୁ ଅବସର ନେବାକୁ ଘୋଷଣା କରିଛନ୍ତି। ୨୦୧୪ରେ ଭାରତ ପକ୍ଷରୁ ଗୋଟିଏ ଲେଖାଏଁ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ, ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟରେ ସେ ୨୦୦୭ରେ ରେଳବାଇ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ ଓ ପରେ ବିଦର୍ଭ ଓ ଆନ୍ଧ୍ର ପକ୍ଷରୁ ଖେଳିଥିଲେ। ଏବେ ସେ ୟୁପି ଟି-୨୦ ଲିଗ୍ ଖେଳୁଥିବା ବେଳେ କାନପୁର ସୁପରଷ୍ଟାରସ ପକ୍ଷରୁ ଅଗଷ୍ଟ ୨୫ରେ ତାଙ୍କ ଜୀବନର ଶେଷ ପ୍ରତିଯୋଗିତାମୂଳକ କ୍ରିକେଟ ମ୍ୟାଚ୍ ଖେଳିବେ। ପ୍ରଥମଶ୍ରେଣୀ କ୍ରିକେଟରେ କର୍ଣ୍ଣ ୯୭ଟି ମ୍ୟାଚ୍ ଖେଳି ୨୭୦ଟି ୱିକେଟ ପାଇଥିଲାବେଳେ ୨ଟି ଶତକ ଅର୍ଜନ କରିଥିଲେ।

ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ

# ଦେବଦତ୍ତ ପାଡ଼ିକଲଙ୍କ କ୍ରମାଗତ ଶତକ

କଲମ୍ବୋ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଆଜି ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନଂ-୩ ଦେବଦତ୍ତ ପାଡିକଲ ଶତକ ହାସଲ କରିଛନ୍ତି। ସେ ୦ ଓ ୧ରେ ପାଇଥିବା ଜୀବନଦାନରୁ ପୂରା ଫାଇଦା ଉଠାଇ ୧୧୭ ରନ୍‌ରେ ଆଉଟ ହୋଇଥିଲାବେଳେ ପ୍ରଥମ ଦିନରେ ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିନେଇଛି। ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୟସ୍ୱାଲ ୪୫ ଓ ରବୀନ୍ଦ୍ର ଜାଡେଜା ୪୩ରନ୍‌ର ଯୋଗଦାନ ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୧୬୫ ରନ୍‌ରେ ଜିତିଥିବା ଭାରତ ପକ୍ଷରୁ ପାଡିକଲ ୧୬୭ ରନ୍ କରିଥିଲେ। ଫଳରେ ଏହି ସିରିଜ୍‌ର କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ପାଡିକଲ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ୱିକେଟରକ୍ଷକ ଋଷଭ ପନ୍ତଙ୍କ ବାହୁରେ ବଲ ବାଜିବାରୁ ସେ ରିଟାୟର୍ଡ ହର୍ଟ ହୋଇଛନ୍ତି। ଆସନ୍ତାକାଲି ସେ ବ୍ୟାଟିଂ କରିପାରିବେ ବୋଲି ଆଶା କରାଯାଉଛି। ସେହିପରି ୩୩ ବର୍ଷ ୧୪୫ ଦିନରେ ଅଫ୍ ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଟେଷ୍ଟ ଡେବ୍ୟୁ କରିଛନ୍ତି।



ଅଧିନାୟକ ଶୁବମନ ଗିଲ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲେ। ଦଳର ଦୁଇ ଓପନର ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ପ୍ରଥମ ସେସନରେ ଉଭୟ ଜୟସ୍ୱାଲ ଓ ରାହୁଲ (୧୮ ରନ୍) ଅଯଥାରେ ଆଉଟ ହୋଇଥିଲେ। ୬୬ ରନ୍‌ରେ ଦଳ ଦୁଇଟି ୱିକେଟ ହରାଇବା ପରେ ପାଡିକଲ ଓ ଗିଲ୍ ଦ୍ୱିତୀୟ ୱିକେଟ୍‌ରୁ ୧୨୦ ରନ୍ ଉଠାଇ ଦଳକୁ ଏକ ବଡ ସ୍କୋର କରିବାର ରାସ୍ତା ଦେଖାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କିଛି ସଟ୍ ନ ଖେଳି ଗିଲ୍ ତୃତୀୟ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ସମୟରେ ପାଡିକଲ ଧୈର୍ଯ୍ୟର ସହ ଖେଳୁଥିଲାବେଳେ ପନ୍ତ ଆହତ ହୋଇଥିଲେ। ପରେ ଜାଡେଜା ବ୍ୟାଟିଂ କରିବା ଫଳରେ ଏହି ୩ ଖେଳାଳି ଚତୁର୍ଥ ୱିକେଟ୍‌ରୁ ୯୫ ରନ୍ ଉଠାଇଥିଲେ। ପନ୍ତଙ୍କ ସହ ୨୧ ଓ ଜାଡେଜାଙ୍କ ସହ ୭୪ ରନ୍ ଉଠାଇବା ପରେ ପାଡିକଲ ୧୧୭ ରନ୍ କରି ଆଉଟ ହୋଇଥିଲେ। ଏଥିଲାଗି ସେ ୧୯୩ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଶେଷ ଖେଳାଳିଭାବେ ଆଉଟ ହୋଇଥିବା ଜାଡେଜା ୪୩ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୬ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ୍‌ରେ ଦୁର୍ଗ ସମ୍ଭାଳିଥିଲେ। ଶ୍ରୀଲଙ୍କାର ପେସ୍ ବୋଲରମାନେ ଭଲ ବୋଲିଂ କରି ୫ଟି ମଧ୍ୟରୁ ୪ଟି ୱିକେଟ ପାଇଥିଲେ। କେଶରା ନୁୱାନ୍ଥାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା। ଆସନ୍ତାକାଲି ଭାରତୀୟ ବ୍ୟାଟରଙ୍କ ଉପରେ ଏହି ଟେଷ୍ଟ ଫଳାଫଳ ନିର୍ଭର କରୁଛି।

ଅଷ୍ଟ୍ରେଲିଆ ବନାମ ବାଂଲା ଦ୍ୱିତୀୟ ଟେଷ୍ଟ

# ଷ୍ଟାର୍କ ନେଲେ ୧୦, ଦୁଇ ଦିନରେ ଲଢ଼େଇ ଶେଷ



ମାକୟ,୨୩।୮ (ଏଜେନ୍ସି): ଭେଟେରାନ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଷ୍ଟାର୍କ (୪/୩୯), ପ୍ୟାଟ କମିନ୍ସ (୩/୧୦) ଓ ନାଥାନ ଲାୟନ (୩/୨୫)ଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫୧ ରନ୍‌ରେ ଦ୍ୱିତୀୟ ଟେଷ୍ଟକୁ ଜିତିଥିଲା। ପୂର୍ବରୁ ଡାରୱିନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ୯ ୱିକେଟରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରହିଛି। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଷ୍ଟାର୍କଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୨ଟି ଯାକ ଟେଷ୍ଟରେ ୧୨ ୱିକେଟ ନେବା ସହ ୨୦ ରନ୍ କରିଥିବା ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟାର୍କ ୬ ୱିକେଟ ନେବା ଫଳରେ ବାଂଲାଦେଶର ପ୍ରଥମ ଇନିଂସ ୬୪ ରନ୍‌ରେ ଶେଷ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୧୦ ରନ୍‌ରେ ଅଲଆଉଟ ହୋଇ ୧୪୬ ରନ୍‌ରେ ଆଗୁଆ ରହିଥିଲା। ବାଂଲା ପକ୍ଷରୁ ଶୋରିଫୁଲ ଇସ୍‌ଲାମ୍ ୭ଟି ୱିକେଟ ନେଇଥିଲେ। ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ଜିତିବା ସହ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଥିଲା।

ଦୁଲୀପ୍ ଟ୍ରଫି କ୍ରିକେଟ

# ସୁଯୋଗ ପାଇଲେନି ସେନାପତି

ବେଙ୍ଗାଲୁରୁ,୨୩।୮ (ଏଜେନ୍ସି): ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୨ରେ ଆଜି ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୫ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ବେଙ୍ଗଲର ଦୁଇ ବ୍ୟାଟର ସୁଦୀପ କୁମାର ଘରାମୀ ସର୍ବାଧିକ ୧୪୬ ଓ ଶାହବାଜ ଅହମ୍ମଦ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଝାଡଖଣ୍ଡ ୱିକେଟ ରକ୍ଷକ କୁମାର କୁଶାଗ୍ର ତୃତୀୟ ସର୍ବାଧିକ ସ୍କୋର ୫୫ ରନ୍ କରିଥିଲେ। ୬ ନମ୍ବରରେ ବ୍ୟାଟିଂ କରିଥିବା ଅଧିନାୟକ ଇଶାନ କିଶାନ ୪ ଓ ବୈଭବ ସୂର୍ଯ୍ୟବଂଶୀ ୮ ରନ୍ କରିବାକୁ ସମର୍ଥ ହୋଇଥିଲେ। ସଫଳ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୫ ରନ୍ କରି ଫେଲ ମାରିଥିଲେ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଉ ନ ଥିବା ଓଡ଼ିଶା ଖେଳାଳିମାନେ କିପରି ଜାତୀୟ ଦଳରେ ସ୍ଥାନ ପାଇବେ ତାହା ଆମର ଭବିଷ୍ୟତ ଗଢ଼ିବାକୁ ଠିକା ନେଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ପୁଣି ଏକ ୪ ବର୍ଷିଆ ଯୋଜନା କରିବ ବୋଲି ସ୍ପଷ୍ଟ ହୋଇଛି।



### ଉତ୍ତରାଞ୍ଚଳ ୨୫୧ରେ ସୀମିତ

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ପଶ୍ଚିମାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୨୫୧ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜ ସର୍ବାଧିକ ୬୦, ଆୟୁଷ ବଦୋନି ୫୧ ରନ୍ କରିଥିଲେ। ପଶ୍ଚିମାଞ୍ଚଳର ତନୁସ କୋଟିଆନ୍ ଓ ତୁଷାର ଦେଶପାଣ୍ଡେଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୧୦ ଓଭର ବ୍ୟାଟିଂ କରି ୨ ୱିକେଟରେ ୩୧ ରନ୍ ସଂଗ୍ରହ କରିନେଇଥିଲା।

# ପ୍ରିୟବ୍ରତ ସ୍ମାରକୀ ୧୦ ରେଡ୍ ସ୍ନୁକର ଆଜିଠାରୁ

ଭୁବନେଶ୍ୱର,୨୩।୮ (ସମିସ)



ବିଲିଆର୍ଡସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ ୧୦ ରେଡ୍ ବଲ ସ୍ନୁକର ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଭୁବନେଶ୍ୱର କ୍ଲବ୍ ପରିସରରେ ଥିବା ଭିଣ୍ଟେଜ୍ ଟେବୁଲ ଉପରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଅଗଷ୍ଟ ୨୪ ବା ସୋମବାରରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଏଥିରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟ ସମୂହରୁ ୭୨ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରାଜ୍ୟ ବାହାରୁ ଏଥିରେ ୧୧ଜଣ ଉଚ୍ଚ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି ଖେଳୁଛନ୍ତି।

ଭୁବନେଶ୍ୱର କ୍ଲବ୍ ଏବଂ ବିଲିଆର୍ଡ୍‌ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ)ର ମିଳିତ ସହଯୋଗରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନଙ୍କୁ ୫୦, ୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି, ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୧୦,୦୦୦ ଲେଖାଏଁ ଓ କ୍ୱାର୍ଟରଫାଇନାଲରେ ପରାଜିତ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆଜି ଟ୍ରଫି ଓ ଲୋଗୋ ଉନ୍ମୋଚନ କରିଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଭୁବନେଶ୍ୱର କ୍ଲବ୍‌ର ସଭାପତି ପ୍ରଦୀପ ଜେନା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଅନୀଲ ସାମଲ, ବିଏସ୍‌ଏଓ ସମ୍ପାଦକ ସମୀର ଅଲିଙ୍କ ସହ କ୍ଲବ୍ ଓ ବିଏସ୍‌ଏଓର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଗୋବିନ୍ଦ ଶର୍ମା ସଭା ପରିଚାଳନା କରିଥିଲେ।

୨୩ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ସିଚେମ୍ ଟ୍ରଫି କ୍ରିକେଟ

# ଶ୍ରେୟାଂଶଙ୍କ ଅର୍ଦ୍ଧଶତକ: ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍

ପୁଡୁଚେରୀ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଚେମ୍ କ୍ୟାପ୍ ଗ୍ରାଉଣ୍ଡ-୩ରେ ଆମନ୍ତ୍ରଣ ମୂଳକ କ୍ରିକେଟ୍ ପ୍ରତିଯୋଗିତାର ଅନ୍ତଃରାଜ୍ୟ ୨୩ ବର୍ଷରୁ କମ୍ ଦୁଇଦିନିଆ ମ୍ୟାଚ୍‌ରେ ଓଡ଼ିଶା ଓ ବାରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ ନେଇଥିଲା। ପ୍ରଥମ ଦିନରେ ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍ ହୋଇଛି। ଦଳ ପ୍ରଥମ ଇନିଂସରେ ୬୪.୫ ଓଭରରେ ଦଳ ସମସ୍ତ ୱିକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୬୯ ରନ୍ କରିଥିଲେ। ସେ ୧୦୮ ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ବରୋଦାର କୀୟୁର କାଲେ ଓ ଦୀପ ପଟେଲ ଓଡ଼ିଶାର ବ୍ୟାଟିଂକୁ ଚାପରେ ରଖି ପ୍ରତ୍ୟେକେ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବରୋଦା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଗୋଟିଏ ୱିକେଟ ହରାଇ ୧୬୩ ରନ ପଛରେ ପଡ଼ିଛି। ନିତ୍ୟ ପାଣ୍ଡ୍ୟା ୧୨ ରନ୍‌ରେ ଏବଂ ଆୟୁଷ ୬ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ଗୋଟିଏ ୱିକେଟ୍ ନେଇଛନ୍ତି।

ଜାତୀୟ ଜୁନିଅର ଜଳକ୍ରୀଡ଼ା ଉଦ୍‌ଯାପିତ

# କର୍ଣ୍ଣାଟକ ଚାମ୍ପିଅନ




ଭୁବନେଶ୍ୱର,୨୩।୮ (ସମିସ): ରାଜ୍ୟ ସନ୍ତରଣ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ ଓଭର ଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କର୍ଣ୍ଣାଟକରୁ ୨ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିଥିଲାବେଳେ ସର୍ବାଧିକ ୬୨୪ ପଏଣ୍ଟ ପାଇଥିଲା। କର୍ଣ୍ଣାଟକର ଉଭୟ ବାଳକ ଓ ବାଳିକା ସହ ପଏଣ୍ଟ ଓ ପଦକରେ ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ବ୍ୟକ୍ତିଗତ ବିଭାଗରେ ଆସାମର ତୀର୍ଥଙ୍କ ପେଗୁ ଓ କର୍ଣ୍ଣାଟକର ଏସ୍ ଶରଣ, ବାଳିକା ବିଭାଗରେ କର୍ଣ୍ଣାଟକର ଶ୍ରୀ ଚରଣି ଟୁମ୍ମୁ ଓ ମହାରାଷ୍ଟ୍ରର ସାନ୍‌ଭି ଦେଶୱାଲ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ଶେଷରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାଏକ, ଡେପୁଟି ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ ଓ ସୌମ୍ୟ ସାର୍ଥକ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ସନ୍ତରଣ ସଂଘର ଅନୀଲ ବ୍ୟାସ୍, କମଲେଶ ନାନାବତୀ, ଓଡ଼ିଶା ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସାଧାରଣ ସମ୍ପାଦକ ଗୋଲାପମଣି ମହାନ୍ତ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS